

◀◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-127 ♦SUNDAY ♦1 NOVEMBER 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୨୭ ♦ରବିବାର ♦୧ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨+୪(ସିନ୍ଦୂରା) ♦ଟ.୭.୦୦





ଚରମ ଅବହେଳା

ବିପର୍ଯ୍ୟୟ ପାଇଁ ଦାୟୀ କିଏ ?

ଓଡ଼ିଶାର ଦଶବ୍ଦି ସୁନାମକୁ ଧୋଇନେଲା ଛୋଟିଆ ବାତ୍ୟା 'ଅର୍ଣ୍ଣବ'

ପାଣିପାଗ ବିଭାଗ ବାତ୍ୟା ଅର୍ଣ୍ଣବର ଭୂସ୍ପର୍ଶ ସ୍ଥାନ, ସମୟ ସହ ଓଡ଼ିଶାରେ ପ୍ରବଳ ବର୍ଷା ଆକଳନ କରିଥିଲା । ୬ ଜିଲ୍ଲା ପାଇଁ ରେଡ୍ ଆଲର୍ଟ, ୧୬ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିଲା । ସରକାର ଓ ପ୍ରଶାସନ ଘନଘନ ବୈଠକ କରିଥିଲେ । ଏଥିପାଇଁ ପୁରା ପ୍ରସ୍ତୁତ ଥିବା, 'ଶୂନ୍ୟ ମୃତାହତ' ଲକ୍ଷ୍ୟ ନେଇ କାମ କରୁଥିବା ବି କହିଥିଲେ; ମାତ୍ର ବର୍ଷା ଓ ପରବର୍ତ୍ତୀ ସମୟରେ ବନ୍ୟା ଗଞ୍ଜାମ, ଗଜପତି, କନ୍ଧମାଳ ଜିଲ୍ଲାରେ ଯେଉଁ ଧ୍ୱଂସଲୀଳା ସୃଷ୍ଟି କଲା, ତାହା ଅବର୍ଣ୍ଣନୀୟ । ଋଷିକୂଲ୍ୟା ନଦୀ ଓ ଏହାର ଅବବାହିକାରେ ଡ୍ୟାମଗୁଡ଼ିକର ପରିଚାଳନାରେ ତ୍ରୁଟି, ବିନା ସାଇରନ୍ ଓ ଆଗୁଆ ସୂଚନାରେ ଜଳ ନିଶ୍ୱାସନ ସୃଷ୍ଟି କରିଛି ଭୟଙ୍କର ପରିସ୍ଥିତି । ବନ୍ୟାରେ କେତେ ମୃତାହତ ହୋଇଛନ୍ତି, ତାହାର ସୂଚନା ଏବେ କାହାରି ପାଖରେ ନାହିଁ । ଅନେକ ପଶୁଧନ ନଷ୍ଟ ହୋଇଛନ୍ତି, ଲୋକେ ନିଜର ଜୀବନଯାକର ଅର୍ଜିତ ସମ୍ପତ୍ତି ହରାଇଛନ୍ତି, ସେମାନଙ୍କ ବର୍ଷସାରାର ଫସଲ ବି ନଷ୍ଟ ହୋଇ ଯାଇଛି । ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା, ପ୍ରଶାସନର ଉଦାସିନତା, ସରକାରଙ୍କ ଉପରଠଉରିଆ ପରିଚାଳନା ବ୍ୟବସ୍ଥା ତିନି ଜିଲ୍ଲାର ଲକ୍ଷଲକ୍ଷ ଲୋକଙ୍କ ଜୀବନଜୀବିକାକୁ ଉଜାଡ଼ି ଦେଇଛି ।

- ବିନା ସାଇରନରେ ଅଧ ରାତିରେ ଖୋଲିଲା ଡ୍ୟାମ୍
- ଲକ୍ଷଲକ୍ଷ ଲୋକ ହରାଇଲେ ଜୀବନର ସଞ୍ଚିତ ସମ୍ପତ୍ତି
- ଧୋଇଗଲା ରାସ୍ତା, ପୋଲ, ଘରଦ୍ୱାର, ଦୋକାନ
- ହଜାର ହଜାର ହେକ୍ଟର ଜମିର ଫସଲ ସମ୍ପୂର୍ଣ୍ଣ ନଷ୍ଟ
- ୧୯୯୦ ବନ୍ୟାକୁ ବଳିଗଲା ଚଳିତ ବର୍ଷର ଦୁଃଖ

■ ଭୁବନେଶ୍ୱର, ୩୧।୧୦ (ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ପ୍ରବଳ ବର୍ଷା ଓ ପରବର୍ତ୍ତୀ ବନ୍ୟା ଦକ୍ଷିଣ ଓଡ଼ିଶାରେ ସୃଷ୍ଟି କରିଥିବା ପ୍ରଚଣ୍ଡ ବିପର୍ଯ୍ୟୟ ପ୍ରଶାସନିକ ଅବହେଳାକୁ ସ୍ପଷ୍ଟ ଇଙ୍ଗିତ କରିଛି । ଗଞ୍ଜାମ, ଗଜପତି ଓ କନ୍ଧମାଳର ବିପର୍ଯ୍ୟସ୍ତ ସ୍ଥିତିକୁ ଦେଖିଲେ ଏହା ଜଳଜଳ ଦିଶୁଛି । ବିଶେଷକରି ଗୋଟିଏ ବାତ୍ୟା ଓ ତଜ୍ଜନିତ ବନ୍ୟା ଜଳସମ୍ପଦ ବିଭାଗର ଡ୍ୟାମ୍ ପରିଚାଳନା, ସରକାରଙ୍କ ଆଗୁଆ ପ୍ରସ୍ତୁତି, ପ୍ରଶାସନର ବନ୍ୟା ପରିଚାଳନା ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଦେଇଛି । ବର୍ଷାର ସମ୍ଭାବନା ସମ୍ପର୍କରେ ଆଗୁଆ ସୂଚନା ଥିବ ସତ୍ତ୍ୱେ ବିପର୍ଯ୍ୟୟର ମୁକାବିଲାରେ ଏତେ ବଡ଼ ବିଫଳତା କାହିଁକି ଦେଖାଦେଲା, ତାହାର ଉତ୍ତର କାହାରି ପାଖରେ ନାହିଁ ।

ମାଲକାନଗିରିରେ ପ୍ରବଳ ବର୍ଷାର ଆଶଙ୍କାକୁ ନେଇ ସମଗ୍ର ପ୍ରଶାସନିକ କଳ ସେହି ଜିଲ୍ଲା ଉପରେ ନଜର ରଖିଥିବାବେଳେ ଗଞ୍ଜାମ, ଗଜପତି ଓ କନ୍ଧମାଳରେ ସମ୍ଭାବ୍ୟ ସ୍ଥିତିକୁ ଗୁରୁତ୍ୱ ଦିଆଗଲା ନାହିଁ । ଏପରିକି ଗଞ୍ଜାମ ଓ ଗଜପତି ପାଇଁ ପାଣିପାଗ ବିଭାଗର ରେଡ୍ ଆଲର୍ଟ ଅନୁସାରେ ଜଳସମ୍ପଦ ବିଭାଗ ଓ ଜିଲ୍ଲା ପ୍ରଶାସନ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା କରିଥିଲେ କି ନାହିଁ, ତାହା ସନ୍ଦେହ ସୃଷ୍ଟି କରିଛି । ଜଳସମ୍ପଦ ବିଭାଗର ତଳଠାରୁ ଉପର ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ବର୍ଷା ସମ୍ଭାବନା ଓ ଜଳପ୍ରବାହ ସମ୍ପର୍କିତ ସୂଚନା ଥିବା ସତ୍ତ୍ୱେ ଶେଷ ମୁହୂର୍ତ୍ତଯାଏ କାହିଁକି ଅପେକ୍ଷା କରାଗଲା ବୋଲି ପ୍ରଶ୍ନ ଉଠିଛି ।

ସବୁଠାରୁ ସାଂଘାତିକ ଅଭିଯୋଗ ଉଠିଛି ଋଷିକୂଲ୍ୟା ଅବବାହିକାର ଜଳଭଣ୍ଡାରଗୁଡ଼ିକର ପରିଚାଳନାକୁ ନେଇ । ଘୋଡ଼ାହାଡ଼, ବାଘଲଟି, ବାହୁଡ଼ା, ଦହ, ସୋରଡ଼ା ଓ ଭଞ୍ଜନଗର ଅଞ୍ଚଳର ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଓ ▶ପୃଷ୍ଠା-୭

ବାତ୍ୟାରେ ୪ ମୃତ, ୧୨ ନିଖୋଜ: ଏସ୍ଆରସି

■ ଭୁବନେଶ୍ୱର, ୩୧।୧୦ (ସମିସ): ପ୍ରାକୃତିକ ବିପର୍ଯ୍ୟୟରେ ଶୂନ୍ୟ ମୃତ୍ୟୁ ଲକ୍ଷ୍ୟ ହାସଲ କରିବା ପାଇଁ ସରକାର ପୂର୍ବରୁ ଘୋଷଣା କରିଥିବାବେଳେ ବାତ୍ୟା ଅର୍ଣ୍ଣବ ଦକ୍ଷିଣ ଓଡ଼ିଶାରେ ବ୍ୟାପକ ବିପର୍ଯ୍ୟୟ ସୃଷ୍ଟି କରିଛି । ଏଥିରେ ବର୍ତ୍ତମାନ ସୁଦ୍ଧା ୪ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୧୨ ଜଣ ନିଖୋଜ ରହିଛନ୍ତି । ତେବେ ଏହି ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ସ୍ୱତନ୍ତ୍ର ରିଲିଫ କମିସନର ପ୍ରଭାକର ପାଟିଲ ଆଜି ସ୍ୱୀକାର କରିଛନ୍ତି ଯେ ଅର୍ଣ୍ଣବ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି । ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ▶ପୃଷ୍ଠା-୭

ପୂରା ଗାଁକୁ ମାଡ଼ିବସିଲା ପାହାଡ଼

ଗିଡ଼ିପାବାଲ୍ଲୀରେ ଜଣେ ମୃତ, ୧୨ ନିଖୋଜ





■ ଭଞ୍ଜନଗର ୩୧।୧୦ (ସମିସ): କନ୍ଧମାଳ ଜିଲ୍ଲା ସୀମାନ୍ତରେ ଥିବା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ବାଇବାଲି ପଞ୍ଚାୟତର ଗିଡ଼ିପାବାଲି ଗାଁ ଭୂସ୍ଖଳନରେ ସମ୍ପୂର୍ଣ୍ଣ ଭାବେ ଧ୍ୱସ୍ତ ହୋଇଛି । ସେଠାରେ ରହୁଥିବା ୯ଟି ପରିବାରର ୨୬ଜଣଙ୍କ ମଧ୍ୟରୁ ୧୧ଜଣ ସୁରକ୍ଷିତ ଥିବା ବେଳେ ଶନିବାର ରବି ମଲ୍ଲିକ ନାମକ ଜଣେ ବ୍ୟକ୍ତିଙ୍କର ମୃତଦେହକୁ ଉଦ୍ଧାରକାରୀ ଦଳ ମାଟି ତଳୁ ବାହାର କରିଛନ୍ତି । ୧୨ଜଣ ବର୍ତ୍ତମାନ ସୁଦ୍ଧା ନିଖୋଜ ଅଛନ୍ତି । ଶନିବାର ସନ୍ଧ୍ୟା ହୋଇଯିବାକୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି ।

ସୂଚନାନୁସାରେ, ବୁଧବାର ରାତି ପ୍ରାୟ ୩ଟା ସମୟରେ ସମସ୍ତେ ନିଜ ନିଜ ଘରେ ଶୋଇଥିଲେ । ହଠାତ୍ ଏକ ବିରାଟ ଶବ୍ଦ ଶୁଣାଗଲା । କିଛି ବୁଝିବା ପୂର୍ବରୁ ପାହାଡ଼ ଉପରୁ ମାଟି, ପଥର, ଗଛ ଓ ପାଣିର ବିଶାଳ ସ୍ରୋତ ଗ୍ରାମ ଭିତରକୁ ମାଡ଼ି ଆସି ଘରଗୁଡ଼ିକୁ ପୋତି ଦେଇଥିଲା । ଏହି ବିଭୀଷିକା ମଧ୍ୟରେ ୧୧ ଜଣ ଅଳ୍ପକେ ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ । ଭୂସ୍ଖଳନ ପରେ ଘରଦ୍ୱାର ଓ ସମସ୍ତ ସମ୍ପତ୍ତି ହରାଇଥିବା ଏହି ଲୋକମାନେ ବୁଧବାର ରାତିରୁ ଭୋକ ଓ ଶୋଷରେ ପାହାଡ଼ ପର୍ବତ ମଧ୍ୟରେ ଆଶ୍ରୟ ନେଇଥିଲେ । ଦୀର୍ଘ ସମୟର ସଂଘର୍ଷ ପରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ସମୟରେ କତିଙ୍ଗିଆ ପଞ୍ଚାୟତର କିଲାପାଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳରେ ପହଞ୍ଚି ଆଶ୍ରୟ ନେଇଥିଲେ ।

ବର୍ତ୍ତମାନ ସୁଦ୍ଧା ଗ୍ରାମର ସନମନ ପ୍ରଧାନ, ବଳଦେବ ପ୍ରଧାନ, ବିଜୟ ପ୍ରଧାନ, ପ୍ରତାପ ପ୍ରଧାନ, ଜୟନ୍ତୀ ପ୍ରଧାନ, ପଦ୍ମା ପ୍ରଧାନ, ଦୁର୍ଗାସିନୀ ପ୍ରଧାନ, ବିଜୟଲକ୍ଷ୍ମୀ ପ୍ରଧାନ, ରାଜଲକ୍ଷ୍ମୀ ପ୍ରଧାନ, ଚିଙ୍ଗୁ ପ୍ରଧାନ, ତାରାବତୀ ପ୍ରଧାନ ଓ ସୁମିତ୍ରା ପ୍ରଧାନଙ୍କର ବର୍ତ୍ତମାନ ସୁଦ୍ଧା କୌଣସି ପତ୍ତା ମିଳିନାହିଁ । ଗଞ୍ଜାମ ▶ପୃଷ୍ଠା-୭

ନିଖୋଜଙ୍କୁ ଖୋଜିବ ନାଭାଲ ହେଲିକପ୍ଟର

ନିଖୋଜ ଲୋକଙ୍କୁ ଖୋଜିବାକୁ ଲାଇଭ୍ ଡିଟେକ୍ସନ ୟୁନିଟର ସହାୟତା ନେଇଛନ୍ତି ରାଜ୍ୟ ସରକାର । ଲାଇଭ୍ ଡିଟେକ୍ସନ୍ ୟୁନିଟ୍ ସିଗମିକ୍ ସହ ଉଡ଼ିବ ନାଭାଲ ହେଲିକପ୍ଟର । ସମ୍ପୂର୍ଣ୍ଣ ଅଞ୍ଚଳକୁ ସ୍କାନ୍ କରାଯିବ । ଭୂକମ୍ପ, ଭୂସ୍ଖଳନ, କୋଠା ଭୁଶୁଡ଼ିବା ସମୟରେ ଜୀବନ ସନ୍ଧାନ ପାଇଁ ଏହା ବ୍ୟବାହର ହୋଇଥାଏ । ମାଟି, ପଥର କିମ୍ବା ଭଗ୍ନାବଶେଷ ତଳେ ଚାପି ହୋଇଥିବା ଜୀବିତ ବ୍ୟକ୍ତିଙ୍କୁ ଖୋଜିବାରେ ଏହା ସହାୟକ ହୋଇଥାଏ । ମାନବ ଶରୀରର ସୂକ୍ଷ୍ମ ସ୍ପନ୍ଦନ, ହୃଦସ୍ପନ୍ଦନ, ଶ୍ୱାସକ୍ରିୟା ଏବଂ ଶରୀରର ତାପମାତ୍ରାକୁ ଏହି ଜ୍ଞାନକୌଶଳ ଚିହ୍ନଟ କରେ ।

ଜୀବନହାନିକୁ ନେଇ ନବୀନ ଉଦ୍‌ବିଗ୍ନ

ଲୋକଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ତ୍ୱରିତ୍ ପଦକ୍ଷେପ ନିଅନ୍ତୁ ସରକାର



■ ଭୁବନେଶ୍ୱର, ୩୧।୧୦ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅନ୍ତର୍ଗତ ଡାଙ୍ଗେସି ଗ୍ରାମରେ ଭୂସ୍ଖଳନରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ବି ଅନେକ ଲୋକେ ନିଖୋଜ ଅଛନ୍ତି । ଏପରି ଅଭାବନୀୟ ଘଟଣାକୁ ନେଇ ଉଦବେଗ ତଥା ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ଭୂସ୍ଖଳନ ଘଟି ▶ପୃଷ୍ଠା-୭

ମିଳିଲାନି ସହାୟତା

ବ୍ଲକ ଘେରିଲେ ବିପନ୍ନ

■ ଶେରଗଡ଼, ୩୧।୧୦ (ସମିସ): ନନ୍ଦିନୀ ନଦୀରେ ବନ୍ୟା ଜଳ ପ୍ରବାହିତ ଯୋଗୁଁ ଶେରଗଡ ବ୍ଲକର ବିଭିନ୍ନ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ବ୍ଲକର ହଜାର ହଜାର ଜନସାଧାରଣ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି । ଯଦିଓ ବନ୍ୟା ଜଳ କମିଛି ହେଲେ ବହୁ ସଂଖ୍ୟାରେ ବନ୍ୟା ବିପନ୍ନ ବର୍ତ୍ତମାନ ସୁଦ୍ଧା ନିଜ ଘରକୁ ଫେରି ନାହାନ୍ତି । ଏହି ପରିସ୍ଥିତିରେ ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ସମସ୍ତ ବିପନ୍ନ



ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ଶିଶୁଙ୍କ ଖାଦ୍ୟ, କିମ୍ବା ଆବଶ୍ୟକ ▶ପୃଷ୍ଠା-୭

ଜନଆକ୍ରୋଶର ବିସ୍ଫୋରଣ


ବିଭିନ୍ନ ସ୍ଥାନରେ ନେତା, ମନ୍ତ୍ରୀ ଓ ଅଫିସରଙ୍କୁ ତୀବ୍ର ବିରୋଧ

- ଖଲ୍ଲିକୋଟ ବିଧାୟକଙ୍କୁ ଆକ୍ରମଣ, ଆସ୍କା ବିଧାୟକଙ୍କୁ ବିରୋଧ
- ଶେରଗଡ଼ ବଜାରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଘେରିଲେ ଲୋକେ
- ସାନଖେମୁଣ୍ଡିରେ ବିଡିଓଙ୍କ ଗାଡ଼ି ଆଗରେ ଶୋଇଲେ ଗ୍ରାମବାସୀ
- ହିଞ୍ଜିଳି, ଖଲ୍ଲିକୋଟ, ଶେରଗଡ଼ ଓ ସୋରଡ଼ାରେ ଅସନ୍ତୋଷର ନିଆଁ



■ବ୍ରହ୍ମପୁର/ଶେରଗଡ଼/ପୁରୁଷୋତ୍ତମପୁର, ୩୧।୧୦ (ସମିସ): ବାତ୍ୟା ଚାଲିଗଲା, ହେଲେ ଗଞ୍ଜାମରୁ ହଟିନି ଦୁର୍ଦ୍ଦଶା । ବାତ୍ୟା ପରବର୍ତ୍ତୀ ପ୍ରବଳ ବର୍ଷା ଓ ବନ୍ୟା ଜିଲ୍ଲାର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । କେଉଁଠି ଘରେ ବନ୍ୟାଜଳ ପଶିଛି ତ ଆଉ କେଉଁଠି ଏକର ଏକର ଚାଷଜମି ଜଳମଗ୍ନ । ବିଦ୍ୟୁତ୍ ଯୋଗାଣ ଠପ୍, ପାନୀୟ ଜଳ ସଙ୍କଟ ଉତ୍କଟ ଏବଂ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ । ଏଭଳି ସମୟରେ ଲୋକଙ୍କ ନିକଟରେ ତ୍ୱରିତ ସହାୟତା ପହଞ୍ଚାଇବାରେ ପ୍ରଶାସନର ବିଳମ୍ବ ଏବେ ଅସନ୍ତୋଷକୁ ଆକ୍ରୋଶରେ ପରିଣତ କରିଛି । ଫଳରେ ଗଞ୍ଜାମରେ ସରକାରୀ ବ୍ୟବସ୍ଥା ଓ ଜନପ୍ରତିନିଧିଙ୍କ ବିରୋଧରେ ଜନତାଙ୍କ ଅସନ୍ତୋଷ ରାଜରାସ୍ତାକୁ ଓହ୍ଲାଇଛି । ଗତକାଲି ହିଞ୍ଜିଳିରେ ଖଣି ମନ୍ତ୍ରୀଙ୍କୁ ଲୋକଙ୍କ ବିରୋଧର ସାମ୍ନା କରିବାକୁ ପଡ଼ିଥିବାବେଳେ ଶନିବାର ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ଲୋକଙ୍କ ତୀବ୍ର ଅସନ୍ତୋଷର ଶିକାର ହୋଇଛନ୍ତି । ଶେରଗଡ଼ରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଘେରିଛନ୍ତି ଉତ୍ତ୍ୟକ୍ତ ଲୋକେ । ସାନଖେମୁଣ୍ଡିରେ ବିଡିଓଙ୍କ ▶ପୃଷ୍ଠା-୭

ବିଶେଷ ଟିପ୍ପଣୀ



ନିର୍ବାଚନ କମିସନ ପ୍ରତି ୭ଟି ଭୋଟରୁ ୧ଟି ଭୋଟକୁ ହଟାଇଥିବା ସ୍ୱୀକାର କରିଛନ୍ତି । ଅର୍ଥାତ୍ ୨୦୨୪ ନିର୍ବାଚନ ଅବୈଧ ଥିଲା । ଜ୍ଞାନେଶ ଏବଂ ତାଙ୍କ ସହଯୋଗୀ ଷଡଯନ୍ତ୍ରକାରୀମାନେ ଦେଶଦ୍ରୋହ କରିଛନ୍ତି ।

-ରାହୁଲ ଗାନ୍ଧୀ
(ଲୋକସଭା ବିରୋଧୀ ଦଳ ନେତା)



ଲାଲ ଗୁମ୍ବାଡର ବାସିନ୍ଦା କୁନ୍ନେ ଲାଲଙ୍କୁ ଭାରତୀୟ ନିର୍ବାଚନ କମିସନ ମୃତ ଘୋଷଣା କରିଛନ୍ତି । କିନ୍ତୁ ସେ ଆଜି ସିଇସି ଜ୍ଞାନେଶ କୁମାରଙ୍କ ଜନ ମହାଭିଯୋଗରେ ଉପସ୍ଥିତ ଅଛନ୍ତି ।

- ଶଶି ଥରୁର (କଂଗ୍ରେସ ଲୋକସଭା ସାଂସଦ

ଜେନ୍ Z

୧୨ ବର୍ଷ ଧରି କ୍ଷମତାରେ ରହିବା ପରେ, ମୋଦୀ ସରକାର ଚୀନ୍ ଉତ୍ପାଦର ଗୁଣାତ୍ମକ ଭାରତୀୟ ବିକଳ୍ପ ଯୋଗାଇବାରେ ବିଫଳ ହୋଇଛନ୍ତି । ଏହାକୁ ସେମାନେ ଜନତାଙ୍କ ଦେଶପ୍ରେମ ଅଭାବ ବୋଲି କହୁଛନ୍ତି । ନିଜ ବିଫଳତାର ଦୋଷ ଲୋକଙ୍କ ଉପରେ ଲଦିବା ସେମାନଙ୍କର ଅଭ୍ୟାସ ।

-ସରଳ ପଟେଲ @SaralPatel

ଯୁଦ୍ଧ ଆଶଙ୍କା; ୟୁରୋପରେ ଆଲର୍ଟ

୭ ଦିନ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ପରାମର୍ଶ

ନୂଆଦିଲ୍ଲୀ,୩୧ ।୧୦(ଏଜେନ୍ସି): ଆମେରିକା ସମେତ ୟୁରୋପରେ ଏବେ ଭୟର ବାତାବରଣ । ପ୍ରାକୃତିକ ବିପର୍ଯ୍ୟୟ ଓ ସମ୍ଭାବ୍ୟ ଯୁଦ୍ଧ ଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ସମଗ୍ର ୟୁରୋପରେ ଆଲର୍ଟ ଜାରି କରାଯାଇଛି । ଘରେ ଜରୁରୀ ସାମଗ୍ରୀ ମହଜୁଦ ରଖିବାକୁ ବିଭିନ୍ନ ଦେଶ ସେମାନଙ୍କ ନାଗରିକଙ୍କୁ ପରାମର୍ଶ ଦେଉଛନ୍ତି । ଆମେରିକା, ବ୍ରିଟେନ୍, ଜାପାନ ସମେତ ୟୁରୋପର ଅନେକ ଦେଶ ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଛନ୍ତି । ତିନି ଦିନରୁ ଆରମ୍ଭ କରି ପ୍ରାୟ ଦୁଇ ସପ୍ତାହ ପର୍ଯ୍ୟନ୍ତ ଜରୁରୀ ସାମଗ୍ରୀ ସଂରକ୍ଷିତ ରଖିବାକୁ କୁହାଯାଇଛି । ଆବଶ୍ୟକ ପଡ଼ିଲେ କିଛି ଦିନ ପର୍ଯ୍ୟନ୍ତ ନିଜ ବ୍ୟବସ୍ଥାରେ ଚଳିବା ପାଇଁ ନାଗରିକଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ତେବେ କେଉଁ କାରଣ ପାଇଁ ଏଭଳି ବ୍ୟବସ୍ଥା କରାଯାଉଛି, ତାହା ନିର୍ଦ୍ଦିଷ୍ଟ ଭାବେ କୁହାଯାଉନାହିଁ । ଏହାକୁ ନେଇ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । କିନ୍ତୁ ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରୁଷିଆ ଆକ୍ରମଣ ଭୟରେ ଆମେରିକା ଓ ୟୁରୋପରେ ଏଭଳି ସତର୍କତା ଅବଲମ୍ବନ କରାଯାଉଛି ।

ବ୍ରିଟେନ୍‌ର 'ବି ରେଡି' ଅଭିଯାନରେ ଅତିକମ୍‌ରେ ୩ ଦିନ ପାଇଁ ଆବଶ୍ୟକ ସାମଗ୍ରୀ ରଖିବାକୁ କୁହାଯାଇଛି । ଜାପାନ ନଭେମ୍ବର ୨ରେ ଏ ସଂକ୍ରାନ୍ତରେ ଯୋଜନା ଘୋଷଣା କରିବାର ସମ୍ଭାବନା ରହିଛି । ଜର୍ମାନୀରେ ୧୦ ଦିନ, ନରୱେ ଓ ସ୍ୱିଡେନ୍‌ରେ ୭ ଦିନ, ଫିନଲାଣ୍ଡ, ଫ୍ରାନ୍ସ ଓ ଚେକ୍ ଗଣରାଜ୍ୟରେ ୭୨ ଘଣ୍ଟା ପାଇଁ



ଜରୁରୀ ସାମଗ୍ରୀ ରଖିବାକୁ ପରାମର୍ଶ ରହିଛି । ୟୁରୋପୀୟ ସଂଘ ମଧ୍ୟ ଅତିକମ୍‌ରେ ୭୨ ଘଣ୍ଟା ପାଇଁ ପ୍ରସ୍ତୁତ ରହିବାକୁ କହିଛି ।। ନରୱେର ମାର୍ଗଦର୍ଶିକାରେ ଖରାପ ପାଣିପାଗ, ମହାମାରୀ, ଦୁର୍ଘଟଣା, ଅନ୍ତର୍ଘାତୀ କାର୍ଯ୍ୟ ଏବଂ ଯୁଦ୍ଧ ଭଳି ପରିସ୍ଥିତିକୁ ସମ୍ଭାବ୍ୟ ବିପଦ ଭାବେ ଉଲ୍ଲେଖ କରାଯାଇଛି । ମାର୍ଗଦର୍ଶିକା ଅନୁସାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଦୈନିକ ଅତିକମ୍‌ରେ ୩ ଲିଟର ପାଣି ରଖିବା ଉଚିତ । ଦୀର୍ଘ ସମୟ ରହିପାରୁଥିବା ଖାଦ୍ୟ ଯଥା ଶୁଖିଲା ଫଳ, ବାଦାମ, ବିସ୍କୁଟ, ଟିଣବନ୍ଦ ମାଛ, ମାଂସ ଓ ପନିପରିବା ରଖିବା ଆବଶ୍ୟକ । ସେହିପରି ପାୱାର ବ୍ୟାଙ୍କ, ଚାର୍ଜିଂ କେବୁଲ୍, ଟର୍ଚ୍ଚ, ଅତିରିକ୍ତ ବ୍ୟାଟେରି ଓ ବ୍ୟାଟେରିଚାଳିତ ରେଡିଓ ରଖିବା ଦରକାର । ନିୟମିତ

ଆମେରିକା, ଜାପାନରେ ବି ଆତଙ୍କର ବାତାବରଣ

ଖାଉଥିବା ଔଷଧ ସହ ପ୍ରାଥମିକ ଚିକିତ୍ସା ବାକ୍ସ, ବ୍ୟାଣ୍ଡେଜ୍, ତୁଳା, ଥର୍ମମିଟର ଓ ଆଣ୍ଟିସେପ୍ଟିକ୍ ରଖିବା ଉଚିତ । ସାବୁନ, ଟୁଥ୍‌ବ୍ରଶ୍, ଟୁଥ୍‌ପେଷ୍ଟ, ଟଏଲେଟ୍ ପେପର, ଓଦା ଟିସୁ ସହ କିଛି ନଗଦ ଟଙ୍କା ରଖିବା ଆବଶ୍ୟକ । ପରିଚୟପତ୍ର, ବୀମା ଓ ଚିକିତ୍ସା ସମ୍ପର୍କିତ କାଗଜପତ୍ରର ନକଲ ମଧ୍ୟ ସୁରକ୍ଷିତ ରଖିବାକୁ କୁହାଯାଇଛି । ଆମେରିକାରେ ମଧ୍ୟ ଆଲର୍ଟ ଜାରି କରାଯାଇଛି । ଆମେରିକା ବାହାରେ ଥିବା ଏହାର ସାମରିକ ଘାଟୀରେ ବିଶେଷ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପରିସ୍ଥିତିର ମୁକାବିଲା ଲାଗି ତିନି ମାସ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ବହଜୁଦ ରଖିବା ଲାଗି ଟ୍ରମ୍ପ ପ୍ରଶାସନ ସାମରିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ୟୁପିରେ କଟିଛନ୍ତି ୧.୨୭ କୋଟି ହିନ୍ଦୁ ଭୋଟର: ଯୋଗୀ

ଲକ୍ଷ୍ନୌ,୩୧ ।୧୦(ଏଜେନ୍ସି): ଉତ୍ତରପ୍ରଦେଶର ଭୋଟର ତାଲିକାରୁ ୧.୨୭ କୋଟି ହିନ୍ଦୁଙ୍କ ନାମ ବାଦ୍ ପଡ଼ିଥିବା ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ଶୁକ୍ରବାର ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସେ ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଉପରେ ସତର୍କ ନଜର ରଖିବାକୁ ଦଳୀୟ କର୍ମୀଙ୍କୁ କହିଛନ୍ତି । ଯୋଗୀଙ୍କ ଦାବି ଅନୁସାରେ, ଉତ୍ତରପ୍ରଦେଶରେ ୧୬ କୋଟିରୁ ଅଧିକ ଭୋଟର ରହିବା କଥା । କିନ୍ତୁ ବର୍ତ୍ତମାନ ଭୋଟରଙ୍କ ସଂଖ୍ୟା ପ୍ରାୟ ୧୩ କୋଟି । ପଞ୍ଚାୟତ ଭୋଟର ତାଲିକାରେ ଥିବା ୬୬ ଲକ୍ଷ ଲୋକଙ୍କ ନାମ ବିଧାନସଭା ଭୋଟର ତାଲିକାରେ ନାହିଁ ବୋଲି ସେ କହିଛନ୍ତି । ସେହିପରି ୫୫ ଲକ୍ଷ ସରକାରୀ ଯୋଜନାର ହିତାଧିକାରୀ ଏବଂ ୧୮ରୁ ୧୯ ବର୍ଷ ବୟସର ପ୍ରାୟ ୪.୫ ଲକ୍ଷ ଯୁବକଯୁବତୀଙ୍କ ନାମ ମଧ୍ୟ ତାଲିକାରେ ନଥିବା ତାଙ୍କ ଦାବି । ବୁଥ୍‌ସ୍ତରୀୟ ଅଧିକାରୀଙ୍କ (ବିଏଲ୍‌ଓ) ସହ ସମନ୍ୱୟ ରଖି ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ସାମିଲ କରାଇବାକୁ ସେ ଦଳୀୟ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁଯାୟୀ, ଏସ୍‌ଆଇଆର୍ ପରେ ଉତ୍ତରପ୍ରଦେଶରୁ ୨.୦୪ କୋଟି ଭୋଟରଙ୍କ ନାମ ବାଦ୍ ପଡ଼ିଥିବା ବେଳେ ୮୪ ଲକ୍ଷରୁ ଅଧିକ ନୂଆ ଭୋଟର ସାମିଲ ହୋଇଛନ୍ତି । ଫଳରେ ମୋଟ ଭୋଟରଙ୍କ ସଂଖ୍ୟା ୧୩ କୋଟି ୩୯ ଲକ୍ଷ ୮୪ ହଜାର ୭୯୨ରେ ପହଞ୍ଚିଛି ।

ଜୋତା କାରଖାନାରେ ନିଆଁ; ୪ ମୃତ

ନୂଆଦିଲ୍ଲୀ,୩୧ ।୧୦(ଏଜେନ୍ସି): ଦିଲ୍ଲୀର ମଙ୍ଗୋଲପୁରୀ ଶିଳ୍ପାଞ୍ଚଳ ଫେଜ୍-୧ରେ ଥିବା ଏକ ଜୋତା କାରଖାନାରେ ଶୁକ୍ରବାର ରାତି ପ୍ରାୟ ୯ଟା ୩୦ରେ ଭୟାବହ ଅଗ୍ନିକାଣ୍ଡ ଘଟି ୪ ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୨ ଜଣ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଉଦ୍ଧାରକାରୀ ଦଳ କାରଖାନା ଭିତରୁ ୬ ଜଣଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ସଞ୍ଜୟ ଗାନ୍ଧୀ ମେମୋରିଆଲ ହସ୍ପିଟାଲକୁ ପଠାଇଥିଲେ । ଏହାବ୍ୟତୀତ କୋଠାର ଚତୁର୍ଥ ମହଲାରୁ ଆଉ ୫ ଜଣଙ୍କୁ ଉଦ୍ଧାର କରାଯାଇଛି । ଦିଲ୍ଲୀ ଅଗ୍ନିଶମ ସେବାର ସହକାରୀ ଡିଭିଜନାଲ ଅଧିକାରୀ ପରାସ କୁମାରଙ୍କ ସୂଚନା ଅନୁଯାୟୀ, କାରଖାନାର ତଳ ମହଲାରେ ନିଆଁ ଲାଗିଥିଲା । ଏହା ଜୋତା ତିଆରି ଓ ଗଚ୍ଛିତ ରଖିବା କାର୍ଯ୍ୟରେ ବ୍ୟବହୃତ ହେଉଥିଲା । ନିଆଁକୁ ଆୟତ୍ତ କରାଯାଇଛି ଏବଂ ଥଣ୍ଡା କରିବା ପ୍ରକ୍ରିୟା ଚାଲିଛି । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ । ସୂଚନାଯୋଗ୍ୟ, ଚଳିତ ବର୍ଷ ଦିଲ୍ଲୀରେ ଅଗ୍ନିକାଣ୍ଡ ଯୋଗୁଁ ୧୦୧ ଜଣଙ୍କ ମୃତ୍ୟୁ ହୋଇଛି । ଜୁନ୍ ମାସରେ ମାଳବୀୟ ନଗରର ଏକ ହୋଟେଲରେ ନିଆଁ ଲାଗି ୨୧ ଜଣଙ୍କ ଜୀବନ ଯାଇଥିଲା ।

ଜେଲରୁ ବାହାରିବା କ୍ଷଣି ଗିରଫ

ରାମପୁର, ୩୧ ।୧୦ (ଏଜେନ୍ସି): ୧୧ ମାସ ଧରି ଜେଲରେ ରହିବା ପରେ ଆଜି ସନ୍ଧ୍ୟା ବେଳେ ବାହାରକୁ ଆସିବା କ୍ଷଣି ସମାଜବାଦୀ ପାର୍ଟି ନେତା ଆଜମ ଖାନଙ୍କୁ ପୁଣି ଗିରଫ କରିନେଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି । ଉତ୍ତର ପ୍ରଦେଶର ମନ୍ତ୍ରୀ ଥିବା ବେଳେ ନିଜ ପଦର ଅପବ୍ୟବହାର ଏବଂ ଅର୍ଥ ହେରଫେର ମାମଲାରେ ତାଙ୍କୁ ଗିରଫ କରାଯାଇଛି । ସୂଚନାଯୋଗ୍ୟ ଯେ ଦୁଇଟି ପାନ୍ କାର୍ଡ ରଖିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଆଜାମ ଖାନ ଏବଂ ତାଙ୍କ ପୁଅ ଗତବର୍ଷ ନଭେମ୍ବରରୁ ରାମପୁର ଜେଲରେ ଥିଲେ । ତେବେ ଆହ୍ଲାବାଦ ହାଇକୋର୍ଟ ଏହି ରାୟ ଉପରେ ରୋକ ଲଗାଇବା ସହିତ ଆଜାମ ଖାନଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜି ସନ୍ଧ୍ୟା ବେଳେ ଆଜମ୍ ଜେଲରୁ ବାହାରିବା ମାତ୍ରେ ଜେଲ ବାହାରେ ସିଆରପି ଏବଂ ରାଜ୍ୟ ପୁଲିସକୁ ଧରି ଜଗି ରହିଥିବା ଇଡି ଖାନଙ୍କୁ ଗିରଫ କରିନେଇଥିଲା । ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ ଆଜମ ଖାନ୍ । ସେ ଅଭିଯୋଗ କରିଥିଲେ ସେ ମୁସଲମାନ ସଂପ୍ରଦାୟର ହୋଇଥିବାରୁ ତାଙ୍କୁ ଜାଣିଶୁଣି ଟାର୍ଗେଟ କରାଯାଉଛି । ଶିକ୍ଷାର ପ୍ରସାର ପାଇଁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିବାରୁ ତାଙ୍କୁ ଦଣ୍ଡିତ କରାଯାଉଛି ।

ପୋଲାଣ୍ଡରେ ଅଶାନ୍ତି; ବିଦେଶରୁ ଫେରିଲେ ରାଷ୍ଟ୍ରପତି

ୱାର୍ସ, ୩୧ ।୧୦ (ଏଜେନ୍ସି): ପୋଲାଣ୍ଡରେ ସାମ୍ବିଧାନିକ ଅଦାଲତର ମୁଖ୍ୟ ବିଚାରପତି ବୋଗଦାନ୍ ସ୍ୱିଏନ୍‌ଚକୋସ୍କି ଓ ଉପାଧ୍ୟକ୍ଷ ବାର୍ଟଲୋମିଜ୍ ସୋଚାନ୍‌ସ୍କିଙ୍କୁ ଜଣେ ବିଚାରପତି ନିଲମ୍ବନ କରିବା ପରେ ଦେଶରେ ରାଜନୈତିକ ଉତ୍ତେଜନା ଦେଖାଦେଇଛି । ଘଟଣାକୁ କେନ୍ଦ୍ର କରି ବିକ୍ଷୋଭ, ପୁଲିସ ମୁତୟନ ଓ ସରକାରଙ୍କ ବିରୋଧରେ କ୍ଷମତା ଦଖଲ ଅଭିଯୋଗ ଉଠିଛି । ଏହି ଘଟଣା ପରେ ରାଷ୍ଟ୍ରପତି କାରୋଲ ନାଭରୋକି ସେନେଗାଲ ଗସ୍ତ ଅଧାରୁ ବାତିଲ କରି ଦେଶକୁ ଫେରିଛନ୍ତି ।



ଅଦାଲତ ମୁଖ୍ୟଙ୍କୁ ବିଚାରପତିଙ୍କ ନିଲମ୍ବନ, ରାସ୍ତାକୁ ଓହ୍ଲାଇଲେ ସମର୍ଥକ

ଅକ୍ଟୋବର ୩୦ ସନ୍ଧ୍ୟାରେ ସାମ୍ବିଧାନିକ ଟ୍ରିବ୍ୟୁନାଲର ୱେବ୍‌ସାଇଟ୍‌ରେ ଦୁଇ ଶୀର୍ଷ ଅଧିକାରୀଙ୍କ ନିଲମ୍ବନ ସମ୍ପର୍କରେ ସୂଚନା ପ୍ରକାଶ ପାଇଥିଲା । ବରିଷ୍ଠତା ଆଧାରରେ ବିଚାରପତି ଆନ୍ନା କୋର୍ଡ୍ୱିନ୍-ପିଓଟ୍ରୋସ୍କା ଏହି ପଦକ୍ଷେପ ନେଇଥିବା ଏବଂ ଆଇନର ଶାସନ ପୁନଃସ୍ଥାପନ ପାଇଁ ଏହା ଜରୁରୀ ବୋଲି କହିଥିଲେ । ସେ ନିଜକୁ ଟ୍ରିବ୍ୟୁନାଲର ନେତୃତ୍ୱ ଦାୟିତ୍ୱରେ ଥିବା ଘୋଷଣା କରିଥିଲେ । ଏହାକୁ ବିରୋଧ କରି ଅଦାଲତ ପରିସର ବାହାରେ ଶତାଧିକ ଲୋକ ଏକାଠି ହୋଇଥିଲେ । ପରିସ୍ଥିତି ନିୟନ୍ତ୍ରଣ ପାଇଁ ଦଙ୍ଗା ନିୟନ୍ତ୍ରଣକାରୀ ପୁଲିସ ମୁତୟନ କରାଯାଇଥିଲା । ଟ୍ରିବ୍ୟୁନାଲର ଅଧିକାରିକ 'ଏକ୍ସ' ଆକାଉଣ୍ଟରେ ଏହି ଘଟଣାକୁ 'ସାମରିକ ବିଦ୍ରୋହ' ବା କ୍ଷମତା ଦଖଲ ଉଦ୍ୟମ ବୋଲି ଅଭିଯୋଗ କରାଯାଇଛି । ରାଷ୍ଟ୍ରପତି ନାଭରୋକି ମଧ୍ୟ ଦେଶକୁ ଫେରିବା ପରେ ଟ୍ରିବ୍ୟୁନାଲ ପରିସରରେ ପହଞ୍ଚିଥିଲେ । ଏହି ବିବାଦ ମଧ୍ୟରେ ଚୀନ୍‌ରେ ଅବସ୍ଥାପିତ ପୋଲାଣ୍ଡର ରାଷ୍ଟ୍ରଦୂତ ଜାକୁବ୍ କୁମୋଚ୍ ଇସ୍ତଫା ଦେଇଛନ୍ତି । ତେବେ ବୈଦେଶିକ ମନ୍ତ୍ରୀ ରାଡୋସ୍ଲା ସିକୋର୍ସ୍କି ତାଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କଙ୍କ ୟୁରୋପ ସମର୍ଥକ ସରକାର ୨୦୨୩ରେ କ୍ଷମତାକୁ ଆସିବା ପରଠାରୁ ନ୍ୟାୟପାଳିକାର ସ୍ୱାଧୀନତା ପୁନଃସ୍ଥାପନ ପାଇଁ ଉଦ୍ୟମ କରୁଛି ।

ଆମେରିକା ଆକ୍ରମଣ କଲେ କଡ଼ା ଜବାବ ଦେବୁ: ଇରାନ

ତେହେରାନ,୩୧ ।୧୦(ଏଜେନ୍ସି): ଆମେରିକା ସହ ପୁଣି ଯୁଦ୍ଧ ଆଶଙ୍କା ମଧ୍ୟରେ ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମେନି ଦେଶର ସଶସ୍ତ୍ର ବାହିନୀକୁ ତୁରନ୍ତ ସାମରିକ ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶତ୍ରୁପକ୍ଷର ଯେକୌଣସି ଧମକର ଜବାବ ତୁରନ୍ତ, ଶକ୍ତିଶାଳୀ ଓ ଭୌଗୋଳିକ ସୀମାବନ୍ଧନ ବିନା ଦେବାକୁ ସେ କହିଛନ୍ତି । ଶନିବାର ନିଜର ଟେଲିଗ୍ରାମ୍ ଆକାଉଣ୍ଟରେ ପ୍ରକାଶିତ ବାର୍ତ୍ତାରେ ମୋଜତବା ସେନାକୁ ଆମେରିକା ଓ ଇସ୍ରାଏଲ୍‌ର ସମସ୍ତ ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପତ୍ତିକୁ ଲକ୍ଷ୍ୟଭେଦ ପରିସରକୁ ଆଣିବା ପାଇଁ ତାଲିକା ପ୍ରକାଶ କରିବାକୁ କହିଛନ୍ତି । ଏଥିସହ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଉତ୍ପାଦନ ବୃଦ୍ଧି, ସାମରିକ ଗୁଇନ୍ଦା ବ୍ୟବସ୍ଥା ସୁଦୃଢ଼ କରିବା ଏବଂ ସ୍ୱଦେଶୀ ପ୍ରତିରକ୍ଷା କ୍ଷମତା ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପଟେ ୟେମେନ୍‌ରେ ସାଉଦି ନେତୃତ୍ୱାଧୀନ ମେଣ୍ଟ ଓ ଇରାନ ସମର୍ଥିତ ହୁତି ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ତୀବ୍ର ହୋଇଛି । ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସ୍ୱାଭାବିକ କରିବା ଏବଂ ଅବରୋଧ ହଟାଇବା ନେଇ ଆମେରିକା-ଇରାନ ମଧ୍ୟରେ ଆଲୋଚନା ଜାରି ରହିଛି । କତାର ମଧ୍ୟସ୍ଥତାରେ ଶୁକ୍ରବାର ତେହେରାନରେ ଆଲୋଚନା ହୋଇଥିଲେ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ମତଭେଦ ରହିଛି । ଯୁଦ୍ଧ ଆରମ୍ଭ ପରଠାରୁ ୫୬ ବର୍ଷୀୟ ମୋଜତବା ସର୍ବସାଧାରଣରେ ଦେଖାଦେଇନାହାନ୍ତି । ଲିଖିତ ବାର୍ତ୍ତା ଜରିଆରେ ସେ ନିଜ ମତ ରଖୁଛନ୍ତି । ଫେବୃଆରି ୨୮ରେ ତେହେରାନ୍ ଉପରେ ଆମେରିକାର ପ୍ରଥମ ଆକ୍ରମଣରେ ସେ ଆହତ ହୋଇଥିବା ଇରାନର ଧର୍ମଗୁରୁ ମୋହସେନ୍ ହେୟଦାରି ଦାବି କରିଛନ୍ତି ।

ହର୍ମୁଜ ମାଇନରେ ପିଟିହେଲା ଭାରତୀୟ ଜାହାଜ

ନୂଆଦିଲ୍ଲୀ,୩୧ ।୧୦(ଏଜେନ୍ସି): ହର୍ମୁଜ୍ ପ୍ରଣାଳୀରେ ୨୭ ଜଣ ଭାରତୀୟ ନାବିକ ଥିବା ଏକ ତୈଳବାହୀ ଜାହାଜ ଲିମ୍ପେଟ୍



ମାଇନ୍ ଆକ୍ରମଣର ଶିକାର ହୋଇଛି । ଶୁକ୍ରବାର ପାନାମା ପତାକାଧାରୀ ଏମ୍‌ଟି ଲୁଇସ୍-୧ ଟ୍ୟାଙ୍କରକୁ ଏକ ଛୋଟ ନୌକାରୁ ଦୁଇଟି ଲିମ୍ପେଟ୍ ମାଇନ୍ ଲଗାଇ ଦିଆଯାଇଥିବା ରଏଟର୍ସ ରିପୋର୍ଟରେ କୁହାଯାଇଛି । ବିସ୍ଫୋରଣ ଯୋଗୁଁ ଜାହାଜର ଇଞ୍ଜିନ୍ କକ୍ଷରେ ନିଆଁ ଲାଗିଥିଲା ଏବଂ କିଛି ସମୟ ପାଇଁ ଜାହାଜର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇଥିଲା । ତେବେ ନାବିକମାନେ ନିଆଁକୁ ଆୟତ୍ତ କରିବା ପରେ ଜାହାଜ ପୁଣି ଯାତ୍ରା ଜାରି ରଖିଛି । ଏଥିରେ କୌଣସି ପରିବେଶଗତ କ୍ଷତି ହୋଇନାହିଁ । ଓମାନର ଖାସାବ୍‌ଠାରୁ ୪୬ କିଲୋମିଟର ଉତ୍ତର-ପୂର୍ବରେ ଏହି ଘଟଣା ଘଟିଥିବା ବ୍ରିଟିଶ୍ ସାମୁଦ୍ରିକ ସୁରକ୍ଷା ସଂସ୍ଥା କହିଛି । ଫେବୃଆରିରେ ସଂଘର୍ଷ ଆରମ୍ଭ ହେବା ପରଠାରୁ ଏହି ଜଳପଥରେ ଲିମ୍ପେଟ୍ ମାଇନ୍‌ର ସଫଳ ବ୍ୟବହାରର ଏହା ପ୍ରଥମ ଘଟଣା । ଏହାର ଦିନକ ପୂର୍ବରୁ ଦୁଇ ଭାରତୀୟ ଥିବା ଲାଇବେରିଆ ପତାକାଧାରୀ ଏମ୍‌ଟି ଆର୍‌ଜାନାହ୍ ଜାହାଜ ମଧ୍ୟ କ୍ଷେପଣାସ୍ତ୍ର ଭଳି ଏକ ପ୍ରକ୍ଷେପିତ ବସ୍ତୁର ଆକ୍ରମଣର ଶିକାର ହୋଇଥିଲା । କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି, ସମସ୍ତ ନାବିକ ସୁରକ୍ଷିତ ଅଛନ୍ତି ଏବଂ କାହାରି କୌଣସି ଆଘାତ ଲାଗିନାହିଁ ।

ପଞ୍ଚତାରକା ହୋଟେଲ୍ ସୁଇମିଂ ପୁଲ୍‌ରେ ବିଦ୍ୟୁତ୍ ଆଘାତ; ୨ ବିଦେଶୀ ମୃତ




ବେଙ୍ଗାଲୁରୁ,୩୧ ।୧୦(ଏଜେନ୍ସି): ବେଙ୍ଗାଲୁରୁର ଏକ ପଞ୍ଚତାରକା ହୋଟେଲ୍‌ର ସୁଇମିଂ ପୁଲ୍‌ରେ ବିଦ୍ୟୁତ୍ ଆଘାତ ଲାଗି ଦୁଇ ବିଦେଶୀ ନାଗରିକଙ୍କ ମୃତ୍ୟୁ ହୋଇଛି । ଶୁକ୍ରବାର ସନ୍ଧ୍ୟାରେ କନରାଡ୍ ହୋଟେଲ୍‌ର ତୃତୀୟ ମହଲାରେ ଥିବା ସୁଇମିଂ ପୁଲ୍‌ରେ ଏହି ଅଘଟଣ ଘଟିଛି । ଉଦ୍ଧାର ଉଦ୍ୟମ ବେଳେ ଜଣେ ଆମେରିକୀୟ ନାଗରିକ ଓ ହୋଟେଲ୍‌ର ଜଣେ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି । ମୃତକ ଦୁଇଜଣ ହେଲେ ଜର୍ମାନୀର ୫୭ ବର୍ଷୀୟ ଆଲେକ୍‌ଜାଣ୍ଡର ମାକ୍ସିମିଲିଆନ୍ ଥିସ୍ ଓ ସ୍ଲୋଭାକିଆର ୪୫ ବର୍ଷୀୟ ଜୁରାଜ୍ ହୋର୍ଭାଟ୍ । ଆଲେକ୍‌ଜାଣ୍ଡର ଲୁଫ୍‌ଥାନ୍‌ସା ବିମାନ କମ୍ପାନିର କର୍ମଚାରୀ ଥିବାବେଳେ ହୋର୍ଭାଟ୍ ଆଇବିଏମ୍‌ରେ ପ୍ରକଳ୍ପ ପରିଚାଳକ ଥିଲେ । ଆହତ ଆମେରିକୀୟ ମାଥ୍ୟୁ ଡେସାଣ୍ଟିସ୍ ଓ ହୋଟେଲ୍ କର୍ମଚାରୀ ରାହୁଲ ତିୱାରୀଙ୍କ ଚିକିତ୍ସା ଚାଲିଛି । ଉଭୟ ବିପଦମୁକ୍ତ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି । ମୃତକଙ୍କ ପରିବାର ପକ୍ଷରୁ ହୋଟେଲ୍ ପରିଚାଳନାର ଅବହେଳା ଅଭିଯୋଗରେ ପୁଲିସରେ ଅଭିଯୋଗ ହୋଇଛି । ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଘଟଣା ପରେ ହୋଟେଲ୍ କର୍ତ୍ତୃପକ୍ଷ ନଭେମ୍ବର ୩୦ ଯାଏଁ ସୁଇମିଂ ପୁଲ୍ ବନ୍ଦ ରଖିଛନ୍ତି ।

ପ୍ରଦୂଷଣ ମୁକାବିଲା ପାଇଁ ଦିଲ୍ଲୀରେ କଟକଣା

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଆଗକୁ ଶୀତଦିନ ରହିଥିବା ବେଳେ ଦିଲ୍ଲୀ-ଏନସିଆର ଅଞ୍ଚଳରେ ବାୟୁ ଗୁଣବତ୍ତା ହ୍ରାସ ପାଉଛି । ଏହାପରେ ଦିଲ୍ଲୀ ସରକାର ଏବଂ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କେନ୍ଦ୍ରୀୟ ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍) କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି । ନଭେମ୍ବର ୧ ରୁ ୨୦୨୭ ଜାନୁଆରୀ ୩୧ ପର୍ଯ୍ୟନ୍ତ ବିଭିନ୍ନ କଟକଣାଗୁଡ଼ିକ ଲାଗୁ କରାଯିବ । ଏହି ସମୟରେ କାର୍ଯ୍ୟାଳୟ ଓ ନିର୍ମାଣ କାର୍ଯ୍ୟ ଉପରେ ନିଷେଧାଜ୍ଞା ଲାଗିଛି । ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ, ସୋନିପତ, ଗାଜିଆବାଦ ଓ ଗୌତମ ବୁଦ୍ଧ ନଗରର ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ୫୦% କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି । ଅବଶିଷ୍ଟ କର୍ମଚାରୀ ଘରୁ କାର୍ଯ୍ୟ (ୱାର୍କ ଫ୍ରମ୍ ହୋମ୍) କରିବେ । ଏହା ସହିତ ଧୂଳି ସୃଷ୍ଟି କରୁଥିବା ବାହ୍ୟ ନିର୍ମାଣ ଓ ଭଙ୍ଗାରୁଜା କାର୍ଯ୍ୟ ଉପରେ କଟକଣା ଲଗାଯାଇଛି । ତେବେ ରେଳବାଇ, ମେଟ୍ରୋ, ବିମାନବନ୍ଦର, ହସ୍ପିଟାଲ, ଜଳଯୋଗାଣ ଏବଂ ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ଜରୁରୀକାଳୀନ ପ୍ରକଳ୍ପଗୁଡ଼ିକୁ ଏଥିରୁ ଛାଡ଼ କରାଯାଇଛି । ଯାନବାହାନ କଟକଣା ଲାଗୁ ହେବା ସହ ଅଫିସ ସମୟସାରଣୀରେ ପରିବର୍ତ୍ତନ କରାହୋଇଛି । ଏଥିରେ ଗ୍ରାପ (ଜିଆର୍‌ଏପି) ନିୟମାବଳୀ ଅନୁଯାୟୀ, ନଭେମ୍ବର ୧ ରୁ ବିଏସ୍-୬ ମାନକ ନଥିବା ଗାଡ଼ି, ବୈଧ ପିଉସିସି (ପ୍ରଦୂଷଣ ପ୍ରମାଣ) ନଥିବା ଯାନବାହାନ ଏବଂ ବାହାର ରାଜ୍ୟର ପ୍ରଦୂଷଣକାରୀ ଗାଡ଼ି ପ୍ରବେଶ ଉପରେ ନିଷେଧାଜ୍ଞା ରହିଛି ।



ସାମ୍ବାଦିକ ନିଧିଙ୍କ ହାତ ଧରିଲେ ଓମାର



ନୂଆଦିଲ୍ଲୀ,୩୧ ।୧୦(ଏଜେନ୍ସି): ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସାମ୍ବାଦିକ ନିଧି ରଜଦାନଙ୍କୁ ବିବାହ କରିଛନ୍ତି । ଶୁକ୍ରବାର ଅକ୍ଟୋବର ୩୦ରେ ଏହି ବିବାହ ସମ୍ପନ୍ନ ହୋଇଥିବା ବେଳେ ଶନିବାର ଉଭୟ ସାମାଜିକ ଗଣମାଧ୍ୟମରେ ଫଟୋ ସେୟାର କରି ଏହି ଖୁସି ଖବର ଜଣାଇଛନ୍ତି । ୫୬ ବର୍ଷୀୟ ଓମାର ଏକ୍ସରେ ଦୁଇଟି ଫଟୋ ପୋଷ୍ଟ କରି 'ଗତକାଲି ଏକ ନୂଆ ଯାତ୍ରା ଆରମ୍ଭ ହେଲା' ବୋଲି ଲେଖିଛନ୍ତି । ଏଥିରେ ସେ ୪୯ ବର୍ଷୀୟ ନିଧିଙ୍କୁ ମଧ୍ୟ ଟ୍ୟାଗ୍ କରିଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସ୍ୱତନ୍ତ୍ର ବିବାହ ଆଇନ ଅନୁସାରେ ଉଭୟଙ୍କ ବିବାହ ହୋଇଛି । ଏଥିରେ ଉଭୟ ପରିବାରର ସଦସ୍ୟ ସାକ୍ଷୀ ରହିଥିଲେ । ଶ୍ରୀନଗର ଓ ନୂଆଦିଲ୍ଲୀରେ ବିବାହ ସମ୍ପର୍କିତ ଉତ୍ସବ ଆୟୋଜନ ହୋଇଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ଓମାରଙ୍କ ପ୍ରଥମ ପତ୍ନୀ ପାୟଲ ନାଥଙ୍କ ସହ ବିବାହ ବିଚ୍ଛେଦକୁ ସୁପ୍ରିମକୋର୍ଟ ଚଳିତ ବର୍ଷ ଜୁଲାଇ ୩୧ରେ ମଞ୍ଜୁରି ଦେଇଥିଲେ । ଉଭୟ ପକ୍ଷଙ୍କ ସହମତି ଆଧାରରେ ଏହି ବିଚ୍ଛେଦ ହୋଇଥିଲା ।

ଦାୟିତ୍ୱ ନେଲେ ନୂଆ ବାୟୁସେନା ମୁଖ୍ୟ ଆଶୁତୋଷ ଦୀକ୍ଷିତ

ନୂଆଦିଲ୍ଲୀ,୩୧ ।୧୦(ଏଜେନ୍ସି): ଭାରତୀୟ ବାୟୁସେନାର ନୂଆ ମୁଖ୍ୟ ଭାବେ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଏୟାର ଚିଫ୍ ମାର୍ଶାଲ ଆଶୁତୋଷ ଦୀକ୍ଷିତ । ସେ ଏୟାର ଚିଫ୍ ମାର୍ଶାଲ ଏପି ସିଂହଙ୍କ ସ୍ଥାନ ନେଇଛନ୍ତି । ୪୩ ବର୍ଷର ଦୀର୍ଘ ସେବା ପରେ ଏପି ସିଂହ ଅବସର ଗ୍ରହଣ କରିଛନ୍ତି । ନୂଆଦିଲ୍ଲୀର ରେସ୍‌କୋର୍ସ ବାୟୁସେନା ଷ୍ଟେସନ୍‌ରେ ଏପି ସିଂହଙ୍କୁ ଔପଚାରିକ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ଏହାପରେ ସେ ଦାୟିତ୍ୱଭାର ଦୀକ୍ଷିତଙ୍କୁ ହସ୍ତାନ୍ତର କରିଥିଲେ । ୧୯୬୬ ଡିସେମ୍ବର ୯ରେ ଜନ୍ମିତ ଦୀକ୍ଷିତ ୧୯୮୬ ଡିସେମ୍ବର ୬ରେ ଭାରତୀୟ



ବାୟୁସେନାର ଯୁଦ୍ଧବିମାନ ଶାଖାରେ ଯୋଗ ଦେଇଥିଲେ । ପ୍ରାୟ ଚାରି ଦଶନ୍ଧିର ସେବା ଜୀବନରେ ସେ ବିଭିନ୍ନ କମାଣ୍ଡ, ପ୍ରଶାସନିକ ଓ ପ୍ରଶିକ୍ଷଣ ସମ୍ବନ୍ଧୀୟ ଦାୟିତ୍ୱ ତୁଲାଇଛନ୍ତି । ଅପରେସନ୍ ସିନ୍ଦୂରରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଦୀକ୍ଷିତଙ୍କର ୨୦ରୁ ଅଧିକ ପ୍ରକାରର ବିମାନ ଉଡ଼ାଇବାର ୩,୫୦୦ ଘଣ୍ଟାରୁ ଅଧିକ ଅଭିଜ୍ଞତା ରହିଛି ।

ମହାକାଶରେ ନାଭିଗେସନ୍ ଉପଗ୍ରହ ଏନ୍‌ଭିଏସ୍-୦୩



ଶ୍ରୀହରିକୋଟା,୩୧ ।୧୦(ଏଜେନ୍ସି): ଭାରତର ନିଜସ୍ୱ ଉପଗ୍ରହ ନାଭିଗେସନ୍ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଉ ଏକ ସଫଳତା ହାସଲ କରିଛି ଇସ୍ରୋ । ଶୁକ୍ରବାର ରାତି ୧୧ଟା ୫୧ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି-ଏଫ୍୧୮ ରକେଟ୍ ମାଧ୍ୟମରେ ନାଭିଗେସନ୍ ଉପଗ୍ରହ ଏନ୍‌ଭିଏସ୍-୦୩ର ସଫଳ ଉତ୍କ୍ଷେପଣ କରାଯାଇଛି । ପ୍ରାୟ ୧୮ ମିନିଟ୍ ୪୦ ସେକେଣ୍ଡର ଯାତ୍ରା ପରେ ୨୨୩୨ କିଲୋଗ୍ରାମ ଓଜନର ଉପଗ୍ରହଟି ନିର୍ଦ୍ଧାରିତ କକ୍ଷପଥରେ ପହଞ୍ଚିଛି । ଏହି ଉପଗ୍ରହ ଭାରତର ନାଭିକ୍ (ନାଭିଗେସନ୍ ୱିଥ୍ ଇଣ୍ଡିଆନ୍ କନ୍‌ଷ୍ଟେଲେସନ୍) ବ୍ୟବସ୍ଥାର ଅଂଶ । ଏହା ଭାରତର ସମଗ୍ର ଭୂଭାଗ ସହ ସୀମାଠାରୁ ପ୍ରାୟ ୧୫୦୦ କିଲୋମିଟର ବାହାର ପର୍ଯ୍ୟନ୍ତ ଅବସ୍ଥିତି, ଦିଗ ଓ ସମୟ ସମ୍ପର୍କିତ ସଠିକ୍ ସୂଚନା ଦେବ । ଏହା ଭାରତୀୟ ସେନାର ରଣନୈତିକ କାର୍ଯ୍ୟରେ ସହାୟକ ହେବା ସହ ଯାତାୟାତ, ଜାହାଜ ଓ ବିମାନ ଚଳାଚଳ, ମତ୍ସ୍ୟଜୀବୀଙ୍କୁ ସମୁଦ୍ରରେ ଦିଗ ନିର୍ଣ୍ଣୟ ଏବଂ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ମଧ୍ୟ ଉପଯୋଗୀ ହେବ । ଏନ୍‌ଭିଏସ୍-୦୩ରେ ସ୍ୱଦେଶୀ ପରମାଣୁ ଘଡ଼ି ବ୍ୟବହାର କରାଯାଇଛି । ଏଥିରେ ପୂର୍ବରୁ ଥିବା ଏଲ୍-୫ ଓ ଏସ୍ ବ୍ୟାଣ୍ଡ ସହ ନୂଆ ଏଲ୍-୧ ସିଗ୍ନାଲ୍ ମଧ୍ୟ ଯୋଡ଼ାଯାଇଛି । ଏହା ଦ୍ୱାରା ନାଭିକ୍ ସେବା ଅଧିକ ଉପକରଣରେ ଉପଲବ୍ଧ ହେବାର ସମ୍ଭାବନା ରହିଛି । ଆମେରିକାର ଜିପିଏସ୍ ଭଳି ନାଭିକ୍ ମଧ୍ୟ ଅବସ୍ଥିତି ନିର୍ଣ୍ଣୟ ସେବା ଦେଇଥାଏ ।

ସୁନା ୭ ହଜାର, ରୁପା ୩୭ ହଜାର କମିଲା

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଘରୋଇ ବଜାରରେ ସୁନା ଏବଂ ରୁପା ମୂଲ୍ୟରେ ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି। ଇଣ୍ଡିଆ ବୁଲିଅନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ(ଆଇବିଜେଏ) ଅନୁସାରେ, ଶୁକ୍ରବାର ରୁପା କିଲୋପ୍ରତି ୬,୬୭୮ ଟଙ୍କା ହ୍ରାସ ପାଇ କେଜି ୧ ଲକ୍ଷ ୮୪ ହଜାର ଟଙ୍କାକୁ ଖସି ଆସିଛି। ସେହିପରି ସୁନା ଦରରେ ମଧ୍ୟ ଶୁକ୍ରବାର ହ୍ରାସ ଘଟିଛି। ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ଦର ୧୩୬୪ ଟଙ୍କା ହ୍ରାସ ପାଇ ଦର ୧ ଲକ୍ଷ ୪୧ ହଜାର ଟଙ୍କାକୁ ଖସିଆସିଛି। ବର୍ତ୍ତମାନ ବଜାର ମାନ୍ଦା ଚାଲିଥିବାରୁ ଉଭୟ ସୁନା ଓ ରୁପା ଦରରେ ହ୍ରାସ ଦେଖିବାକୁ ମିଳିଛି। ଅକ୍ଟୋବର ମାସରେ ଏ ପର୍ଯ୍ୟନ୍ତ ସୁଦ୍ଧା ରୁପା ଦରରେ ୩୭,୦୨୯ ଟଙ୍କା ହ୍ରାସ ପାଇସାରିଲାଣି। ଅକ୍ଟୋବର ମାସ ଆରମ୍ଭର ମୂଲ୍ୟ ଯଦି ଦେଖିବା ତେବେ ଅକ୍ଟୋବର ପହିଲାରେ ରୁପା କିଲୋଗ୍ରାମ ପ୍ରତି ୨ ଲକ୍ଷ ୨୦ ହଜାର ଟଙ୍କା ରହିଥିଲା। ବର୍ତ୍ତମାନ ଏହା କିଲୋ ପିଛା ୧ ଲକ୍ଷ ୮୪ ହଜାର ଟଙ୍କାକୁ ହ୍ରାସ ପାଇଛି। ସେହିପରି ସୁନା ଦର ଅକ୍ଟୋବର ମାସରେ ୭,୨୪୭ ଟଙ୍କା ହ୍ରାସ ଘଟିଛି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-127 ◆SUNDAY ◆1 NOVEMBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୨୭ ◆ରବିବାର ◆୧ ନଭେମ୍ବର ୨୦୨୬ ◆ପୃଷ୍ଠା-୧୨+୪(ସିନ୍ଦୂରା) ◆ଟ.୭.୦୦

ପୁଣି ଆସୁଛି ବାତ୍ୟା

ଅର୍ଣ୍ଣବ ପଛେ ପଛେ 'ମୁରାସୁ'!



■ଭୁବନେଶ୍ୱର, ୩୧।୧୦ (ସମିସ): 'ଅର୍ଣ୍ଣବ'ର ଭୟାବହତାରୁ ଏପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ମୁକୁଳି ପାରିନାହିଁ। ଏପରିସ୍ଥଳେ ଅର୍ଣ୍ଣବ ପଛେପଛେ ସମ୍ଭାବ୍ୟ ବାତ୍ୟା ମୁରାସୁ ରାଜ୍ୟବାସୀଙ୍କୁ ଭୟଭୀତ କଲାଣି। ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଶନିବାର ଅବପାତରେ ପରିଣତ ହୋଇଛି। ଆସନ୍ତା ୩ ତାରିଖ ସକାଳେ ଏହା ଭୀଷଣ ବାତ୍ୟା ରୂପ ନେଇ ଆନ୍ଧ୍ର ଉପକୂଳରେ ସ୍ଥଳପଥ ଅତିକ୍ରମ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ଶନିବାର ସ୍ପଷ୍ଟ କରିଛି। ଏହି ବାତ୍ୟା ଦ୍ୱାରା ଦକ୍ଷିଣ ଓଡ଼ିଶା ପୁଣିଥରେ ବିଶେଷ ଭାବରେ ପ୍ରଭାବିତ ହେବ। ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଆସନ୍ତା ୩ ଓ ୪ ତାରିଖରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଆଇଏମଡି ପକ୍ଷରୁ ଆକଳନ କରାଯାଇଛି। ଗଞ୍ଜାମରେ ଏବେବି ବନ୍ୟା ପରିସ୍ଥିତି

- ■ ବଙ୍ଗୋପସାଗରରେ ଅବପାତ, ଦକ୍ଷିଣ ଓଡ଼ିଶାକୁ ପୁଣି ବିପଦ
- ■ ଆସନ୍ତା ୩ ତାରିଖ ସକାଳେ ଆନ୍ଧ୍ର ଉପକୂଳ ଛୁଇଁବ ବାତ୍ୟା
- ■ ନେଲ୍ଲୁର ଏବଂ ନାରସାପୁର ମଧ୍ୟରେ କରିବ ଲ୍ୟାଣ୍ଡଫଲ୍!
- ■ ୩ରୁ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାରେ ଅତିପ୍ରବଳ ବର୍ଷା

ସଙ୍ଗୀନ ଥିବାବେଳେ ମୁରାସୁର ପ୍ରକୋପ ଦକ୍ଷିଣ ଓଡ଼ିଶାରେ ପୁଣିଥରେ ବିପର୍ଯ୍ୟୟ ସୃଷ୍ଟି କରିବାର ଆଶଙ୍କା କରାଯାଉଛି।

ଆଇଏମଡିର ସୂଚନା ଅନୁସାରେ ଅବପାତଟି ପଶ୍ଚିମ-ଉତ୍ତରପଶ୍ଚିମରେ ଗତି କରି ଆଜି ରାତି ସୁଦ୍ଧା ଗଭୀର ଅବପାତ ଓ ଆସନ୍ତାକାଲି ବାତ୍ୟାରେ ପରିଣତ ହୋଇପାରେ। ୨ ତାରିଖ ବେଳକୁ ଏହା ଭୀଷଣ ବାତ୍ୟାର ରୂପ ନେବ। ୩ ତାରିଖ ସନ୍ଧ୍ୟାରେ ଏହା ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବାକୁ ଥିବାବେଳେ ଏହି ସମୟରେ ପବନର ସର୍ବାଧିକ ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିମି ରହିପାରେ। ସେହିପରି ଝଟକା ପବନର ବେଗ ୧୨୦ କିମି ଛୁଇଁବାର ସମ୍ଭାବନା ରହିଛି ବୋଲି ଆକଳନ କରିଛି ଆଇଏମଡି। ନେଲ୍ଲୁର ଓ ନାରସାପୁର ମଧ୍ୟରେ ସ୍ଥଳଭାଗ ଛୁଇଁବା ପରେ ଏହା ତେଲେଙ୍ଗାନା ଆଡ଼କୁ ଗତି କରିବ। ତେବେ ତେଲେଙ୍ଗାନାରେ ପହଞ୍ଚିବା ବେଳକୁ ଏହା ଗଭୀର ଅବପାତକୁ ହ୍ରାସ ପାଇଥିବ। ସମ୍ଭାବ୍ୟ ବାତ୍ୟା କାରଣରୁ ଆସନ୍ତାକାଲିଠାରୁ ଓଡ଼ିଶାରେ ବର୍ଷା ଓ ▶ପୃଷ୍ଠା-୭



ଇଣ୍ଡିଆ ମେଣ୍ଟର ଜ୍ଞାନେଶ ବିରୋଧୀ ଅଭିଯାନ

ଛାୟା ସଂସଦରେ ଜନ ମହାଭିଯୋଗ

ରାମଲୀଳା ମଇଦାନରେ ମହାସମାବେଶ ଆଜି



କଡ଼ା ସମାଲୋଚନା କଲା ବିଜେପି

■ନୂଆଦିଲ୍ଲୀ,୩୧।୧୦ (ଏଜେନ୍ସି): ଏସଆଇଆର ଜରିଆରେ ଦେଶରେ ପ୍ରାୟ ୧୩ କୋଟି ଭୋଟରଙ୍କ ନାମ କାଟି ବିବାଦରେ ଛନ୍ଦି ହୋଇଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଆସନ୍ତାକାଲି ଦିଲ୍ଲୀର ରାମଲୀଳା ମଇଦାନରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ବଡ଼ ଧରଣର ସମାବେଶ ହେବାକୁ ଯାଉଛି। ଏହାପୂର୍ବରୁ ଆଜି ଏଠାରେ ମେଣ୍ଟ ପକ୍ଷରୁ ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ଲାଗି ପ୍ରତୀକାତ୍ମକ ଭାବେ ଜନ-ମହାଭିଯୋଗ ଅଣାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ ଅନୁଷ୍ଠିତ ମକ୍ ସଂସଦରେ ଆଗତ ଜନ-ଅଭିଯୋଗରେ ଜ୍ଞାନେଶଙ୍କ ବିରୋଧରେ ଗୁରୁତର ଅଭିଯୋଗ ହୋଇଛି। ବିଜେପି ସରକାର କଥାରେ ପଡ଼ି ଗଣତନ୍ତ୍ରର ହତ୍ୟା କରିଥିବାରୁ ସେ ହେଉଛନ୍ତି ଦେଶଦ୍ରୋହୀ। ତେଣୁ ତାଙ୍କୁ ମୁଖ୍ୟ ନିର୍ବାଚନ କମିସନର ପଦରୁ ତୁରନ୍ତ ବହିଷ୍କାର କରିବା ଲାଗି ଏଥିରେ ଦାବି କରାଯାଇଛି। ବୈଠକ ଶେଷରେ ସର୍ବସମ୍ମତିକ୍ରମେ ଜନ-ମହାଭିଯୋଗ ଗୃହୀତ ହୋଇଛି।

ନୂଆଦିଲ୍ଲୀସ୍ଥିତ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ ଆଜି ଇଣ୍ଡିଆ ମେଣ୍ଟ ପକ୍ଷରୁ ଏହି ପ୍ରତୀକାତ୍ମକ ବା ସାଙ୍କେତିକ ଜନ ମହାଭିଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଙ୍କେତିକ ସଂସଦୀୟ କାର୍ଯ୍ୟକ୍ରମରେ ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାର ବାଚସ୍ପତି ଭାବେ ଅଧ୍ୟକ୍ଷତା କରିଥିଲେ। ଏଥିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଶଶି ଥରୁର, ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ, ମେହବୁବା ମୁଫ୍ତି ଏବଂ ଆଇସା ନେତ୍ରୀ ନେହା ବୋରାଙ୍କ ସମେତ ଅନେକ ବିରୋଧୀ ନେତା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଖଡ଼ଗେ ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରସ୍ତାବିତ ସଂକଳ୍ପ ପାଠ କରିଥିଲେ। ସଂକଳ୍ପରେ ସିଇସିଙ୍କ ବିରୋଧରେ ▶ପୃଷ୍ଠା-୭

ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ସମୀକ୍ଷା

ଜୀବନ ରକ୍ଷା ସର୍ବାଧିକ ପ୍ରାଥମିକତା



■ଭୁବନେଶ୍ୱର, ୩୧।୧୦ (ସମିସ): ବାତ୍ୟା 'ଅର୍ଣ୍ଣବ' ପରେ ଘଟିଥିବା ଭୂସ୍ଖଳନ ଜନିତ ସ୍ଥିତି, ବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ସହ ଆଗାମୀ ବାତ୍ୟା ପାଇଁ ପ୍ରସ୍ତୁତ ରହିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶନିବାର ମୁଖ୍ୟମନ୍ତ୍ରୀ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ହୋଇଥିବା ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ଓ ଜୀବନ ରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା। ଭୂସ୍ଖଳନ ପ୍ରଭାବିତ ପ୍ରତ୍ୟେକଟି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ

- ■ ନିୟୋଜିତ ହେବ ରେଳବାଇର 'ଚେନ୍ ପୁଲି ସିଷ୍ଟମ୍'
- ■ ସମ୍ଭାବ୍ୟ ବାତ୍ୟା ପାଇଁ ଆଶ୍ରୟସ୍ଥଳୀ ସହ ମହଜୁଦ ରହିବ ରିଲିଫ୍ ସାମଗ୍ରୀ

ନିଆଯାଉ ଏବଂ ମାଟି ତଳେ ଫସି ରହିଥିବା ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଇଁ ସମସ୍ତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଉ। ବାତ୍ୟା କ୍ଷୟକ୍ଷତିର ସଠିକ୍ ଆକଳନ ସହ ଆଗାମୀ ବାତ୍ୟାର ସଫଳ ମୁକାବିଲା ପାଇଁ ପ୍ରଶାସନର ସମସ୍ତ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହି ▶ପୃଷ୍ଠା-୭

ଅଭିନେତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ

ବିଜେପି ନେତା ଗିରଫ

ବିଧାୟକଙ୍କ ନାମ ନେଇ ପୀଡ଼ିତାଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ

■ଭୁବନେଶ୍ୱର/ନିଆଳି,୩୧।୧୦(ସମିସ): ଜଣେ ଅଭିନେତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଛନ୍ତି ବିଜେପିର ଯୁବ ନେତା ଶଶିକାନ୍ତ ଲେଙ୍କା। ନିଆଳି ବିଧାୟକ ଛବି ମଲ୍ଲିକଙ୍କ ନାମ ନେଇ ସେ ପୀଡ଼ିତାଙ୍କୁ ଧମକଚମକ ଦେଇଥିବା ଅଭିଯୋଗ ହୋଇଛି। ଲକ୍ଷ୍ମୀସାଗର ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପୀଡ଼ିତାଙ୍କ ଘର ନିଆଳି ଅଞ୍ଚଳରେ। ସେ କିଛି ଥିଏଟର, ଯାତ୍ରା ଓ ଟିଭି ସିରିଏଲରେ ଅଭିନେତ୍ରୀ ଭାବେ କାମ କରିଛନ୍ତି। ସେହିପରି ପାଲା ଗାୟିକା ଭାବରେ ମଧ୍ୟ ସେ ପରିଚିତି ପାଇଛନ୍ତି। ବିଜେପି ନେତା ତଥା ବ୍ୟବସାୟୀ ଶଶିକାନ୍ତ କିଛି ମାସ ତଳେ ସମ୍ପୃକ୍ତ ଯୁବତୀଙ୍କୁ ଯୋଗାଯୋଗ କରିଥିଲେ। ସେ ୧୦ କୋଟି ଟଙ୍କା ବ୍ୟୟରେ ଏକ ଯାତ୍ରାପାର୍ଟି ଆରମ୍ଭ କରିବେ ଏବଂ ଏଥିପାଇଁ ସମ୍ପୃକ୍ତ ଯୁବତୀଙ୍କ ସହଯୋଗ ଲୋଡ଼ିଥିଲେ। ଏପରିକି ସମ୍ପୃକ୍ତ ଅଭିନେତ୍ରୀଙ୍କୁ ସେ ବିବାହ କରିବେ ଓ ଭୁବନେଶ୍ୱରରେ ତାଙ୍କ ନାମରେ ଏକ ଫ୍ଲାଟ କିଣିଦେବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଗତ ମେ ମାସ ୨୫ ତାରିଖରେ ପୁରୀ ଜଗନ୍ନାଥ ଦର୍ଶନ ପାଇଁ ସମ୍ପୃକ୍ତ ଯୁବତୀଙ୍କୁ ଶଶିକାନ୍ତ ଡକାଇଥିଲେ। ଯୁବତୀଜଣକ ତାଙ୍କ ପାଖରେ ପହଞ୍ଚିବା ପରେ ପୁରୀ ବଦଳରେ ଗୋପାଳପୁର ଯିବାକୁ ପ୍ରସ୍ତାବ ଦେଇଥିଲେ। ମାତ୍ର ପରେ ଭିନ୍ନ ଆଳ ଦେଖାଇ ବମିଖାଲସ୍ଥିତ ହୋଟେଲ ନିୟୁ ସିଟିକୁ ନେଇ ଏକ କୋଠରିରେ ରଖିଥିଲେ। ରାତିରେ ନିଶାସକ୍ତ ଅବସ୍ଥାରେ ଶଶିକାନ୍ତ ତାଙ୍କ କୋଠରିକୁ ଆସି ତାଙ୍କୁ ଦୁଷ୍କର୍ମ କରିଥିଲେ। ଯୁବତୀ ଜଣଙ୍କ ଏହାକୁ ବିରୋଧ କରି ଏ ସମ୍ପର୍କରେ ଅନ୍ୟତ୍ର ▶ପୃଷ୍ଠା-୭

ଗଞ୍ଜାମ ଜିଲ୍ଲାରେ ବିଜେଡି ଟିମ୍‌ର କ୍ଷୟକ୍ଷତି ଅନୁଧ୍ୟାନ

■ ବ୍ରହ୍ମପୁର/ଶେରଗଡ଼,୩୧।୧୦(ସମିସ): ବିଜେଡି ସୁପ୍ରିମୋ ତଥା ସ୍ଥାନୀୟ ବିଧାୟକ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ଏକ ଟିମ ଗଞ୍ଜାମ ଜିଲ୍ଲାର ଚିକିଟି, ପାତ୍ରପୁର, ହିଞ୍ଜିଳି,ଆସ୍କା, ପୁରୁଷୋତ୍ତମପୁର, ଶେରଗଡ଼ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳର ପ୍ରମୁଖ ସ୍ଥାନ ପରିଦର୍ଶନ ସହ ବନ୍ୟା ବିପନ୍ନଙ୍କୁ ଭେଟିଛନ୍ତି। ଏଯାଏଁ ସ୍ଥାନୀୟ ପ୍ରଶାସନ ବିପନ୍ନଙ୍କ ନିକଟରେ ପହଞ୍ଚି ପାରିନି,ବନ୍ୟା ଛାଡିବା ପରେ ମଧ୍ୟ ବିପନ୍ନଙ୍କ ନିକଟରେ ଶୁଖିଲା ଖାଦ୍ୟ ପହଞ୍ଚି ପାରିନାହିଁ, ବନ୍ୟା ପରିଚାଳନାରେ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି ବୋଲି ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ କୁମାର ଜେନା ଶେରଗଡ ପରିଦର୍ଶନ ସମୟରେ ପ୍ରକାଶ କରିଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ତହସିଲ ଓ ବ୍ଲକ ପ୍ରଶାସନ ସଠିକ ଆକଳନ କରି ନ୍ୟାୟ ଦେବାର ଆବଶ୍ୟକତା ରହିଛି। କୌଣସି ଚାପରେ ସରକାରୀ କଳ ଟାଳଟୁଳ ନୀତି ଅବଲମ୍ବନ କଲେ ଜନ ଆନ୍ଦୋଳନ କରାଯିବ ବୋଲି



ପୂର୍ବତନ ମନ୍ତ୍ରୀ ପ୍ରତାପ କୁମାର ଜେନା ଚେତାବନୀ ଦେଇଛନ୍ତି। ବନ୍ୟାରେ ଶେରଗଡ ବ୍ଲକର ବହୁ ସ୍ଥାନରେ ଫସଲ ହାନି ଫଳରେ ଚାଷୀ ସର୍ବସ୍ୱାନ୍ତ ହୋଇଛି। ରାସ୍ତା ନଷ୍ଟ ହୋଇଛି, ବିଭିନ୍ନ ନଦୀ ବନ୍ଧର ବିଭିନ୍ନ ଘାଇକୁ ସଠିକ ଅକଳନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ ସହ ତୁରନ୍ତ ମରାମତି କରିବା ଲାଗି ବିଜେଡିର ରାଜ୍ୟ ନେତୃମଣ୍ଡଳୀ ଦାବି କରିଛନ୍ତି। ଶେରଗଡ ବ୍ଲକର ପ୍ରାୟ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ଏହି ବନ୍ୟାରେ ଚାଷୀ ଅଧିକ କ୍ଷତିଗ୍ରସ୍ତ ହୋଇଛି, ସେମାନଙ୍କୁ ସଠିକ ଭାବେ ସହାୟତା ପ୍ରଦାନ କରିବାର ଆବଶ୍ୟକତା ରହିଛି ବୋଲି ବିଜେଡିର ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଜେଡି ନେତୃମଣ୍ଡଳୀ ପ୍ରକାଶ କରିଥିଲେ ଯେ,ଶେରଗଡରେ ଶାସକ ଦଳର ନେତା କିଏ ? ଆମକୁ ▶ପୃଷ୍ଠା-୭

'ଅର୍ଣ୍ଣବ' ମୁକାବିଲାରେ ପଦାରେ ପଡ଼ିଛି ସରକାରଙ୍କ ବିଫଳତା: ମାନସ

■ ଭୁବନେଶ୍ୱର, ୩୧।୧୦: 'ଅର୍ଣ୍ଣବ' ପ୍ରଭାବରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବ୍ୟାପକ କ୍ଷତି ଏବଂ ଭୂସ୍ଖଳନ ଯୋଗୁଁ ଧନଜୀବନ ହାନିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ। ବିପର୍ଯ୍ୟୟ ମୁକାବିଲାରେ ସରକାରଙ୍କ ବିଫଳତା ପଦାରେ ପଡ଼ିଛି ବୋଲି ସେ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ସରକାରୀ କଳ ମାଲକାନଗିରି ଓ ମହାନଦୀ ଉପରେ ଅଧିକ ଧ୍ୟାନ ଦେଇଥିବାବେଳେ ଅନ୍ୟପଟେ ଗଞ୍ଜାମ ଓ ଗଜପତି ଜିଲ୍ଲା ବିପର୍ଯ୍ୟୟର ଶିକାର ହୋଇଛି। ଏହି ଦୁଇ ଜିଲ୍ଲା ପ୍ରତି ପୁଣି ଥରେ ଅବହେଳା କରାଯାଇଥିବା ସେ ଅଭିଯୋଗ କରିଛନ୍ତି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ଶ୍ରୀ ମଙ୍ଗରାଜ କହିଛନ୍ତି, ରୁଷିକୁଲ୍ୟାରେ ବନ୍ୟା ପରିସ୍ଥିତିର ଭୟାବହତା ଆକଳନ କରିବାରେ ପ୍ରଶାସନ ବିଫଳ ହୋଇଛି। ଗଞ୍ଜାମ ଓ ଗଜପତି ବାତ୍ୟା ଓ ବନ୍ୟାପ୍ରବଣ ଜିଲ୍ଲା ଭାବେ ପରିଚିତ। ଏହା ସତ୍ତ୍ୱେ ଏଠାରେ ଆଗୁଆ ପ୍ରସ୍ତୁତି ଓ ଉପଯୁକ୍ତ ସତର୍କତାମୂଳକ ପଦକ୍ଷେପ ନିଆଗଲା ନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର ନିଜ ଦୋଷ ଦୁର୍ବଳତା ପାଇଁ ଅନ୍ୟ କାହାକୁ ଦାୟୀ କରି ଖସିଯାଇପାରିବେ ନାହିଁ। ଏତେ ବଡ଼ ବିପର୍ଯ୍ୟୟ ପରେ ମଧ୍ୟ ସରକାରଙ୍କ ପକ୍ଷରୁ ନା ଅନୁତାପ ପ୍ରକାଶ ପାଉଛି, ନା ତ୍ରୁଟି ସୁଧାରିବା ପାଇଁ କୌଣସି ପଦକ୍ଷେପ ଦେଖିବାକୁ ମିଳୁଛି। ଓଲଟା ବିପର୍ଯ୍ୟୟ ପରିଚାଳନାରେ ନିଜର ସଫଳତା ନେଇ ସରକାର ଡିଣ୍ଡିମ ପିଟୁଛନ୍ତି। କନ୍ଧମାଳ ଓ ଗଞ୍ଜାମରେ ଭୂସ୍ଖଳନ ପରେ ଅନେକ ଲୋକଙ୍କ ଜୀବନହାନି ଓ ନିଖୋଜ ଖବର ତାଙ୍କୁ ଗଭୀର ମର୍ମାହତ କରିଛି। ପ୍ରଭାବିତ ଅଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର ପଦକ୍ଷେପ ନେବାକୁ ସେ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି।

ଓଲଟ ପାଲଟ



କେନ୍ଦ୍ର ସରକାରୀ କର୍ମଚାରୀଙ୍କର
ବଢ଼ିଲା ମହଙ୍ଗା ଭତ୍ତା
ସଙ୍ଗେ ସଙ୍ଗେ ଆମ ରାଜ୍ୟ ସରକାର
କରିବେ ପ୍ରତିଯୋଗିତା
ଭତ୍ତା ବଢ଼ିବାର ଖବର ପାଇଣ
ବେପାରୀ କାଟିବେ ଚିତା
ଦରଦାମ୍ ପୁଣି ଆହୁରି ବଢ଼ିବ
ନ ରହିବ ଅତାପତା
ମଧ୍ୟବିତ୍ତ ଆଉ ଦରିଦ୍ର କପାଳେ
ଦୁର୍ଯୋଗ ଖାଲି ସାଇତା
ମଣିଷ ଭିତରେ ଏତେ ଭେଦଭାବ
କାହିଁକି କଲା ବିଧାତା

- ଯାଯାବର

ପାର୍ବଣରେ ମହଙ୍ଗା ମାଡ଼

ତେଲ ଦର ୨୫% ବଢ଼ିଛି

■ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଚାଲିଛି ପାର୍ବଣ ଋତୁ। ଲୋକମାନେ ନବରାତ୍ରି ଓ ଦଶହରା ପରେ ଦୀପାବଳି ଏବଂ ଛଠ୍ ପୂଜା ପାଇଁ ବେଶ୍ ଉତ୍ସାହର ସହ ପ୍ରସ୍ତୁତି ଚଳାଇଛନ୍ତି। ହେଲେ ମହଙ୍ଗା ବଜାରେ ଏଥିରେ ବଡ଼ କଣ୍ଟା ସାଜିଛି। ବିଶେଷକରି ବଜାରରେ ଖାଇବା ତେଲର ଅତ୍ୟଧିକ ଦର ପାର୍ବଣ ଉତ୍ସାହକୁ ଫିକା କରିଦେଉଛି। ଖାଇବା ତେଲ ଦର ବୃଦ୍ଧି ଯୋଗୁ ଅନେକ ଖାଦ୍ୟ ସାମଗ୍ରୀ ମହଙ୍ଗା। କେନ୍ଦ୍ର ସରକାର ଖାଇବା ତେଲ ଉପରେ ଶୁଳ୍କ ହ୍ରାସ କରି କମ୍ପାନୀଗୁଡ଼ିକୁ ଆସ୍ଥି ଦେଇଛନ୍ତି। ହେଲେ କମ୍ପାନୀଗୁଡିକ ଏହାର ଲାଭ ଗ୍ରାହକଙ୍କୁ ଦେଉନାହାଁନ୍ତି, ଯଦିଓ



ସେମାନେ ଦର ହ୍ରାସ ନେଇ ସରକାରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଗତ ବର୍ଷ ମଧ୍ୟରେ ଖୁଚୁରା ବଜାରରେ ଖାଇବା ତେଲ ଦର ୨୫% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। କେବଳ ସେପ୍ଟେମ୍ବର ମାସରେ ରିଫାଇନ୍ଡ ତେଲର ଦର ପ୍ରାୟ ୧୫% ବୃଦ୍ଧି ପାଇଥିବା ବେଳେ, ଚିନାବାଦାମ ତେଲ ମୂଲ୍ୟ ୧୪% ପର୍ଯ୍ୟନ୍ତ ବଢ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ, ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ଦେବା ପାଇଁ ସରକାର ସେପ୍ଟେମ୍ବର ମାସରେ ଖାଇବା ତେଲ ଉପରେ ଶୁଳ୍କ ୫% ହ୍ରାସ କରିଥିଲେ। ଏହି ଅନୁଯାୟୀ, ପାମୋଲିନ୍ ଏବଂ ସୋୟାବିନ୍ ତେଲ ଉପରେ ଶୁଳ୍କ ୧୦% ରୁ ୫%କୁ ହ୍ରାସ କରାଯାଇଥିଲା। ରିଫାଇନ୍ଡ ତେଲ ଉପରେ ମଧ୍ୟ ଶୁଳ୍କ ହ୍ରାସ କରାଯାଇଥିଲା। ସରକାର କହିଥିଲେ ଯେ ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଘରୋଇ ବଜାରରେ ଦର କମାଇବା ଏବଂ ଗ୍ରାହକଙ୍କୁ ଆଶ୍ୱସ୍ତି ଦେବା। ହେଲେ କମ୍ପାନୀ କୌଣସି ପ୍ରକାରେ ଦର ହ୍ରାସ କରିନାହାଁନ୍ତି। ଅପରପକ୍ଷେ ବିଶ୍ୱ ବଜାରରେ ଖାଇବା ତେଲର ଦର ବୃଦ୍ଧି ପାଇବା କାରଣରୁ ପାର୍ବଣ ଋତୁରେ ଗ୍ରାହକମାନେ ଏହି ଟିକସ ହ୍ରାସର କୌଣସି ଲାଭ ପାଇପାରିଲେ ନାହିଁ। ବାସ୍ତବରେ, ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଇବା କାରଣରୁ ଭାରତର ଆମଦାନୀ ବ୍ୟୟ ମଧ୍ୟ ବୃଦ୍ଧି ପାଇଛି। ଚଳିତ ବର୍ଷର ପ୍ରଥମ ୬ ମାସରେ ଆମଦାନୀ ପରିମାଣ ୮୭,୦୦୦ କୋଟି ଟଙ୍କା ରହିଛି, ଯାହା ଗତ ବର୍ଷର ଏହି ସମୟ ମଧ୍ୟରେ ୭୩,୦୦୦ କୋଟି ଟଙ୍କା ଥିଲା। ବର୍ତ୍ତମାନ ପରିସ୍ଥିତିରେ ଉପଭୋକ୍ତାମାନଙ୍କ ପାଇଁ ଖାଇବା ତେଲର ଉଚ୍ଚ ଦରରୁ ତୁରନ୍ତ କୌଣସି ଆଶ୍ୱସ୍ତି ମିଳିବାର ସମ୍ଭାବନା ନାହିଁ।

ରାଜ୍ୟ ସଭାପତିଙ୍କ ନିଜ ଜିଲ୍ଲାରେ ବିଜେପି ଦୁଇଫାଳ

ଅଧ୍ୟକ୍ଷାଙ୍କ ବହିଷ୍କାର ଦାବିରେ ବ୍ଲକ୍‌ରେ ତାଲା

■ଭଦ୍ରକ,୩୧।୧୦(ସମିସ): ରାଜ୍ୟ ବିଜେପି ସଭାପତିଙ୍କ ନିଜ ଜିଲ୍ଲା ଭଦ୍ରକରେ ଶାସକ ବିଜେପି ଦୁଇଭାଗ ହୋଇଯାଇଛି। ଆରମ୍ଭ ହୋଇଛି ବିଜେପି-ବିଜେପି ମଧ୍ୟରେ ଜୋର୍‌ଦାର୍ ଲଢ଼େଇ। ଶାସକ ଦଳର ଘମାଘୋଟ୍ ଲଢ଼େଇ ମରାଯାଇଥିଲା ଓ ଲେଖାଥିଲା "ଦଳରେ ମିଶି ଜନସ୍ୱାର୍ଥ ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ବିରୋଧୀ ଭ୍ରଷ୍ଟାଚାରୀ ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକଙ୍କୁ ଦଳରୁ ବହିଷ୍କାର କରାଯାଉ'। ବିଭିନ୍ନ ନାରାବାଜି କରିବା ସହ ବିଜେପି କର୍ମୀ

- ■ ଆରମ୍ଭ ହେଲା ବିଜେପି-ବିଜେପି ଲଢ଼େଇ
- ■ କିଛି ମାସ ତଳେ ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ବିଜେପିରେ ସାମିଲ୍ ହୋଇଥିଲେ



ଶନିବାର ଭଦ୍ରକ ସଦର ବ୍ଲକ୍‌ରେ ଦେଖିବାକୁ ମିଳିଛି। ଶନିବାର ଭଦ୍ରକ ବ୍ଲକ୍‌କୁ ଭଦ୍ରକ ବିଧାୟକଙ୍କ ସମର୍ଥକମାନେ ଏକଜୁଟ୍ ହୋଇ ହାତରେ ବ୍ୟାନର ଧରି ପହଞ୍ଚିଥିଲେ। ଉକ୍ତ ବ୍ୟାନରରେ ବ୍ଲକ୍ ଅଧ୍ୟକ୍ଷାଙ୍କ ଫଟୋରେ କଳାରେ ଛକି ଓ କର୍ମକର୍ତ୍ତାମାନେ ବ୍ଲକ୍ ଅଫିସରେ ତାଲା ପକାଇଥିଲେ। ଏଥିସହ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକଙ୍କୁ କଡ଼ା ତିରସ୍କାର କରି ତାଙ୍କ ବହିଷ୍କାର ଦାବି କରିଥିଲେ। ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଭ୍ୟ (ବିଜେଡିରୁ ଯାଇ ▶ପୃଷ୍ଠା-୭

ବାତ୍ୟା ଅର୍ଣ୍ଣବରେ ଉପାନ୍ତ ବାହ୍ୟଜଗତରୁ ବିଛିନ୍ନ

ଖସିଲା ଅତଡ଼ା; ୩୦ ଆଦିବାସୀ ଗାଁକୁ ଯାତାୟତ ଠପ୍





ପାତ୍ରପୁର, ୩୧।୧୦(ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ସୀମାନ୍ତ ପାତ୍ରପୁର ବ୍ଲକରେ ମାତ୍ରାଧିକ ବର୍ଷା ହୋଇଥିବା ବେଳେ ଅନେକ ଗାଁ ଜଳବନ୍ଦୀ ହୋଇଥିଲା। ସେହିଭଳି ଅନେକ ବଡ ବଡ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ହେଲେ ନୂତନ କରି ଆଦିବାସୀ ଅଞ୍ଚଳକୁ ରାସ୍ତା ନିର୍ମାଣ ହୋଇଥିବା ବେଳେ ଲଗାଣ ବର୍ଷାରେ ପାହାଡ ଅତଡା ଖସି ଆସିଥିଲା। ଯାହାଦ୍ୱାରା ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତ ଅନ୍ତର୍ଗତ ତାଡକାସାହି ଠାରୁ ତିତିରିସିଂ ରାସ୍ତାର ଅନେକ ସ୍ଥାନରେ ପାହାଡରୁ ବଡ ବଡ ପଥର ଖସି ରାସ୍ତା ଅବରୋଧ ହୋଇଥିବା ବେଳେ ଆଙ୍କୁଲି, ତିତିରିସିଂ, ଅଳିଅର, ତୁବୁରୁସିଂ, ଗୋଖନା ସାହି, ଫୁଲ ସାହି, ବୁରୁ ସାହି, କୁରୁଗୁଡ, ବାଦୁଆ, ଧୋବା ଲିଙ୍ଗ, ଗାଇଡା, ଗଡ଼ଙ୍ଗ ପ୍ରମୁଖ ସମେତ ୩୦ରୁ ଊର୍ଦ୍ଧ୍ୱ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। କୌଣସି ଜରୁରୀ କାମରେ ହେଉ କି କାହାର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଦେଲେ ଗାଁ ବାହାରକୁ ଯିବା ଅସମ୍ଭବ ହୋଇପଡ଼ିଛି। ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ରାସ୍ତାରୁ ପଥର ହଟାଇବା ପାଇଁ ସାଧାରଣରେ ଦାବି ହୋଇଛି।

୫୬ ହଜାର ଲୋକଙ୍କ ସ୍ଥାନାନ୍ତର, ୩୭୦ ସ୍ଥାନରେ ରନ୍ଧାଖାଦ୍ୟ ବଣ୍ଟନ

ଛତ୍ରପୁର, ୩୧।୧୦(ସମିସ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଛି। ଗତକାଲି ୨୧ଟି ଗାଁ ବନ୍ୟା ଜଳ ଘେରରେ ଥିବା ବେଳେ ଆଜି ଏହି ସଂଖ୍ୟା ୩କୁ ହ୍ରାସ ପାଇଛି। ଜିଲ୍ଲାର ପ୍ରାୟ ୫୬ ହଜାର ୫୧ ଜଣଙ୍କୁ ୩୬୭ଟି ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଆଜି ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ବନ୍ୟା ସ୍ଥିତି ଓ ରିଲିଫ୍ ଏବଂ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି।

ବନ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ୍ ଯୋଗାଣ ପାଇଁ ଜିଲ୍ଲାର ୩୭୦ଟି ସ୍ଥାନରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି। ଆଗାମୀ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ଯେପରି ଖାଦ୍ୟ ସାମଗ୍ରୀର ଅଭାବ ନ ହୁଏ, ସେଥିପାଇଁ ସମସ୍ତ ଆବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବାକୁ ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି। ଜଳବନ୍ଦୀ ଗାଁଗୁଡ଼ିକୁ ଆକାଶମାର୍ଗରୁ ଖାଦ୍ୟ ସାମଗ୍ରୀ ପହଞ୍ଚାଇବା କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ବର୍ତ୍ତମାନ ପ୍ରାୟ ୭୦୦ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଥିବା ବେଳେ ସେମାନଙ୍କ ସୁରକ୍ଷା ଓ ଆବଶ୍ୟକ ସହାୟତା ଉପରେ ନଜର ରଖାଯାଇଛି।

ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ପାଇଁ ଟାଟା ପାୱାର ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି।

ସ୍ୱାସ୍ଥ୍ୟସେବା ଓ ଗର୍ଭବତୀ ମହିଳାଙ୍କ ସୁରକ୍ଷାକୁ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ପ୍ରସବ ତାରିଖ ଥିବା ୧, ୨୬୨ ଜଣ ଗର୍ଭବତୀ ମହିଳାଙ୍କ ତଥ୍ୟ ସଂଗ୍ରହ କରାଯାଇଛି। ସେମାନଙ୍କ ମଧ୍ୟରୁ ୬୬୧ ଜଣ ଗର୍ଭବତୀଙ୍କୁ ମା' ଗୃହ ଓ ହସ୍ପିଟାଲକୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି। ଏପର୍ଯ୍ୟନ୍ତ ୩୯୧ଟି ସୁରକ୍ଷିତ ପ୍ରସବ ହୋଇଥିବା ସୂଚନା ମିଳିଛି। ଜିଲ୍ଲାରେ ୨୮ଟି ମେଡିକାଲ୍ ରେସପନ୍ସ ଟିମ୍ ଏବଂ ୨୩ଟି ପ୍ରାଣୀଧନ ଜରୁରିକାଳୀନ ଟିମ୍ ମୁତୟନ ହୋଇଛନ୍ତି। ଜିଲ୍ଲାର ସମସ୍ତ ବ୍ଲକ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ଜିଲ୍ଲା ଜରୁରୀକାଳୀନ ଅପରେସନ୍ ସେଣ୍ଟରର ହେଲ୍ପଲାଇନ୍ ନମ୍ବର ୦୬୮୧୧-୨୬୩୯୭୮ ଜରିଆରେ ଜନସାଧାରଣ ଜରୁରୀ ସହାୟତା ପାଇଁ ଯୋଗାଯୋଗ କରିପାରିବେ।

ଲୋକଙ୍କୁ ଖାଦ୍ୟ ପରସିଲେ ଜିଲ୍ଲାପାଳ

ଛତ୍ରପୁର, ୩୧।୧୦(ସମିସ): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ପରିସ୍ଥିତିରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟାପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ରନ୍ଧା ଖାଦ୍ୟ ବଣ୍ଟନ କାର୍ଯ୍ୟ ଜୋରଦାର ଭାବେ ଜାରି ରହିଛି। ଏହି କାର୍ଯ୍ୟର ତଦାରଖ ପାଇଁ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଶନିବାର ଛତ୍ରପୁର ବ୍ଲକର ବିଭିନ୍ନ ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲ୍ଲାପାଳ ଛତ୍ରପୁର ବ୍ଲକର ବଉଳଗାଁ ପଞ୍ଚାୟତ ଅନ୍ତର୍ଗତ ନିମପଲ୍ଲୀ ଓ ବଉଳଗାଁ ଗ୍ରାମରେ ପହଞ୍ଚି ବନ୍ୟାପୀଡ଼ିତଙ୍କୁ ଯୋଗାଇ ଦିଆଯାଉଥିବା ରନ୍ଧା ଖାଦ୍ୟ ବଣ୍ଟନ ବ୍ୟବସ୍ଥା ନିଜେ ତଦାରଖ କରିଥିଲେ। ରନ୍ଧା ଖାଦ୍ୟର ମାନ ଓ ପରିଚ୍ଛନ୍ନତା ପରଖିବା ପାଇଁ ଜିଲ୍ଲାପାଳ ନିଜେ ଲୋକଙ୍କୁ ଖାଦ୍ୟ ପରସିବା ସହ ସେମାନଙ୍କ ସହ ବସି ଖାଦ୍ୟ ଖାଇଥିଲେ। ବନ୍ୟାପୀଡ଼ିତଙ୍କୁ ଗୁଣାତ୍ମକ ଓ ପରିଚ୍ଛନ୍ନ ରନ୍ଧା ଖାଦ୍ୟ ଯୋଗାଇଦେବା ସହ ଆବଶ୍ୟକ ସମସ୍ତ ସୁବିଧା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜୀତ ସାହୁ, କନିଷ୍ଠ ଯନ୍ତ୍ରୀ ଆକାଶ ପାତ୍ର, ବଉଳଗାଁ ସରପଞ୍ଚ, ସମିତି ସଭ୍ୟ ଓ ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପରିଡ଼ାଙ୍କ ସମେତ ସ୍ଥାନୀୟ ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ବନ୍ୟା ପରିସ୍ଥିତିରେ ରିଲିଫ୍ ବଣ୍ଟନ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଜିଲ୍ଲାପାଳ ନିୟମିତ ଭାବେ ବିଭିନ୍ନ ଅଧିକାରୀଙ୍କ ସହ ବୈଠକ କରି ସ୍ଥିତି ସମୀକ୍ଷା କରୁଛନ୍ତି। ଜିଲ୍ଲାର ବନ୍ୟାପ୍ରଭାବିତ ଅଞ୍ଚଳରେ ଅତିରିକ୍ତ ୩୦ ଜଣ ସିନିୟର ଓଏଏସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସେମାନେ



ନିଜ ନିଜ ଅଞ୍ଚଳରେ ରିଲିଫ୍, ପୁନରୁଦ୍ଧାର ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟର ତଦାରଖ କରୁଛନ୍ତି। ଏହାସହ ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ବିଡିଓ, ତହସିଲଦାର ଓ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀଙ୍କ ସହ ନିରନ୍ତର ଯୋଗାଯୋଗ ରଖି ସମସ୍ତ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସୁଚାରୁ ଭାବେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି।

ମର୍ଦ୍ଦରାଜ ସାଂସ୍କୃତିକ ପରିଷଦ ତରଫରୁ ବନ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନ

ଖଲ୍ଲିକୋଟ, ୩୧।୧୦(ସମିସ): ବନ୍ୟାଜଳ ଘେରରେ ରହିଥିବା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବଡରାମପଲ୍ଲୀ ଓ ବିଳାସପୁର ଗ୍ରାମରେ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦ ତରଫରୁ ବିପନ୍ନଙ୍କୁ ରିଲିଫ ସହାୟତା ପ୍ରଦାନ କରାଯାଇଛି। ସାଂସ୍କୃତିକ ପରିଷଦର ସମ୍ପାଦକ ସୁଧାଂଶୁ ଶେଖର ସାହୁ, ବରିଷ୍ଠ ସଦସ୍ୟ ଇଂ. ଅନିରୁଦ୍ଧ ସାହୁ ଓ ଅଶ୍ୱିନୀ କୁମାର ମିଶ୍ର ପାଣି ଭିତରେ ଟ୍ରାକ୍ଟରରେ ଗାଁକୁ ଯାଇ ବନ୍ୟା ବିପନ୍ନଙ୍କୁ



ଚାଉଳ, ଡାଲି, ଆଳୁ, ବ୍ରେଡ୍ସ ଓ ବିସ୍କୁଟ ପ୍ରଭୃତି ପ୍ରଦାନ କରିଥିଲେ। ଗତ ୩ ଦିନ ଧରି ବନ୍ୟା ଜଳ ଘେରରେ ରହିଥିବା କୋମଣ୍ଡ ପଞ୍ଚାୟତର ବଡରାମପଲ୍ଲୀ ଓ ବିଏନପୁର ପଞ୍ଚାୟତର ବିଳାସପୁର ଗ୍ରାମରେ ଏ ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ପହଞ୍ଚି ପାରି ନଥିବା ବେଳେ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦ ତରଫରୁ ରିଲିଫ ପ୍ରଦାନ ଲୋକଙ୍କୁ ଟିକେ ଆଶ୍ୱସ୍ତି ଆଣି ଦେଇଛି।

କୁକୁର ମୁହଁରୁ କୃଷ୍ଣସାର ମୃଗ ଉଦ୍ଧାର କଲେ ସ୍ୱେଚ୍ଛାସେବୀ ସଂଗଠନ



ଗଞ୍ଜାମ, ୩୧।୧୦(ସମିସ): ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ପ୍ରବଳ ବର୍ଷା ଓ ଋଷିକୁଲ୍ୟା ନଦୀର ବନ୍ୟା ଯୋଗୁଁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାଶି ପଞ୍ଚାୟତର ଅନେକ ଗ୍ରାମରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏଭଳି ଦୁର୍ଦ୍ଦିନରେ ଅସହାୟ ଓ ବିପନ୍ନ ପରିବାରଙ୍କ ପାଖରେ ଠିଆ ହେବା ଉଦ୍ଦେଶ୍ୟରେ ଆଦର୍ଶ ସେବା ସଂଗଠନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନର ଏକ ମାନବିକ ପ୍ରୟାସ ଆରମ୍ଭ କରାଯାଇଛି। ଏକ କୁକୁର ହରିଣଟିକୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଥିବା ଏବଂ ତାହାର ବେକ ପାଖରେ ଆଘାତ ଲାଗିଥିବା ସଦସ୍ୟମାନେ ଦେଖି ହରିଣଟିକୁ ଉଦ୍ଧାର କରିଥିଲେ। ପରେ ଏହି ଘଟଣା ସମ୍ପର୍କରେ ପଶୁ ଚିକିତ୍ସକଙ୍କୁ ଡକାଇ ଚିକିତ୍ସା କରିବା ସହ ବନ ବିଭାଗକୁ ଖବର ଦିଆଯାଇ ହସ୍ତାନ୍ତର କରାଯାଇଥିଲା।

ବାତ୍ୟା ପ୍ରଭାବିତ ଅଞ୍ଚଳରେ ରନ୍ଧା ଖାଦ୍ୟ ସହ ରିଲିଫ୍ ବଣ୍ଟନ

ହୁମ୍ମା, ୩୧।୧୦(ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗଞ୍ଜାମ ବ୍ଲକର ଅନେକ ଅଞ୍ଚଳରେ ବନ୍ୟା ଓ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ଏଭଳି ସଙ୍କଟ ସମୟରେ ପ୍ରଭାବିତ ଲୋକଙ୍କ ନିକଟରେ ପହଞ୍ଚି ସହାୟତା ଯୋଗାଇ ଦେବା ପାଇଁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସହ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ଗଞ୍ଜାମ ବ୍ଲକର ବିଡିଓ, ଗଞ୍ଜାମ ତହସିଲଦାର ଏବଂ ରମ୍ଭା ଥାନା ଅଧିକାରୀଙ୍କ ସହ ବିଧାୟକ ଘଟଣାସ୍ଥଳରେ ପହଞ୍ଚି ବନ୍ୟା ପ୍ରଭାବିତ ଲୋକଙ୍କ ସମସ୍ୟା ଓ ଅସୁବିଧା ବୁଝିଥିଲେ।

ବନ୍ୟା ପରେ ଜନଜୀବନ ଅସ୍ତବ୍ୟସ୍ତ






ପୁରୁଷୋତ୍ତମପୁର, ୩୧।୧୦(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ତହସିଲ ଅଞ୍ଚଳରେ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଋଷିକୂଲ୍ୟା ନଦୀର ବନ୍ୟାଜଳ ପ୍ରବେଶ କରିବା ଫଳରେ ପୁରୁଷୋତ୍ତମପୁର ସହର ସମେତ ବିଭିନ୍ନ ଗାଁ ଜଳ ମଗ୍ନ ହୋଇଯାଇଥିଲା। ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି। ବନ୍ୟା ଜଳ କମିଯାଇଛି ସତ କିନ୍ତୁ ଯାତାୟତ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ସରବରାହ ଆଦି କାର୍ଯ୍ୟ ସ୍ୱାଭାବିକ ହୋଇନାହିଁ। ଆଚ୍ଛୁଲି ପଞ୍ଚାୟତ ର ଗୋଠିଆଳି ଗ୍ରାମ ବର୍ତ୍ତମାନ ସୁଦ୍ଧା ବାହ୍ୟଜଗତ ରୁ ବିଚ୍ଛିନ୍ନ ହୋଇପଡ଼ିଛି।ନଦୀ ତଟବର୍ତ୍ତୀ ପଞ୍ଚାୟତ ଆଚ୍ଛୁଲି, ହାଣ୍ଡି ଘର, ପ୍ରତାପପୁର, କେଏନ୍ ପୁର, ପାଣ୍ଡିଆ, ଅନ୍ତରି ଗାଁ ପଞ୍ଚାୟତରେ ବ୍ଲକ, ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ରୋଷେଇ କରି ଖାଦ୍ୟ ପ୍ରଦାନ କରାଯାଉଛି। ପ୍ରଶାସନଚୁଡ଼ା, ଗୁଡ଼, ବିସ୍କୁଟ, ପାଣି ଯୋଗାଇ ଦେଇଛି। ବନ୍ୟା ଜଳ ଏତେ ପ୍ରଖର ଥିଲା ନଦୀତଟବର୍ତ୍ତୀ ରାସ୍ତା ଗୁଡିକ ଖାଇ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବିଦ୍ୟୁତ ସରବରାହ ଠିକ୍ ହୋଇ ନଥିବାରୁ ପାନୀୟ ଜଳ ଯୋଗାଣ ଅନେକ ପଞ୍ଚାୟତରେ ହୋଇପାରି ନାହିଁ। ହଜାର ହଜାର ହେକ୍ଟର ଚାଷ ଜମିରେ ପାଣି ଜମି ରହିଛି। ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜିଡି ଯାଇଛି। ଚାଷୀର ଘର ଭିତରେ ପାଣି, ଚାଷଜମିରେ ପାଣି, ଅନ୍ୟ ପଟେ ଧାନ, ପନିପରିବା ନଷ୍ଟ ହୋଇଯାଇଛି। ଯାହା କି ବୋଝ ଉପରେ ନଳିତା ବିଡା। ଅନେକ ରାସ୍ତାରେ ପାଣି ଗତି କରୁଛି। ଫଳରେ କି ଯାତାୟତ ରେ ଅସୁବିଧା ହୋଇଛି। ଦୋକାନ ବଜାର ରେ ପାଣି ପଶିଯାଇଥିବାରୁ ଜିନିଷ କ୍ଷତି ହେବା ସହ ପରିସ୍ଥିତି ସ୍ୱାଭାବିକ ହୋଇନାହିଁ।

୧୧୬ ଲିଟର ବିଦେଶୀ ମଦ ସହ ଏକ ସ୍ୱିଫ୍ଟ କାର ଜବତ

ଜଗନ୍ନାଥ ପ୍ରସାଦ, ୩୧।୧୦(ସମିସ): ଜଗନ୍ନାଥ ପ୍ରସାଦ ପୋଲିସ ଗତକାଲି ମଧ୍ୟ ରାତ୍ରରେ ବିଦେଶୀ ମଦ ବୋଝେଇ ଏକ ସ୍ୱିଫ୍ଟ କାର ଗାଡି ସହ ଦୁଇ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ନୟାଗଡ଼ ଜିଲ୍ଲା ବାହାଡାଝୋଲା ନିକଟ ବନ୍ଧାଭୂମି ଗ୍ରାମର ଶରତ ସାହୁଙ୍କ ପୁଅ ଶଙ୍କର ସାହୁ ଓ ବାହାଡାଝୋଲା ଗ୍ରାମର ଆନନ୍ଦ ଚନ୍ଦ୍ର ସାହୁଙ୍କ ପୁଅ ସାଗର ସାହୁ। ସୂଚନା ଥାଉ କି ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ନିର୍ଦ୍ଦେଶକ୍ରମେ ଗତକାଲି ମଧ ରାତ୍ରରେ ପଞ୍ଚଭୂତି ଗ୍ରାମରେ ସ୍ଥାନୀୟ ପୋଲିସ ଟିମ ରାଜ୍ୟ ରାଜପଥ ୨୧ ଠାରେ ପେଟ୍ରୋଲିଙ୍ଗ ସହ ଗାଡି ଯାଞ୍ଚ କରୁଥିଲା। ଏତିକି ବେଳେ ଏକ ସ୍ୱିଫ୍ଟ କାର ପୋଲିସକୁ ଦେଖି ତୀବ୍ର ଗତିରେ ଖସି ଯିବା ପାଇଁ ଚେଷ୍ଟା କରିଥିଲେ। ଏଏସଆଇ ରାଜକୁମାର ମହାପାତ୍ର ଏବଂ ଟିମ ଉକ୍ତ ଗାଡିକୁ ପିଛା କରି କାବୁ କରିଥିଲା। ଯାଞ୍ଚ ବେଳେ ଗାଡି ଡ଼ିକିରୁ ବିଭିର୍ଣ୍ଣ ବର୍ଗର ଚୋରା ବିଦେଶୀ ମଦ ପେଟି ରହିଥିବା ଦେଖିବାକୁ ପାଇଥିଲେ। ଗାଡି ଚାଳକ ଓ ଜଣେ ସହଯୋଗୀକୁ ଥାନାକୁ ଆଣି ପଚରାଉଚରା ବେଳେ ବିଦେଶୀ ମଦର କୌଣସି କିଣାବିକା ବୈଧ ରସିଦ ନ ଥିବାରୁ ଏହା ଚୋରା ମଦ ବୋଲି ଜାଣିବାକୁ ପାଇଥିଲା।

୩୬ ଘଣ୍ଟା ଜଳବନ୍ଦୀ ହୋଇ ରହିଲେ ରାଜ୍ୟ ଶିକ୍ଷକ ନେତା

ହୁମ୍ମା, ୩୧।୧୦(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାଶି ପଞ୍ଚାୟତ ଅଧୀନ ଭୁଆଭୂଇଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତଥା ରାଜ୍ୟ ଶିକ୍ଷକ ନେତା କୃଷ୍ଣଚନ୍ଦ୍ର ବେହେରା ଓ ପ୍ରଦୀପ କୁମାର ଭୁକ୍ତା ଅର୍ଣ୍ଣବ ବାତ୍ୟା ସମୟରେ ନିଜ ଜୀବନକୁ ବାଜି ଲଗାଇ କର୍ତ୍ତବ୍ୟ ପାଳନ କରି ଏବେ ସାରା ଅଞ୍ଚଳରେ



ପ୍ରଶଂସାର ପାତ୍ର ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଅର୍ଣ୍ଣବ ବାତ୍ୟାକୁ ନେଇ ପ୍ରଶାସନ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଥିଲା। ସମସ୍ତ ସରକାରୀ କର୍ମଚାରୀ ଓ ଶିକ୍ଷକଙ୍କୁ ନିଜ ନିଜ କେନ୍ଦ୍ରରେ ଉପସ୍ଥିତ ରହି ବାତ୍ୟା ମୁକାବିଲା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ପାଳନ କରି ଦୁଇ ଶିକ୍ଷକ ନିଜ ସ୍କୁଲରେ ଥିଲେ। ଏହି ସମୟରେ ଲଗାଣ ବର୍ଷା ଯୋଗୁଁ ସ୍କୁଲ ପରିସର ସମ୍ପୂର୍ଣ୍ଣ ତିନି ଚାରି ଫୁଟ ପାଣିରେ ଘେରି ଯାଇଥିଲା ଏବଂ ସେମାନେ ବାହାରକୁ ବାହାରି ପାରିନଥିଲେ। ଦୀର୍ଘ ୩୬ ଘଣ୍ଟା ଧରି ସେମାନେ ସ୍କୁଲ ଭିତରେ ଜଳବନ୍ଦୀ ହୋଇ ଭୋକ ଉପାସରେ ରହିଥିଲେ। ସେହି ଅନ୍ଧାର ଓ ପାଣି ଭିତରେ ବିଷଧର ସାପ ତାଙ୍କ ନିକଟକୁ ଆସି ଯାଇଥିଲା, ସେଥିରୁ ସେମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏପରି ମୃତ୍ୟୁ ଭୟ ଭିତରେ ମଧ୍ୟ ସେମାନେ ନିଜ କର୍ତ୍ତବ୍ୟରୁ ହଟି ନଥିଲେ। ସ୍କୁଲ ପରିସରରୁ ସେମାନେ ଜୋର ଆୱାଜରେ ଚିତ୍କାର କରି ଗ୍ରାମବାସୀଙ୍କୁ ଘରୁ ନ ବାହାରିବାକୁ ଓ ସୁରକ୍ଷିତ ସ୍ଥାନରେ ରହିବାକୁ ବାରମ୍ବାର ତାଗିଦ କରିଥିଲେ। ଏହି ବିପଦପୂର୍ଣ୍ଣ ସମୟରେ କେହି ସେମାନଙ୍କୁ ଉଦ୍ଧାର କରିବାକୁ ଆସିନଥିଲେ। ଶେଷରେ ଭୁଆଭୂଇଁ ଗ୍ରାମବାସୀଙ୍କ ମିଳିତ ଉଦ୍ୟମ କ୍ରମେ ଦୀର୍ଘ ୩୬ ଘଣ୍ଟା ପରେ ପାଣି ଘେରରୁ ଦୁଇ ଶିକ୍ଷକଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହେବା ପରେ ଶିକ୍ଷକ ଦ୍ୱୟ ନବ କୁମାର ପାତ୍ର, ସରୋଜ କୁମାର ସାହୁ, ଧନ୍ୟବାଦ ଜଣାଇଛନ୍ତି।

ଗୋରାଚାନ୍ଦ ବେହେରୁକଙ୍କ ପରଲୋକ

କବିସୂର୍ଯ୍ୟନଗର, ୩୧।୧୦(ସମିସ): କବିସୂର୍ଯ୍ୟନଗର ବ୍ଲକ ବଡ଼ ଚଡିଆପଡ଼ା ଗ୍ରାମର ଗୋରାଚାନ୍ଦ ବେହେରୁକଙ୍କ ମାତ୍ର ୫୧ ବର୍ଷରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ବଡ଼ଚଡିଆପଡ଼ା ଗ୍ରାମର ସିଦ୍ଧେଶ୍ୱର ହାଇସ୍କୁଲର ପିଅନ ଭାବେ କାର୍ଯ୍ୟରତ ଥିଲେ।

ବାପଘର ଛାଡ଼ି ଅସ୍ଥାୟୀ ମଣ୍ଡପରେ ମା' ଗୌରୀଆମ୍ମା

ପୋଲସରା, ୩୧।୧୦ (ସମିସ): ବାପଘର ଛାଡ଼ି ଅସ୍ଥାୟୀ ମଣ୍ଡପକୁ ବିଜେ କରିଛନ୍ତି ପୋଲସରାର ଆରାଧ୍ୟା ମା' ଗୌରୀଆମ୍ମା। ଅସ୍ଥାୟୀ ମଣ୍ଡପରେ ମା'ଙ୍କ ପ୍ରଥମ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ପୋଲସରାର ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ତଥା ମା' ଗୌରୀଆମ୍ମାଙ୍କ ଯାତ୍ରା ଗତ ୨୮ ତାରିଖରୁ ପାରମ୍ପରିକ ବିଧିବିଧାନ ଅନୁଯାୟୀ ଆରମ୍ଭ ହୋଇଛି। ଯାତ୍ରାର ପରମ୍ପରା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ମା'ଙ୍କ ବାପଘରେ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ଆଳତି ଅନୁଷ୍ଠିତ ହୋଇଥିଲା। ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ଧାର୍ମିକ କାର୍ଯ୍ୟକ୍ରମ ପରେ ପୁଷ୍ପବୃଷ୍ଟି ଓ ବନ୍ଦାପନା ମଧ୍ୟରେ ମା'ଙ୍କୁ ବିଦାୟ ଦିଆଯାଇଥିଲା। ଡେରା ସମ୍ପ୍ରଦାୟର ଆର୍. ରାଜେଶ୍ୱରୀ ପାତ୍ର ମଥାରେ ହରପାର୍ବତୀଙ୍କୁ ଧାରଣ କରି ଘୋଡ଼ା ଓ ରୋଷଣୀ ସହ ଏକ ଭବ୍ୟ ଶୋଭାଯାତ୍ରାରେ ଅସ୍ଥାୟୀ ମଣ୍ଡପ ଅଭିମୁଖେ ବାହାରିଥିଲେ। ମୁଖ୍ୟ ସଡ଼କ ଓ ବଜାରସାହି ଦେଇ ଶୋଭାଯାତ୍ରା ଡେରାସାହିସ୍ଥିତ ଅସ୍ଥାୟୀ ମଣ୍ଡପରେ



ପହଞ୍ଚିଥିଲା। ସେଠାରେ ବିଧି ଅନୁଯାୟୀ ବନ୍ଦାପନା ପରେ ହରପାର୍ବତୀଙ୍କୁ ମଣ୍ଡପରେ ବିରାଜମାନ କରାଯାଇଥିଲା। ଦୀର୍ଘ ୨୦୦ ବର୍ଷର ପରମ୍ପରା ବହନ କରୁଥିବା ଏହି ଯାତ୍ରା ଗ୍ରାମବାସୀ ଓ ଡେରା ସମ୍ପ୍ରଦାୟର ମିଳିତ ସହଯୋଗରେ ପରିଚାଳିତ ହୋଇଆସୁଛି। ନଭେମ୍ବର ୧ ତାରିଖରୁ ମା' ସହରର ବିଭିନ୍ନ ସାହି ପରିକ୍ରମା କରିବେ। ଯାତ୍ରାର ଶେଷ ପର୍ଯ୍ୟାୟରେ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାହିରେ ଆଲୋକସଜ୍ଜା, ଆକର୍ଷଣୀୟ ମେଢ଼ ଓ ମୂର୍ତ୍ତି ଯାତ୍ରାର ଶୋଭା ବଢ଼ାଇବ। ଏହି ସମୟରେ ପୋଲସରା ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ଓ ଦର୍ଶକଙ୍କ ସମାଗମ ହେବା ଆଶା କରାଯାଉଛି। ଏହି ଅବସରରେ ଯାତ୍ରା କମିଟିର ସଭାପତି ଜ୍ୟୋତିର୍ମୟ ପଟ୍ଟନାୟକ, ଉପସଭାପତି ମହେଶ୍ୱର ଜେନା, ସମ୍ପାଦକ ମଞ୍ଜୟ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପତି, ଯାତ୍ରା ପରିଚାଳକ ରଘୁନାଥ ସାହୁଙ୍କ ସମେତ ଡେରା ସମ୍ପ୍ରଦାୟର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ଯାତ୍ରାର ସୁପରିଚାଳନାରେ ସହଯୋଗ କରିଥିଲେ।

ମୋଟାବାଡ଼ି ପୋଖରୀରୁ ସମ୍ବର ଉଦ୍ଧାର

ବୁଗୁଡ଼ା, ୩୧।୧୦(ସମିସ): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ମୋଟାବାଡ଼ି ଗ୍ରାମ ଶିବ ମନ୍ଦିର ପୋଖରୀରୁ ଶନିବାର ଏକ ଅସୁସ୍ଥ ସମ୍ବରକୁ ବନ ବିଭାଗ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ନିକଟସ୍ଥ ଜଙ୍ଗଲରୁ ପଳାଇ ଆସି ସମ୍ବରଟି ପାଣିରେ ଫସି ରହିଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର



ଦେଇଥିଲେ। ଖବର ପାଇ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶରେ ବନ କର୍ମଚାରୀମାନେ ପହଞ୍ଚି ସମ୍ବରଟିକୁ ପାଣିରୁ ଉଦ୍ଧାର କରିଥିଲେ। ବର୍ତ୍ତମାନ ବୁଗୁଡ଼ାସ୍ଥିତ କାର୍ଯ୍ୟାଳୟରେ ତାର ଚିକିତ୍ସା ଚାଲିଛି। ସମ୍ବରଟି ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ ଜଙ୍ଗଲରେ ଛଡ଼ାଯିବ ବୋଲି ବନାଞ୍ଚଳ ଅଧିକାରୀ ଜଣାଇଛନ୍ତି।

ଧରାକୋଟ ବ୍ଲକରେ ୭୨ ଘଣ୍ଟା ଧରି ମୋବାଇଲ୍ ନେଟ୍‌ୱର୍କ ବନ୍ଦ

ଧରାକୋଟ, ୩୧।୧୦(ସମିସ)

ବାତ୍ୟା ଅର୍ଣ୍ଣବ୍ ଗଞ୍ଜାମ ଜିଲ୍ଲାର ଧରାକୋଟ ବ୍ଲକର ୧୮ଟି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ସମଗ୍ର ବ୍ଲକର ଅଧିକାଂଶ ରାସ୍ତା ବନ୍ୟା ଜଳ ଦ୍ୱାରା ଧୋଇ ଯିବାରୁ ଗାଁ ଗାଁରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଗତ ତିନିଦିନ ଧରି କୌଣସି ନେଟୱାର୍କ କାମ କରୁ ନଥିବାରୁ ରିଲିଫ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ବ୍ଲକର ସିଙ୍ଗିପୁର, ଯାହାଡ଼ା, ଜଗମୋହନ, ବରଡାବିଲି, ମୁଣ୍ଡ ମରାଇ, ସରଧାପୁର, ବାହାରପୁର, ଓଲମ୍ବା, ସାବା, ବଳରାମପୁର, ରୁଗୁମୁ ପଞ୍ଚାୟତର ଗାଁ ଓ ଚାଷ ଜମି ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବ୍ଲକର ଭାରତ ପଲି, ବରଡାବିଲି, ହରିଜନ ସାହି, କୁଶପଡ଼ା, ଜାହାଡା, ଦସମାଇଲି, ପୁଟୁ, ନନ୍ଦିଗୋର, ଜଗମୋହନ, ଚମ୍ପା ପଲୀ, ସିନ୍ଦୁରା ପଲୀ,



ସୁନା ପଲୀ, ଲକ୍ଷ୍ମୀପୁର, ସରଧା ପୁର ପ୍ରଭୃତି ଗାଁର ରାସ୍ତା ଧୋଇଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଜାତୀୟ ରାଜପଥ ୫୯ର ଆସିକା ଠାରୁ ସୋରଡ଼ା ମଧ୍ୟରେ ଘାଇ ସୃଷ୍ଟି ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଯାଇଥିଲା। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ଧରାକୋଟ ଠାରୁ ତାଳ ପାଟଣା ରାସ୍ତା, ଯାନବିଲି ବଡଗଡ଼ ସୋରଡ଼ା ରାସ୍ତା, ଢ଼ଉପଦା ସାବା ପଟାଶାଳ ରାସ୍ତା, ଅନ୍ଧାରୀ ଘୋଡ଼ା ଆମ୍ବ ରାସ୍ତା, ଜଗନ୍ନାଥପୁର ବାଖରକଟା ରାସ୍ତା, ଭଣ୍ଡାରୀ ବସା ଲକ୍ଷ୍ମୀପୁର ରାସ୍ତା, ପୂର୍ତ୍ତ ବିଭାଗର ଝଗଡ଼େଇ ଜାହାଡା ସୋରଡ଼ା ରାସ୍ତା ଧୋଇ ହୋଇଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ସେହିପରି ବିଡିଓ ଲିପିନା ଦାସ, ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳେଇ, ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ବନ୍ୟା ପ୍ଲାବିତ ଅଞ୍ଚଳରେ ପହଞ୍ଚି ବିପନ୍ନଙ୍କ ସ୍ଥିତାବସ୍ଥା ବୁଝିଛନ୍ତି। ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର ବିଜୟଅମୃତା କୁଲାଙ୍ଗେ, ସାଂସଦ ଅନିତା ଶୁଭଦର୍ଶିନୀ, ବିଧାୟକ ରମେଶ ଚନ୍ଦ୍ର ଜେନା, ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଜିଲ୍ଲା ବିଜେପି ସଭାପତି ବିଜୟ ସ୍ୱାଇଁ, ବି ଜେ ପି ବିଧାୟକ ପ୍ରାର୍ଥୀ ଉତ୍ତମ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ କୁମାର ମହାନ୍ତି ପ୍ରମୁଖ ବନ୍ୟା ପ୍ଲାବିତ ଅଞ୍ଚଳ ଗସ୍ତ କରି ବିପନ୍ନ ଙ୍କ ଅବସ୍ଥା ବୁଝିବା ସହ ରିଲିଫ ସାମଗ୍ରୀ ବାଣ୍ଟିଥିଲେ। ଚଳିତ ବନ୍ୟାରେ ରାଜା ବନ୍ଧ କଲ୍ଭର୍ଟ ଓଲମ୍ବା, କାଲୁଆ ନାଳ କଲ୍ଭର୍ଟ ପଦ୍ମପୁର, ସାବା ପଞ୍ଚାୟତର ଅନ୍ଧାରୀ ବ୍ରିଜ, କୁମାର ବନ୍ଧ କଲ୍ଭର୍ଟ, କାଞ୍ଜିଆମ୍ବ କଲ୍ଭର୍ଟ, ଅନ୍ଧାରୀ କଲ୍ଭର୍ଟ ବିଶେଷ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଯାନବିଲି ଅନିକଟ ଧୋଇ ହୋଇଯାଇଥିବା ବେଳେ ଋଷିକୁଲ୍ୟା ମୁଖ୍ୟ କେନାଲର ୧୦ଟି ସ୍ଥାନରେ ଘାଇ ସୃଷ୍ଟି ହେବା ଫଳରେ ହଜାର ହଜାର ହେକ୍ଟର ଧାନ ଫସଲ ପାଣି ଜମି ନଷ୍ଟ ହୋଇଯାଇଛି। ସେହିପରି ଆଗୁଳ ନାଳରେ ବନ୍ୟା ଆସି ଦଶଟି ସ୍ଥାନରେ ଘାଇ ସୃଷ୍ଟି ହେବାରୁ ଓଲମ୍ବା, ବାଖରକଟା, କାଠଗଡ଼ା, ପଦ୍ମପୁର, ଜଗନ୍ନାଥ ପୁର ଶାସନ, କାନଗିରିଡି, ବେଠୁଆର, ଡ଼ାକିବଜା, ଯାନବିଲି, ରୁଗୁମୁ, ମାଟି ଗାଡ଼ିଆ, ନାୟିକା, ନଈ ସେପାରି, ପାଟ ପାହାଡ, ତିଆଡି ବଗଡ଼, ଗହୀର ମଥା ଅଞ୍ଚଳର ହଜାର ହଜାର ହେକ୍ଟର ଧାନ ଚାଷ ଜମି ନଷ୍ଟ ହୋଇଯାଇଛି। ଧରାକୋଟ ବ୍ଲକର ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଧରାକୋଟ ବ୍ଲକର ପୂର୍ବତନ ବିଡିଓ ଡେନିସ ବେହେରାଙ୍କୁ ଅତିରିକ୍ତ ଦାୟିତ୍ୱ ସରକାର ପ୍ରଦାନ ପରେ ସେ ବନ୍ୟା ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଗଞ୍ଜାମ ବନ୍ୟା ବିଭୀଷିକା

ଜଳ ନିଷ୍କାସନ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ



ବ୍ରହ୍ମପୁରରେ ସ୍ୱରେଜ୍ ନିର୍ମାଣ, ନାଳ ପୁନରୁଦ୍ଧାର ଓ ଡପଲର ରାଡାର ସଚଳ ଦାବି

ବ୍ରହ୍ମପୁର,୩୧ ।୧୦(ସମିସ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା ଓ ବନ୍ୟା ଗଞ୍ଜାମ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ୩୧୮ ପଞ୍ଚାୟତର ୧୦୧୦ ଗ୍ରାମ ଜଳବନ୍ଦୀ ହୋଇଥିବାବେଳେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଥିବା ମିଳିତ ଗଣସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏଭଳି ବିପର୍ଯ୍ୟୟ ପରେ ଜଳ ନିଷ୍କାସନ ବ୍ୟବସ୍ଥା, ପାଣିପାଗ ପୂର୍ବାନୁମାନ ଓ ପ୍ରଶାସନିକ ପ୍ରସ୍ତୁତିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ତୀବ୍ର ହୋଇଛି। ବିଭିନ୍ନ ଜଳଭଣ୍ଡାରରୁ ଏକକାଳୀନ ବନ୍ୟାଜଳ ନିଷ୍କାସନ ଓ ଅବିଶ୍ରାନ୍ତ ବର୍ଷା ପରିସ୍ଥିତିକୁ ଅଧିକ ଜଟିଳ କରିଥିବା ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ଓ ପ୍ରଗତିଶୀଳ ଉତ୍କଳ ସମାଜ ପକ୍ଷରୁ ଅଭିଯୋଗ ହୋଇଛି। ଜଳ ନିଷ୍କାସନ ପୂର୍ବରୁ ଲୋକଙ୍କୁ ଆଗୁଆ ସତର୍କ କରାଯାଇ ନଥିବା ମଧ୍ୟ ପ୍ରଶ୍ନ ଉଠିଛି। ଗୋପାଳପୁରରେ ଥିବା ଡପଲର ରାଡାରର କାର୍ଯ୍ୟକ୍ଷମତା ଓ ପାଣିପାଗ ପୂର୍ବାନୁମାନର ସଠିକତା ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ବ୍ରହ୍ମପୁର ସହରରେ ବାହାନା ଓ ସାପୁଆ ନାଳ ଜବରଦଖଲମୁକ୍ତ କରି ତାଳଦଣ୍ଡା କେନାଲ ଢାଞ୍ଚାରେ ପୁନରୁଦ୍ଧାର କରିବା, ତୁରନ୍ତ ସ୍ୱରେଜ୍ ନିର୍ମାଣ ଏବଂ ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁରରେ ଭୂତଳ ବିଦ୍ୟୁତ୍ କେବୁଲ ବିଛାଇବାକୁ ଦାବି ହୋଇଛି। ଏଥିସହ ଆସିକାର ବନ୍ୟା ସମସ୍ୟା ଦୂର ପାଇଁ ଋଷିକୂଲ୍ୟା-ବଡ଼ନଦୀ ସଂଯୋଗୀକରଣ ପ୍ରସ୍ତାବ ମଧ୍ୟ ଉଠିଛି। ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, ଋଣ ଛାଡ଼ ଓ ଚାଷୀ ପରିବାରର ପିଲାଙ୍କୁ ମାଗଣା ଶିକ୍ଷାଦାନ ସହ ଭବିଷ୍ୟତରେ ଏଭଳି ବିପର୍ଯ୍ୟୟ ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ସମୀକ୍ଷା ବୈଠକ ଡାକିବାକୁ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ, ପ୍ରଗତିଶୀଳ ଉତ୍କଳ ସମାଜ, ଓଡ଼ିଶା ଡେଭେଲପମେଣ୍ଟ ଫୋରମ, ଅଭିଭାବକ ମହାସଂଘ, ସ୍ୱାଭିମାନ ଓଡ଼ିଶା ସମେତ ବିଭିନ୍ନ ସଂଗଠନ ଦାବି କରିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ଆବାହକ ରାଜେନ୍ଦ୍ର ପଣ୍ଡା, ସଂଯୋଜକ ବିନୋଦ ଠାକୁର, ପ୍ରଗତିଶୀଳ ଉତ୍କଳ ସମାଜର ଆବାହକ ତଥା ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ମାନସ ରଞ୍ଜନ ପତ୍ର, ଓଡିଶା ଡେଭଲପମେଣ୍ଟ ଫୋରମର ସଂଯୋଜକ ପ୍ରିତିଶ ପାଣିଗ୍ରାହୀ, ଓଡିଶା ଉପଭୋକ୍ତା ସମବାୟ ମହାସଂଘର ନିର୍ଦ୍ଦେଶକ ରବିନ୍ଦ୍ର କୁମାର ସାମଲ, ରାଜ୍ୟ ଅମଲାସଂଘର ପୂର୍ବତନ ସଭାପତି ସୁରେଶ ଚନ୍ଦ୍ର ତ୍ରିପାଠୀ, ସ୍ୱାଭିମାନ ଓଡ଼ିଶାର କାର୍ଯ୍ୟକର୍ତ୍ତା ତଥା, ଓଡିଶା ଅଭିଭାବକ ମହାସଂଘର ମଧୁସୂଦନ ସାହୁ, ସମାଜସେବୀ ସୂର୍ଯ୍ୟ ନାରାୟଣ ବେହେରା, ମିର୍ଜା ବେଗମ, ସମାଜସେବୀ ସଞ୍ଜୟ କୁମାର ତ୍ରିପାଠୀ ଓ ଡ. ରବିନ୍ଦ୍ର ନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

■ ବନ୍ୟା ପରେ ବ୍ରହ୍ମପୁରରେ ପାଣି ହାହାକାର !

୩ ଦିନ ହେଲା ଶୁଖିଲା ପାଣି ଟ୍ୟାପ୍; ଟ୍ୟାଙ୍କର ଭରସାରେ ହଜାର ହଜାର ଲୋକ

ବ୍ରହ୍ମପୁର,୩୧ ।୧୦(ସମିସ): ବନ୍ୟାରେ ଗ୍ରାମାଞ୍ଚଳର ଘରଦ୍ୱାର ବୁଡ଼ିଲା, ଏବେ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି ବ୍ରହ୍ମପୁର ସହର ବାସୀ। ବାତ୍ୟା "ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ସ୍ଥିତି ସହରରେ ଦ୍ୱିତୀୟ ସଙ୍କଟ ସୃଷ୍ଟି କରିଛି। ତଳିଆ ଅଞ୍ଚଳରେ ବନ୍ୟାଜଳ ହଟିନଥିବାବେଳେ ସହରର ଉପର ଅଞ୍ଚଳରେ ଦେଖାଦେଇଛି ଉତ୍କଟ ପାନୀୟ ଜଳ ସଙ୍କଟ। ଗତ ୩ ଦିନ ହେଲା ଟ୍ୟାପରୁ ପାଣି ଆସୁନଥିବାରୁ ହଜାର ହଜାର ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ଶ୍ରୀରାମନଗରର ନିଆରି ସାହି, ମହାରଣା ସାହି, ବସୁମତୀ କଲୋନୀ, ଧାନମେରା ସାହି, ପିଚିପିଚିଆ ନଗର ଓ ହନୁମାନ ବଜାର ସମେତ ବିଭିନ୍ନ ଅଞ୍ଚଳରେ ପାଣି ପାଇଁ ଲୋକେ ନାକେଦମ୍ ହେଉଛନ୍ତି। ବନ୍ୟାରେ ଜଳବନ୍ଦୀ ଲୋକଙ୍କ ଦୁର୍ଦ୍ଦଶା ଗୋଟିଏ ପଟେ ଥିବାବେଳେ ଅନ୍ୟପଟେ ପାନୀୟ ଜଳ



ଅଭାବ ସହରବାସୀଙ୍କ ଚିନ୍ତା ବଢ଼ାଇଛି। ପରିସ୍ଥିତି ସମ୍ଭାଳିବାକୁ ୱାଟକୋ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଯାଉଛି। କିନ୍ତୁ ଲୋକସଂଖ୍ୟା ଓ ଆବଶ୍ୟକତା ତୁଳନାରେ ଏହା ସମୁଦ୍ରକୁ ଶଙ୍ଖେ ବୋଲି ଅଭିଯୋଗ ହୋଇଛି। ବାଧ ହୋଇ ଲୋକେ କୂଅ ଓ ନଳକୂଅର ପାଣି ବ୍ୟବହାର କରୁଛନ୍ତି। ମାତ୍ର ବନ୍ୟା ପରେ ଏହି ଜଳର ବିଶୁଦ୍ଧତା ନେଇ ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଟ୍ୟାଙ୍କର ଯୋଗାଣ ବଢ଼ାଇବା ସହ ପାଇପ୍ ଜଳ ଯୋଗାଣ ତୁରନ୍ତ ସ୍ୱାଭାବିକ କରିବାକୁ ଦାବି ହୋଇଛି। ବନ୍ୟା ପରେ ପାଣି ଘେରରୁ ମୁକୁଳିବା ଆଗରୁ ପିଇବା ପାଣି ପାଇଁ ସଂଘର୍ଷ କରିବାକୁ ପଡୁଥିବାରୁ ପ୍ରଶାସନର ଜରୁରୀକାଳୀନ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଏବେ ପ୍ରଶ୍ନ ଉଠିଛି।

ବର୍ଷା ଆଶଙ୍କା: ୩ ଯାଏଁ ଗଞ୍ଜାମରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ

■ ଅଙ୍ଗନବାଡ଼ିଠୁ ବିଶ୍ୱବିଦ୍ୟାଳୟ, ସବୁଠି ଛୁଟି ଘୋଷଣା

ବ୍ରହ୍ମପୁର,୩୧ ।୧୦(ସମିସ): ବାତ୍ୟା ପରବର୍ତ୍ତୀ ପାଣିପାଗ ଅସ୍ଥିରତା ମଧ୍ୟରେ ପୁଣି ପ୍ରବଳ ବର୍ଷା ଆଶଙ୍କା। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ନଭେମ୍ବର ୩ ତାରିଖ ଯାଏଁ ବନ୍ଦ ଘୋଷଣା କରାଯାଇଛି। ଏ ନେଇ ଶନିବାର ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପାଣିପାଗ ବୁଲେଟିନ୍ ଅନୁଯାୟୀ, ନଭେମ୍ବର ୨ ଓ ୩ ତାରିଖରେ ଜିଲ୍ଲାରେ ଯଥାକ୍ରମେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ ରହିଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ସମସ୍ତ ଡିଗ୍ରୀ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟର ବିଭାଗଗୁଡ଼ିକ ନଭେମ୍ବର ୩ ତାରିଖ ଯାଏଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ରହିଛି। ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ନିୟମିତ ଭାବେ କାର୍ଯ୍ୟରେ ଉପସ୍ଥିତ ରହିବେ। ସେମାନେ ନିଜ ନିଜର ନିର୍ଦ୍ଧାରିତ ଦାୟିତ୍ୱ ତୁଲାଇବେ ନିମନ୍ତେ ନିର୍ଦ୍ଦେଶ ରହିଛି।

ଇଣ୍ଟରନେଟ୍ ତାର ମରାମତି ବେଳେ ଗଛରୁ ପଡ଼ି ଜଣଙ୍କ ମୃତ୍ୟୁ

ବ୍ରହ୍ମପୁର, ୩୧।୧୦(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଇଣ୍ଟରନେଟ୍ କେବୁଲ ମରାମତି କରୁଥିବା ବେଳେ ଗଛରୁ ଖସିପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଣ୍ଡିଆପଲ୍ଲୀ ଗ୍ରାମର କେ. ଗୁଣ୍ଡିଚା ରେଡ୍ଡୀ ଓରଫ୍ ଭି.ଭି. ଗିରି (୫୧)। ଏହି ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏକ ଘରୋଇ କମ୍ପାନୀ ପକ୍ଷରୁ ଇଣ୍ଟରନେଟ୍ ସେବା ପାଇଁ କେବୁଲ ସଂଯୋଗ କରାଯାଇଥିଲା। ଲଗାଣ ବର୍ଷା ଯୋଗୁଁ ଇଣ୍ଟରନେଟ୍ ସେବାରେ ବ୍ୟାଘାତ ସୃଷ୍ଟି ହୋଇଥିବାରୁ ଶନିବାର ଏହାର ମରାମତି କାର୍ଯ୍ୟ ଚାଲିଥିଲା। ଏଥିପାଇଁ ଗୁଣ୍ଡିଚା ଭଞ୍ଜବିହାର ପରିସରସ୍ଥିତ ପୁରୁଣା ଆନନ୍ଦ ବଜାର ନିକଟରେ ଥିବା ଏକ ଗଛରେ ଚଢ଼ି ଇଣ୍ଟରନେଟ୍ ତାର ସଜାଡୁଥିଲେ। ସମ୍ପୃକ୍ତ ଗଛର ଠିକ୍ ଉପର ଦେଇ ୧୧ କେଭି ବିଦ୍ୟୁତ୍ ତାର ଯାଇଥିବା ବେଳେ କୌଣସି କାରଣବଶତଃ ଗୁଣ୍ଡିଚା ଗଛରୁ ତଳକୁ ଖସିପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡର ପଛପଟ ଫାଟିଯିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଘଟଣା ଦେଖି ତୁରନ୍ତ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ତେବେ ସେଠାରେ ଚିକିତ୍ସା ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସମ୍ପର୍କରେ ମୃତକଙ୍କ ପୁଅ କେ. ଗୋପୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଯୁବତୀଙ୍କ ଗର୍ଭପାତ କରାଇବା ସହ ଧମକ ଦେବା ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର, ୩୧।୧୦(ସମିସ): ବିବାହ ସମେତ ବିଭିନ୍ନ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା, ପରେ ଗର୍ଭପାତ କରାଇବା ଓ ବିବାହ କରିବାକୁ ମନା କରି ଧମକ ଦେବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କବିସୂର୍ଯ୍ୟନଗର ଥାନା ଅଞ୍ଚଳର ତପୁ ନାୟକ (୨୨)। ପୁଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ପରୀକ୍ଷା କରାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୈଦ୍ୟନାଥପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଅଭିଯୁକ୍ତ ତପୁଙ୍କ ସମ୍ପର୍କ ଗଢ଼ିଉଠିଥିଲା। ଅଭିଯୋଗ ଅନୁସାରେ, ତପୁ ଯୁବତୀଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ତାଙ୍କର ଗର୍ଭପାତ କରାଇଥିବା ଅଭିଯୋଗ ହୋଇଛି। ଏହାପରେ ଯୁବତୀ ଜଣକ ବିବାହ ପାଇଁ କହିବାରୁ ଅଭିଯୁକ୍ତ ତପୁ ସିଧାସଳଖ ମନା କରିଦେବା ସହ ତାଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦେଇଥିବା ଅଭିଯୋଗ ହୋଇଛି। ଏଥିରେ ଯୁବତୀ ଜଣକ ମାନସିକ ଭାବେ ବିଚଳିତ ହୋଇ ବୈଦ୍ୟନାଥପୁର ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱର ସହ ନେଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି କ୍ରମରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା। ପରେ ପୁଲିସ ଅଭିଯୁକ୍ତ ତପୁ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ବ୍ରହ୍ମପୁର, ୩୧।୧୦(ସମିସ): ଶନିବାର ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇଜି) ଜୟ ନାରାୟଣ ପଙ୍କଜ ଯୋଗଦେଇ କହିଥିଲେ ଯେ, ଘରୋଇ କ୍ଷେତ୍ରରେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ତୁଳନାରେ ସରକାରୀ କର୍ମଚାରୀମାନେ ଅଧିକ ଦରମା ସହ ବିଭିନ୍ନ ସୁବିଧାସୁଯୋଗ ପାଇବା ସତ୍ତ୍ୱେ ସରକାରୀ କର୍ମଚାରୀଙ୍କ ଦୁର୍ନୀତିରେ ଲିପ୍ତ ହେବା ଅକ୍ଷମଣୀୟ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକ ପରିଷଦ ଅଧ୍ୟକ୍ଷା ଉଷାରାଣୀ ରଥ ଯୋଗଦେଇ ସତ୍ୟନିଷ୍ଠା, ସଚ୍ଚୋଟତା ଓ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦେବା ସହ କ୍ଷମତାର ଦୁରୁପଯୋଗ ଏବଂ ପକ୍ଷପାତିତାରୁ ଦୂରେଇ ରହି କର୍ତ୍ତବ୍ୟ ସମ୍ପାଦନ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ବ୍ରହ୍ମପୁର ମହାନଗର ନିଗମ କମିଶନର ସସ୍ୟା ରେଡ୍ଡି କହିଥିଲେ ଯେ, ମଣିଷ ନିଜର ଆବଶ୍ୟକତା ଯେତେ କମାଇବ, ସେତେ ଅଧିକ ମାନସିକ ଶାନ୍ତି ପାଇବ। ଗୋଟିଏ ମିଛକୁ ଲୁଚାଇବା ପାଇଁ ଅନେକ ମିଛର ଆଶ୍ରୟ ନେବାକୁ ପଡ଼ିଥାଏ, ଯାହା ଶେଷରେ ମାନସିକ ଶାନ୍ତିକୁ ବ୍ୟାହତ କରିଥାଏ ବୋଲି ସେ କହିଥିଲେ। ଏହି ଅବସରରେ ବ୍ରହ୍ମପୁର ଏସପି ଅଭିନବ ସୋନକର, ବ୍ରହ୍ମପୁର ଭିଜିଲାନ୍ସ ଏସପି ପ୍ରଦୀପ କୁମାର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ବ୍ରହ୍ମପୁର ଭିଜିଲାନ୍ସର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ମୋଷ୍ଟ ୱାଣ୍ଟେଡ୍ ପ୍ରଦୀପ ସେଠୀଙ୍କ ମୃତ୍ୟୁକୁ ନେଇ ରହସ୍ୟ ଘନୀଭୂତ

ଦୁର୍ଘଟଣା ନା ଯୋଜନାବଦ୍ଧ ହତ୍ୟା?

■ ପରିବାର ଲୋକଙ୍କ ବୟାନକୁ ନେଇ ସନ୍ଦେହ

■ ଭାଇ, ଭଣଜା ଓ ସମ୍ପର୍କୀୟଙ୍କୁ ଅଟକ ରଖି ମାରାଥନ ଜେରା

ବ୍ରହ୍ମପୁର, ୩୧।୧୦(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାର ପୁରୁଣା ଅପରାଧୀ ତଥା ମୋଷ୍ଟ ୱାଣ୍ଟେଡ୍ ଭାବେ ପରିଚିତ ପ୍ରଦୀପ ଚନ୍ଦ୍ର ସେଠୀଙ୍କ ମୃତ୍ୟୁକୁ ନେଇ ରହସ୍ୟ ଘନୀଭୂତ ହେବାରେ ଲାଗିଛି। ପ୍ରଦୀପଙ୍କ ମୃତ୍ୟୁ ପ୍ରକୃତରେ ସଡ଼କ ଦୁର୍ଘଟଣା ଯୋଗୁଁ ଘଟିଛି ନା ଏହା ପଛରେ କୌଣସି ଯୋଜନାବଦ୍ଧ ହତ୍ୟାକାଣ୍ଡ ରହିଛି, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚନ ପାଇଁ ବ୍ରହ୍ମପୁର ପୁଲିସ ତଦନ୍ତକୁ ଜୋରଦାର କରିଥିବା ବେଳେ ମୃତକଙ୍କ ଭାଇ ଓ ଭଣଜା ସମେତ କେତେକ ସମ୍ପର୍କୀୟ ଓ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଏସପି ଅଭିନବ ସୋନକର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୩୦ ତାରିଖ ରାତି ୮ଟା ୩ ମିନିଟ୍ ସମୟରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଏକ ମୃତଦେହ ଗ୍ରହଣ କରାଯାଇଥିଲା। ପରେ ମୃତ ବ୍ୟକ୍ତି ଜଣକ ବ୍ରହ୍ମପୁର ବଡ଼ ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିର ପୁରୁଣା ଅପରାଧୀ ପ୍ରଦୀପ ସେଠୀ ବୋଲି ଚିହ୍ନଟ ହୋଇଥିଲେ। ମେଡିକାଲରୁ ପ୍ରାପ୍ତ ମେଡିକୋ-ଲିଗାଲ କେସ୍ (ଏମ୍‌ଏଲ୍‌ସି) ରିପୋର୍ଟରେ ମୃତକଙ୍କ ସମ୍ପର୍କୀୟଙ୍କ ବୟାନ ଆଧାରରେ ଏହାକୁ କଥିତ ସଡ଼କ ଦୁର୍ଘଟଣାଜନିତ ଘଟଣା ବୋଲି ଦର୍ଶାଯାଇଛି। ଏହି ଏମ୍‌ଏଲ୍‌ସି ଆଧାରରେ ବ୍ରହ୍ମପୁର ଟ୍ରାଫିକ ଥାନାରେ କେସ୍ ନମ୍ବର ୫୭୫/୩୧ ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ଶନିବାର ମେଡିକାଲ ଫାଣ୍ଡିରେ ପ୍ରଦୀପଙ୍କ ଭାଇ ଓ ଭଣଜାଙ୍କ ସହ ପୁଲିସର କଥାବାର୍ତ୍ତା ସମୟରେ ଉଭୟଙ୍କ ବୟାନରେ ତାଳମେଳ ରହୁନଥିବା ନେଇ ସୂଚନା ମିଳିଛି। ଏହାପରେ ଘଟଣାକୁ ନେଇ ସନ୍ଦେହ ଆହୁରି ବଢ଼ିଛି। ପ୍ରଦୀପ କେଉଁଠାରେ ଓ କେଉଁ ପରିସ୍ଥିତିରେ ଆହତ ହୋଇଥିଲେ, ଦୁର୍ଘଟଣା ଘଟିଥିଲେ ତାହାର ପ୍ରକୃତ ସ୍ଥାନ କେଉଁଠି ଏବଂ ଘଟଣା ସମୟରେ ତାଙ୍କ ସହ କେଉଁମାନେ ଥିଲେ, ସେସବୁ ପ୍ରଶ୍ନର ଉତ୍ତର ଖୋଜିବାକୁ ପୁଲିସ ଉଦ୍ୟମ କରୁଛି। ଏହି ଘଟଣାରେ ମୃତକଙ୍କ ଭାଇ ଓ ଭଣଜାଙ୍କ ସମେତ ପରିବାରର ଏକାଧିକ ସଦସ୍ୟଙ୍କୁ ବୈଦ୍ୟନାଥପୁର ଥାନାରେ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ଏଥିସହ ଅନ୍ୟ କେତେକ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖାଯାଇଛି। ଏପଟେ ପ୍ରଦୀପଙ୍କ ମୃତଦେହର ଶବ ବ୍ୟବଚ୍ଛେଦ ଏମ୍‌କେସିଜି ମେଡିକାଲ କଲେଜର ଫରେନ୍ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲୋଜି (ଏଫ୍‌ଏମ୍‌ଆଣ୍ଡଟି) ବିଭାଗରେ କରାଯାଇଛି।

ଏମ୍‌କେସିଜିରେ ରାଷ୍ଟ୍ରୀୟ ଏକତା ଦିବସ

ବ୍ରହ୍ମପୁର,୩୧ ।୧୦(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଶନିବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ମେଡିକାଲ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ। ଏକତା ଓ ଦେଶର ସାର୍ବଭୌମତ୍ୱ ରକ୍ଷା କରିବା ସହ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ମଜବୁତ କରିବା ଦିଗରେ ନିଜକୁ ସମର୍ପିତ କରିବାକୁ ଏହି ଅବସରରେ ସମସ୍ତେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡ଼ିନ ପ୍ରଫେସର ଡ଼ା. ହରିକ୍ରିଷ୍ଣା ଦଳେଇ, ଅଧୀକ୍ଷକ ପ୍ରଫେସର ଡ଼ା. ସୁଦୀପା ଦାଶ ଓ ରେଜିଷ୍ଟ୍ରାର ଡ. ଶ୍ୱେତ କୁମାର ଦାଶଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟଙ୍କ ସହ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଜାତୀୟ ଏକତା ଦିବସରେ ବ୍ରହ୍ମପୁର ପୁଲିସର 'ରନ୍ ଫର୍ ୟୁନିଟି'

ବ୍ରହ୍ମପୁର, ୩୧।୧୦(ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ବ୍ରହ୍ମପୁର ପୁଲିସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶନିବାର ସକାଳେ 'ରନ୍ ଫର୍ ୟୁନିଟି-ରନ୍ ଫର୍ ନେସନ୍' ଶୀର୍ଷକ ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନରେ ଆମ୍ବପୁଆ ପୁଲିସ ରିଜର୍ଭ ପଡ଼ିଆରେ ସ୍ୱତନ୍ତ୍ର ପରେଡ୍ ଓ ଏକତା ଦିବସ ସମାରୋହ ଆୟୋଜିତ ହୋଇଥିଲା। ସକାଳ ୬ଟାରେ ବ୍ରହ୍ମପୁର ପୁଲିସ ଜିଲ୍ଲା ମୁଖ୍ୟାଳୟ ସମ୍ମୁଖରୁ ଆୟୋଜିତ ମିନି ମାରାଥନ୍?କୁ ବ୍ରହ୍ମପୁର ଏସ୍?ପି ଅଭିନବ ସୋନକର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଦୌଡ଼ ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳପଡ଼ିଆରେ ଶେଷ ହୋଇଥିଲା। ଜାତୀୟ ଏକତା, ଦେଶପ୍ରେମ ଓ ଭାଇଚାରାର ବାର୍ତ୍ତା ପ୍ରସାର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେହିପରି ଅପରାହ୍ନରେ ଆମ୍ବପୁଆସ୍ଥିତ ପୁଲିସ ରିଜର୍ଭ ପଡ଼ିଆରେ ଆୟୋଜିତ ଜାତୀୟ ଏକତା ଦିବସ ସମାରୋହରେ ଏସ୍?ପି ଅଭିନବ ସୋନକର ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନକୁ ସ୍ମରଣ କରି ଦେଶର ଏକତା ଓ ଅଖଣ୍ଡତା ରକ୍ଷାରେ ତାଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଏସ୍?ପି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ସ୍ୱାଧୀନତା ପରେ ଦେଶର ବିଭିନ୍ନ ଗଡ଼ଜାତ ରାଜ୍ୟଗୁଡ଼ିକୁ ଏକତ୍ର କରି ଏକ ଶକ୍ତିଶାଳୀ ଓ ଅଖଣ୍ଡ ଭାରତ ଗଠନ କରିବାରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଅବିସ୍ମରଣୀୟ। ତାଙ୍କର ଦୃଢ଼ ନେତୃତ୍ୱ, ଦୂରଦୃଷ୍ଟି ଓ ଦେଶପ୍ରେମ ଆଜି ମଧ୍ୟ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିଛି। ଭାରତ ବିଭିନ୍ନ ଭାଷା, ଧର୍ମ, ସଂସ୍କୃତି ଓ ପରମ୍ପରାର ଏକ ସୁନ୍ଦର ସମନ୍ୱୟ। ବିବିଧତା ମଧ୍ୟରେ ଏକତା ହିଁ ଦେଶର ପ୍ରକୃତ ଶକ୍ତି। ଆମେ ଭିନ୍ନ ଭିନ୍ନ ଭାଷା କହୁ, ଭିନ୍ନ ପରମ୍ପରା ପାଳନ କରୁ, କିନ୍ତୁ ସମସ୍ତଙ୍କର ପରିଚୟ ହେଉଛି ଆମେ ଭାରତୀୟ। ଜାତି, ଧର୍ମ ଓ ଭାଷାର ଉର୍ଦ୍ଧ୍ୱରେ ରହି ପରସ୍ପର ପ୍ରତି ସମ୍ମାନ, ସହିଷ୍ଣୁତା ଓ ଭାଇଚାରା ବଜାୟ ରଖିବା ଜାତୀୟ ଏକତାର ମୂଳମନ୍ତ୍ର ବୋଲି ସେ ମତବ୍ୟକ୍ତ କରିଥିଲେ। ବିଶେଷକରି ଦେଶର ଶାନ୍ତି, ସୁରକ୍ଷା ଓ ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରଖିବାରେ ପୁଲିସ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ ଉଲ୍ଲେଖ କରିଥିଲେ। ଦେଶର ଏକତା କେବଳ ଏକ ନାରା ନୁହେଁ, ବରଂ ଏହା ଆମର ଚିନ୍ତାଧାରା, ଆଚରଣ ଓ କାର୍ଯ୍ୟରେ ପ୍ରତିଫଳିତ ହେବା ଆବଶ୍ୟକ ବୋଲି ଏସ୍?ପି ଆହ୍ୱାନ ଦେଇଥିଲେ। ଜାତୀୟ ଏକତା, ଅଖଣ୍ଡତା ଓ ଭାଇଚାରାର ବାର୍ତ୍ତା ସହ ସର୍ଦ୍ଦାର ପଟେଲଙ୍କ ଆଦର୍ଶକୁ ଅନୁସରଣ କରି ଏକ ସୁଦୃଢ଼ ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଅବସର ଗ୍ରହଣ କରିଥିବା କନଷ୍ଟେବଳ ଅନିଲ କୁମାର ମଲ୍ଲିକଙ୍କୁ ଏସ୍‌ପି ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ରିଜର୍ଭ ଇନ୍ସପେକ୍ଟର, ସାର୍ଜେଣ୍ଟଙ୍କ ସମେତ ପୁଲିସ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

ନଦୀକୁ ଲୁଟିଲେ, ବନ୍ୟାରେ ଲୋକେ ଭୋଗିଲେ!

ଋଷିକୂଲ୍ୟାର ରୋଷ ନା ପରିଚାଳନାରେ ତ୍ରୁଟି!

● ନଦୀର ସ୍ୱାସ୍ଥ୍ୟକୁ ଅଣଦେଖା, ଜଳଭଣ୍ଡାର ପରିଚାଳନାରେ ତ୍ରୁଟି
● ପ୍ରାକୃତିକ ବିପର୍ଯ୍ୟୟ ନା ପ୍ରଶାସନିକ ଅବହେଳା?
● ପଦାରେ ପଡ଼ିଲା ଜଳଭଣ୍ଡାର ପରିଚାଳନାର ଦାୟିତ୍ୱହୀନତା


ବ୍ରହ୍ମପୁର,୩୧।୧୦(ସମିସ): ବାତ୍ୟାର ଆଗମନ ନେଇ ସତର୍କ ଥିଲା ପ୍ରଶାସନ। ପାଣିପାଗ ବିଭାଗର ଆଗୁଆ ସୂଚନା ଥିଲା, ପ୍ରସ୍ତୁତି ବୈଠକ ବି ହୋଇଥିଲା। ଉଦ୍ଧାର ଓ ରିଲିଫ୍ ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ହେଲେ ବାତ୍ୟା ପରବର୍ତ୍ତୀ ବନ୍ୟାରେ ସବୁ ପ୍ରସ୍ତୁତି ଯେପରି ଧୋଇ ହୋଇଗଲା। ରାସ୍ତାଘାଟଠାରୁ ଚାଷଜମି, ଗାଁଠାରୁ ସହର ସବୁଠି ବନ୍ୟାର ତାଣ୍ଡବ। ଗଞ୍ଜାମର ଜୀବନରେଖା ଋଷିକୂଲ୍ୟା ନଦୀ ଉଚ୍ଛୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା। ବାତ୍ୟାଜନିତ ବର୍ଷା ରେକର୍ଡ ଭାଙ୍ଗିଥିବା ବେଳେ ବନ୍ୟା ଜିଲ୍ଲାର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ତେବେ ଏହା କେବଳ ପ୍ରକୃତିର କୋପ ନା ପ୍ରଶାସନିକ ଅବହେଳାର ପରିଣାମ? ନଦୀର ଅବ୍ୟବସ୍ଥିତ ପରିଚାଳନା, ଜଳଭଣ୍ଡାରର ରକ୍ଷଣାବେକ୍ଷଣରେ ଅବହେଳା, ଦୁର୍ବଳ ନଦୀବନ୍ଧ ଓ କେନାଲ୍ ବ୍ୟବସ୍ଥା ଏବେ ପ୍ରଶାସନକୁ କାଠଗଡ଼ାରେ ଛିଡ଼ା କରିଛି। ବିପର୍ଯ୍ୟୟ ପରେ କ୍ଷୟକ୍ଷତିର ଆକଳନ ଓ ରିଲିଫ୍ ବଣ୍ଟନ ଯେତିକି ଜରୁରୀ, ବନ୍ୟାର କାରଣ ଖୋଜି ଦାୟିତ୍ୱ ନିର୍ଦ୍ଧାରଣ କରିବା ତା'ଠାରୁ ଅଧିକ ଜରୁରୀ ହୋଇପଡ଼ିଛି। ଋଷିକୂଲ୍ୟା ନଦୀର ଉତ୍ପତ୍ତି ଗଞ୍ଜାମ-କନ୍ଧମାଳ ସୀମାନ୍ତ ଋଷିମାଳ ପର୍ବତମାଳାରୁ। ଏହାର ଜଳପ୍ରବାହ ପଥରେ ଅନେକ ଉପନଦୀ ଓ ଜଳଧାରା ମିଶିଛି। ଗାଜଲବାଡ଼ି ପଞ୍ଚାୟତର ପିପଳପଙ୍କା ନିକଟରେ ଓଡ଼ାଙ୍ଗି ନଦୀ ଋଷିକୂଲ୍ୟାରେ ମିଶିଥିବା ବେଳେ ସୋରଡ଼ା ଅଞ୍ଚଳରେ ପଦ୍ମା ଓ ଜରଉ ନଦୀର ଜଳ ଏଥିରେ ପ୍ରବାହିତ ହୁଏ। ଆସିକା ନିକଟରେ ବଡ଼ନଦୀ ମିଶିଥାଏ। ବାଘୁଆ, ଧନେଇ, ଡହ, ଦଦରା ଓ ଲଣ୍ଡେଇ ଭଳି ଜଳଧାରାର



ପାଣି ବଡ଼ନଦୀକୁ ଆସିଥାଏ। ଏହାପରେ ହିଞ୍ଜିଳିକାଟୁ ନିକଟରେ ଘୋଡ଼ାହାଡ଼ ନଦୀର ଜଳ ଋଷିକୂଲ୍ୟାରେ ମିଶି ଶେଷରେ ଗଞ୍ଜାମ ନିକଟରେ ବଙ୍ଗୋପସାଗରରେ ପଡ଼ିଛି। ଅର୍ଥାତ୍ ଉପରମୁଣ୍ଡରେ ହେଉଥିବା ବର୍ଷାର ପ୍ରଭାବ ତଳମୁଣ୍ଡରେ ଏକାସାଙ୍ଗରେ ପଡ଼ିବାର ଆଶଙ୍କା ସବୁବେଳେ ରହିଛି। ଏଭଳି ଭୌଗୋଳିକ ସ୍ଥିତିକୁ ଦୃଷ୍ଟିରେ ରଖି ନଦୀ ଓ ଜଳଭଣ୍ଡାର ପରିଚାଳନା ହେବା ଆବଶ୍ୟକ। କିନ୍ତୁ ଋଷିକୂଲ୍ୟାର ସ୍ୱାଭାବିକ ଜଳପ୍ରବାହ ପଥକୁ ନେଇ ଦୀର୍ଘଦିନ ଧରି ପ୍ରଶ୍ନ ଉଠୁଛି। ନଦୀଶଯ୍ୟାରେ ଲଟାବୁଦା ଓ ଅନାବଶ୍ୟକ ଜଙ୍ଗଲି ଗଛଲତା ବଢ଼ିବା ଯୋଗୁଁ ଜଳପ୍ରବାହ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ରହିଛି। ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ ନ ହେବା ଏହି ସମସ୍ୟାକୁ ବଢ଼ାଇଛି। ଅନ୍ୟପଟେ ନିର୍ଦ୍ଧାରିତ ବାଲିଘାଟ ବ୍ୟତୀତ ବିଭିନ୍ନ ସ୍ଥାନରେ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହୋଇଛି। ନଦୀ ଭିତରକୁ ଭାରୀଯାନ ଯାତାୟାତ କରିବା ଫଳରେ ନଦୀଶଯ୍ୟା ଓ ନଦୀହିଡ଼ର ସ୍ୱାଭାବିକ ସ୍ଥିତି ନଷ୍ଟ ହେଉଛି। ଏହାର ପ୍ରଭାବରେ ନଦୀବନ୍ଧ ଦୁର୍ବଳ ହେବା ସହ ବନ୍ୟାଜଳ ଗାଁ ଓ ଚାଷଜମିକୁ ପ୍ରବେଶ କରିବାର ଆଶଙ୍କା ବଢ଼ିଛି। ବନ୍ୟା ସମୟରେ ଦୁର୍ବଳ ଓ ମୁକୁଳା ନଦୀବନ୍ଧର ବାସ୍ତବ ଚିତ୍ର ସାମ୍ନାକୁ ଆସିଛି। ନଦୀର ଜଳସ୍ତର ବଢ଼ିବା ପରେ ବିଭିନ୍ନ ସ୍ଥାନରେ ବନ୍ଧ ଦେଇ ପାଣି ଗାଁ ଓ ଚାଷଜମିକୁ ପଶିଥିଲା। ଏହା କେବଳ ଅତ୍ୟଧିକ ବର୍ଷାର ପରିଣାମ ନୁହେଁ, ବରଂ ଦୀର୍ଘଦିନର ରକ୍ଷଣାବେକ୍ଷଣ ଅଭାବର ପରିଣାମ ବୋଲି ଅଭିଯୋଗ ହେଉଛି। ଏପରିକି ଋଷିକୂଲ୍ୟାର ବିଭିନ୍ନ ଶାଖା କେନାଲ୍ ଭାଙ୍ଗିଥିବା ବେଳେ ଦୁର୍ବଳ କେନାଲ୍ ଗୁଡ଼ିକର ମରାମତି ହୋଇନଥିବା ଅଭିଯୋଗ ରହିଛି। ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇବାରେ ଯେଉଁ କେନାଲଗୁଡ଼ିକ ଗୁରୁତ୍ୱ ବହନ କରୁଛି, ବନ୍ୟା ସମୟରେ ସେହି କେନାଲ୍ ନିଜେ ବିପଦର କାରଣ ପାଲଟିବା ପ୍ରଶାସନିକ ଯୋଜନା ଓ ତଦାରଖକୁ ନେଇ ପ୍ରଶ୍ନ ଉଠାଇଛି। ଜିଲ୍ଲାର ବିଭିନ୍ନ ଜଳଭଣ୍ଡାରର ସ୍ଥିତି ମଧ୍ୟ ଚିନ୍ତାଜନକ। ଦୀର୍ଘଦିନ ଧରି ପଙ୍କ ଉଦ୍ଧାର ଓ ନିୟମିତ ଖନନ ନ ହେବାରୁ ଅନେକ ଜଳଭଣ୍ଡାରର ଜଳଧାରଣ କ୍ଷମତା ହ୍ରାସ ପାଉଥିବା ଅଭିଯୋଗ ହୋଇଛି। ଜଳଭଣ୍ଡାରର ଜଳ ସଂରକ୍ଷଣ କ୍ଷମତା କମିଲେ ଅଧିକ ବର୍ଷା ସମୟରେ ଜଳ ପରିଚାଳନା ଆହୁରି ଜଟିଳ ହୋଇଥାଏ। ଏପରିସ୍ଥଳେ କେଉଁ ଜଳଭଣ୍ଡାରରେ କେତେ ଜଳ ରହିଛି, କେତେ ପାଣି ଛଡ଼ାଯିବ ଓ ତଳମୁଣ୍ଡରେ ତାହାର କି ପ୍ରଭାବ ପଡ଼ିବ, ସେନେଇ ସମନ୍ୱିତ ଯୋଜନା ଜରୁରୀ। କିନ୍ତୁ ବନ୍ୟା ସମୟରେ କେଉଁ ଜଳଭଣ୍ଡାରର ଗେଟ୍ କେତେବେଳେ ଖୋଲାଗଲା, କେତେ ପରିମାଣର ଜଳ ନିଷ୍କାସିତ ହେଲା, ଏନେଇ ସ୍ପଷ୍ଟ ସୂଚନା ନ ମିଳିବା ସ୍ଥାନୀୟ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ତଥ୍ୟ ସାର୍ବଜନୀନ ହେବା ଆବଶ୍ୟକ। ଏ ସମ୍ପର୍କରେ ସ୍ତମ୍ଭକାର ଭାଲଚନ୍ଦ୍ର ଷଡ଼ଙ୍ଗୀ ନଦୀ ପରିଚାଳନାକୁ ନେଇ ଗୁରୁତର ଆପତ୍ତି ଉଠାଇଛନ୍ତି। ନଦୀକୁ କେବଳ ରାଜସ୍ୱ ଆଦାୟର ମାଧ୍ୟମ ଭାବେ ନ ଦେଖି ଏହାର ସ୍ୱାସ୍ଥ୍ୟ ଓ ସ୍ୱାଭାବିକ ଜଳ ପ୍ରବାହକୁ ବଞ୍ଚାଇ ରଖିବା ଉପରେ ସରକାର ଗୁରୁତ୍ୱ ଦେବା ଉଚିତ ବୋଲି ସେ ମତ ଦେଇଛନ୍ତି। ନଦୀଶଯ୍ୟାରୁ ଲଟାବୁଦା ସଫା, ଅବୈଧ ବାଲି ଉତ୍ତୋଳନ ନିୟନ୍ତ୍ରଣ, ନଦୀବନ୍ଧ ଓ କେନାଲ୍‌ର ମରାମତି ଏବଂ ଜଳଭଣ୍ଡାରର ପୁନରୁଦ୍ଧାରକୁ ପ୍ରାଥମିକତା ଦିଆଯାଇଥିଲେ ବନ୍ୟାର ପ୍ରଭାବ କମାଯାଇପାରିଥାନ୍ତା ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରଶ୍ନ ଉଠୁଛି, ବନ୍ୟା ଆସିବା ପରେ ପ୍ରଶାସନର ତତ୍ପରତା ଦେଖାଇବା ଯଥେଷ୍ଟ କି? ବର୍ଷା ଋତୁ ପୂର୍ବରୁ ନଦୀବନ୍ଧ ଯାଞ୍ଚ, କେନାଲ୍ ମରାମତି, ଜଳଭଣ୍ଡାରର ପଙ୍କ ଉଦ୍ଧାର ଓ ବନ୍ୟାଜଳ ନିଷ୍କାସନର ସମନ୍ୱିତ ଯୋଜନା କାହିଁକି ହୋଇନଥିଲା? ଉପରମୁଣ୍ଡରୁ ତଳମୁଣ୍ଡ ପର୍ଯ୍ୟନ୍ତ ଜଳପ୍ରବାହର ନିରନ୍ତର ନିରୀକ୍ଷଣ କାହିଁକି ସୁନିଶ୍ଚିତ ହୋଇପାରିଲାନି? ବନ୍ୟା କ୍ଷୟକ୍ଷତିର ଆକଳନ ସହ ଏହି ପ୍ରଶ୍ନଗୁଡ଼ିକର ମଧ୍ୟ ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ। ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବା ସମ୍ଭବ ନ ହୋଇପାରେ, କିନ୍ତୁ ଯୋଜନାବଦ୍ଧ ପ୍ରସ୍ତୁତି ଓ ଦାୟିତ୍ୱପୂର୍ଣ୍ଣ ଜଳ ପରିଚାଳନା ଦ୍ୱାରା କ୍ଷୟକ୍ଷତି ନିଶ୍ଚିତ ଭାବେ କମାଯାଇପାରିବ। ଗଞ୍ଜାମର ଏହି ବନ୍ୟା ପ୍ରଶାସନ ପାଇଁ ଏକ ଚେତାବନୀ। ଏବେ ଆବଶ୍ୟକ କେବଳ ଆଶ୍ୱାସନା ନୁହେଁ, ଦୋଷ ଚିହ୍ନଟ, ଦାୟିତ୍ୱ ନିର୍ଦ୍ଧାରଣ ଓ ସ୍ଥାୟୀ ପ୍ରତିକାର ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି।

ସୃଜନିକା

ସକାଳ
THE SAKALA
www.sakalaepaper.com



ବେଡ୍ ନମ୍ବର -୧୪୩



ସୁଚରିତା ବେହେରା

ସେ ଆଜି ବି ସେମିତି ଚାହିଁଥିଲେ ଝର୍କା ସେପାଖ ପୃଥିବୀକୁ, ଯେମିତି ପ୍ରଥମଥର ତାଙ୍କୁ ଭେଟିବା ବେଳେ ଚାହିଁଥିଲେ। ତାଙ୍କ ଶୂନ୍ୟ ଦୃଷ୍ଟି କାହାକୁ ଖୋଜୁଥିଲା କେଜାଣି! ଲାଗୁଥିଲା ଯେମିତି ବ୍ରହ୍ମାଣ୍ଡର ସବୁ ଶୂନ୍ୟତା ଆସି ଅଟକି ଯାଇଛି ତାଙ୍କରି ପାଖେ। ନିଜ ଚାରିପାଖର କୋଳାହଳକୁ ବେଖାତିର କରି ସମ୍ପୂର୍ଣ୍ଣ ମଗ୍ନ ନିଜ ଦୁନିଆରେ। କିନ୍ତୁ ତାଙ୍କ ମୁହଁରେ ଥିବା କାରୁଣ୍ୟର ଭାବ ଯେକୌଣସି ବ୍ୟକ୍ତିକୁ ଭାବପ୍ରବଣ କରିବାକୁ ଯଥେଷ୍ଟ ଥିଲା। ମୁଁ କେତେଦିନ ହେଲା ଏଠିକି ଆସୁଛି ମନେ ନାହିଁ, ବୋଧେ ଆଠ, ଦଶ କି ପନ୍ଦର ଦିନ ବି ହୋଇପାରେ। ସ୍ୱଇଚ୍ଛାରେ ନୁହେଁ ବାଧ୍ୟରେ। ପ୍ରତିଦିନ ଅସଂଖ୍ୟ ଦୁଃଖ, ଯନ୍ତ୍ରଣା, କୋହକୁ ଭେଟିବାକୁ କିଏ ଚାହିଁବ। ଏଠୁ ଫେରିବା ପରେ ମତେ ଖୁବ୍ ଅଣନିଶ୍ୱାସୀ ଲାଗେ। କିନ୍ତୁ ମା'ର କଥାକୁ ଟାଳିନପାରି ବାଧ ହୁଏ ପୁଣି ଆସିବାକୁ। ମୁଁ ଜାଣେ ମା' ବି କର୍ତ୍ତବ୍ୟ ଦାୟରେ ବନ୍ଧା।

ଅଜା ଏବେ ହସ୍‌ପିଟାଲ ବେଡ୍‌ରେ। ଗାଁରୁ ଆସି ଦିନ ରାତି ରହିବା ଏତେ ସହଜ ନୁହେଁ ତାଙ୍କ ପାଇଁ। ସେଥିପାଇଁ ମୁଁ କଲେଜ ସାରି ହଷ୍ଟେଲ ଫେରିବା ଭିତରେ ପ୍ରତିଦିନ ଆସି ମା' ଓ ଆଈ କଥା ବୁଝିଦେଇ ଯାଏ। ଏହି ସମୟର ଅନୁଭବ କେତେ ଯେ ଯନ୍ତ୍ରଣାଦାୟକ ତାହା ଅନୁଭବୀ ହିଁ ଜାଣେ। ଏହା ବେଶ୍ କିଛି ସମୟ ଆବେଶ କରି ରଖେ ମତେ। ସେଥିରୁ ମୁକୁଳିବା ଅତ୍ୟନ୍ତ କଷ୍ଟକର। ଶହଶହ ରୋଗୀ, ଆଟେଣ୍ଡେଣ୍ଟଙ୍କ ଭିତରେ ସେ କିନ୍ତୁ ନୀରବ, ନିଶ୍ଚଳ। ଅଭିମାନ, ଅନୁରାଗ, ଅନୁଶୋଚନାଠୁ ଢେର ଊର୍ଦ୍ଧ୍ୱରେ। ଆଶ୍ଚର୍ଯ୍ୟ ହୁଏ ମୁଁ। ତାଙ୍କର କ'ଣ କେହି ନାହାନ୍ତି ? ସବୁ ବନ୍ଧନରୁ ସେ ମୁକ୍ତ କି ବନ୍ଧନମୁକ୍ତ ହେବାକୁ କିଏ ତାଙ୍କୁ ଫିଙ୍ଗି ଦେଇଛି ଏଠି। ମା'ଙ୍କୁ ପଚାରିଲେ ସେ କିଛି ଉତ୍ତର ଦିଅନ୍ତିନି। ତାଗିଦ କରି କୁହନ୍ତି "ସମସ୍ତଙ୍କ ଭାଗ୍ୟ ଅଲଗା | ଆଗକୁ ପରୀକ୍ଷା ଅଛି | ପଢ଼ାପଢ଼ିରେ ମନ ଦେ।"

ମୁଁ ଲକ୍ଷ୍ୟ କଲି ଏତିକି ଦିନ ଭିତରେ କେହି ଆତ୍ମୀୟ ତାଙ୍କୁ ଭେଟିବାକୁ ଆସିନାହାନ୍ତି | ନର୍ସଙ୍କୁ ପଚାରିଲି "ଏବେ ବି କ'ଣ ତାଙ୍କ ଚିକିତ୍ସା ଚାଲିଛି ?"

"ନାଇଁ।" ସଂକ୍ଷିପ୍ତ ଉତ୍ତର ଦେଇ ସେ ଚାଲିଗଲେ।

ମୋ' ପାଖରେ ଶବ୍ଦ ନଥିଲା କିଛି କହିବାକୁ। ମୁଁ ଅଜାଙ୍କୁ ଦେଖୁଥିଲି। ଡାକ୍ତରଙ୍କ ଚିକିତ୍ସା, ମା' ଓ ଆଈର ନିସ୍ୱାର୍ଥ ସେବାରେ ସେ ଭଲ ହୋଇ ଆସୁଥିଲେ। କିନ୍ତୁ ସେ !

ମୁଁ ତାଙ୍କ ଉପରୁ ଦୃଷ୍ଟି ଫେରେଇ ଆଣି ଡାକ୍ତରଙ୍କ କ୍ୟାବିନକୁ ଗଲି, ଡିସ୍‌ଚାର୍ଜର ଫର୍ମାଲିଟିଜ୍ ପୂରା କରିବାକୁ। ଅଜାଙ୍କ ଉଜ୍ଜ୍ୱଳ ଆଖି ଓ ସ୍ମିତ ହସ ଦେଖି ପରିବାରର ସମସ୍ତଙ୍କ ମୁହଁରେ ଏବେ ଆଶ୍ୱସ୍ତିର ଚିହ୍ନ। ଘରକୁ ଯିବାକୁ ବ୍ୟଗ୍ର ସମସ୍ତେ। ମୁଁ କିନ୍ତୁ ଭାବୁଥିଲି ଜଣକର ଅସରନ୍ତି ପ୍ରତୀକ୍ଷାର ଅବସାନ ଆଉ କେବେ? ତେଣୁ ଫେରିବାବେଳେ ଡାକ୍ତରଙ୍କୁ ପଚାରିଦେଲି, "ବେଡ୍ ନମ୍ବର-୧୪୩ର ଡିସ୍‌ଚାର୍ଜ କେବେ ହେବ ?"


ଦୀର୍ଘନିଶ୍ୱାସ ସହ ଡାକ୍ତରଙ୍କ ପାଟିରୁ ବାହାରି ଆସିଲା "ବୋଧେ କେବେ ନୁହେଁ!" ■

ଗୋଲଡେନ୍ ସାର୍କଲ, ହାଇଦ୍ରାବାଦ
ମୋ: ୭୯୭୬୪୯୮୨୩୪

ପୁସ୍ତକ ଓ ପତ୍ରିକା ପରିଚୟ

ଭାଷା ଆଇନ୍

ସଂପାଦନା: ପବିତ୍ର ମହାରଥା



ଶବ୍ଦସ୍ପର୍ଶ
ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୨
ମୂଲ୍ୟ : ୨୫୦ ଟଙ୍କା

ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି। ଓଡ଼ିଆ ଭାଷାରେ ରଚିତ ବହୁ ଉଚ୍ଚକୋଟୀର କୃତିରେ ଆମ ସାହିତ୍ୟ ସମୃଦ୍ଧଶାଳୀ। ଓଡ଼ିଶା ସରକାରୀ ଭାଷା ଆଇନ ପ୍ରସ୍ତାବରୁ ସଂଶୋଧିତ ଦଣ୍ଡବିଧାନ ପର୍ଯ୍ୟନ୍ତ ଭାଷା ଆଇନର ଇତିହାସ, କ୍ରମ ବିକାଶ, ସଂଶୋଧନ ଆଦିକୁ ନେଇ ପବିତ୍ର ମହରଥାଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଭାଷା ଆଇନ୍' ପୁସ୍ତକ। ଏହି ପୁସ୍ତକରେ ଜାନକୀଶ ବଡ଼ପଣ୍ଡାଙ୍କ 'ଭାଷା ଆଇନକୁ ନେଇ ଆଲୋଚନା', ବିଭୁପ୍ରସାଦ ତ୍ରିପାଠୀଙ୍କ 'ସ୍ଥିତିଜ ଭାଷା ଆଇନକୁ ଗତିଜ କରିବାର ପ୍ରୟାସ' ଆଦି ଆଲୋଚନାଗୁଡ଼ିକରେ ଓଡ଼ିଆ ଭାଷା ସୁରକ୍ଷାର ବିଭିନ୍ନ ଆଇନ ସଂପର୍କରେ ତର୍ଜମା କରାଯାଇଛି। ସେହିପରି ବିଧାନସଭାରେ ଭାଷା ଆଇନ ଉପରେ ଆଲୋଚନାର ଅବିକଳ ବିବରଣୀ, ଓଡ଼ିଆ ଭାଷା ଆଇନ ଗତି ଓ ପ୍ରଗତିର ଧାରା, ଭାଷା ଆନ୍ଦୋଳନ, ଓଡ଼ିଶା ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ, ଓଡ଼ିଶା ସରକାରୀ ଭାଷା ସଂଶୋଧିତ ଅଧିନିୟମ, ଭାଷା ଆଇନର ସଂଶୋଧନ ଆଦି ସଂପର୍କରେ ତଥ୍ୟ ଭିତ୍ତିକ ବିବରଣୀ ସଂକଳିତ ହୋଇଛି। ଓଡ଼ିଆ ଭାଷା ଆଇନ ସଂପର୍କିତ ଏହା ଏକ ଉପାଦେୟ ପୁସ୍ତକ। ■

ରୂପାନ୍ତର



ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ

ଯିଏ ଏସନ ଜାଗରରେ
ସାରାରାତି ଜାଳୁଥିଲେ ସମ୍ପର୍କର ଦୀପ,
ଉଚ୍ଚାଟ ସ୍ୱରରେ
ଲକ୍ଷେ ଭକ୍ତଙ୍କ ଭିଡ଼ରେ
ବୁଣୁଥିଲେ ବିଶ୍ୱାସର ବୀଜ,
ସିଏ ସାମାନ୍ୟ କଥାରେ ପାଲଟିଗଲେ
ଇତିହାସର କ୍ରୂର ଚରିତ୍ର!

ଯିଏ ନିଜେ ଗୋଟେ ସମୁଦ୍ର ଥିଲା
ଜଙ୍ଗଲର ଡାକକୁ ଫୁ କରିଥିଲା
ତା' ଛଳଛଳ ପଣରେ
ଆକାଶକୁ ମିଶେଇବାକୁ
ଚାହିଁଥିଲା ନିଜ ନିଃସଙ୍ଗ ଛାତିରେ,
ଦିନେ
ନିନ୍ଦା ଅପବାଦର ନିର୍ମମ ପ୍ରହରେ
ସେ ପାଲଟିଗଲା ମଲାନଈ।
ଅବସୋସ
ତା' ଶେଷ ଠିକଣାରେ ତାକୁ
କେହିବି ଥରେ ଖୋଜିଲେ ନାଇଁ!

ଯିଏ ମାଟି ପାଇଁ
ଦିନେ ଗର୍ବରେ ପତେଇଥିଲା ଛାତି,
ନିଜ ଦାୟରେ କେବେ ଅପସରି ଯାଇନଥିଲା
କର୍ମ ଓ କର୍ତ୍ତବ୍ୟରୁ,
ସେ ଆଜି ପୁରସ୍କୃତ ଦେଶଦ୍ରୋହ ପାଇଁ,
ଶତ୍ରୁଦେଶର ସର୍ବୋଚ୍ଚ ସମ୍ମାନରେ!

ଯିଏ ଅନ୍ୟର ଆଉଟା ରକ୍ତରେ
ଲେଖିଥିଲା ନିଜ ଭାଗ୍ୟ,
ବେହିସାବ ଶବର ଦରିଆରେ
ହସି ହସି ବିସର୍ଜି ଦେଇଥିଲା
ବାସି ରାତିର ସ୍ୱପ୍ନ!
ସମର୍ପଣର ଶାଣିତ ସ୍ୱରରେ ସିଏ
ଦିନେ ପାଲଟିଗଲା ସନ୍ଥ
ପବନର ପଣତରେ ଲୁଚି ଯାଉଥିଲା
ଶତାବ୍ଦୀର ଶ୍ରେଷ୍ଠ ପାପ!

କିଛି ନିଜ ଚିରାଚରିତ ଚର୍ଯ୍ୟାରୁ ବେଫିକର ମୁକୁଳିଲେ,
ରାତିର ଚାଦର ଘୋଡ଼େଇ
କିଛି ବାହାରିଗଲେ ଶେଷ ଆଶାର
ସନ୍ଧାନରେ
ଆଉ କିଛି
ସକାଳର ସୁନେଲି ରଙ୍ଗ ସହ
ଢୋକୁଥିଲେ ଗଲାକାଲିର କଳଙ୍କ!

କିଛି ହାରିଲେ
କିଛି ସମବେତ ସ୍ୱରରେ
ଜୀବନର ଜୈତ୍ର ଗାନ କଲେ,
କିନ୍ତୁ ସଭିଏଁ ନିଜର
ପରିବର୍ତ୍ତିତ ରୂପକୁ
ସମୟ ଖାତାରେ
ରୀତିମତ ଜାହିର କରୁଥିଲେ! ■


ସହଦେବଖୁଣ୍ଟା, ବାଲେଶ୍ୱର
ପିନ-୭୫୬୦୦୧
ମୋ: ୭୭୮୮୯୭୭୨୭୬

ପୁନର୍ଜନ୍ମ



ସୁଜିତ କୁମାର ସତପଥି

ଏମିତି ଦିନେ ହୁଅନ୍ତା ନି
ସନାତନ ଓହ୍ଲେଇ ଆସନ୍ତା
ଟ୍ରଙ୍କ ଡାଲାରୁ
ସୁତପା ଆମ୍ରସ୍ଥ ମୁଦ୍ରାରୁ
ଆଉ ସମୀରୁ ସୁରଟରୁ
ସେମାନେ ସବୁ ଗାଁ ବସ୍‌ଷ୍ଟାଣ୍ଡ
ଶେଷ ଚା' ଦୋକାନରେ ଭେଟହୁଅନ୍ତେ
ସୁଖଦୁଃଖ ହୁଅନ୍ତେ
ଯେ ଯାହା ତାହା ଆପଣା ଭିତରେ ବାଣ୍ଟି
ହାଲକା ହୁଅନ୍ତେ
ଶବ୍ଦର ପାହାଡ଼ରୁ ଖସି ଭାବ



ମେଘ ହୋଇ ବରଷି ଦିଅନ୍ତା ଅବଶ ମାଟିରେ
ଏମିତି ଦିନେ ହୁଅନ୍ତା ନି
ଶ୍ୟାମଳୀ, ତନୁଲତା ଫେରିଆସନ୍ତେ
କର୍ମବ୍ୟସ୍ତତାରୁ
ତୀର, ଫୁଲଡୁଲି ଦାଦନରୁ ଇଟାଭାଟିରୁ
ହାତ ଧରାଧରି ହୋଇ ଖେଳନ୍ତେ
ପାର୍ଲର ଯାଆନ୍ତେ, ସଫିଂ କରନ୍ତେ
ରିଲ୍‌ସ ନେଇ ଗୁପଚୁପର ମଜା ନିଅନ୍ତେ
ମେହେନ୍ଦି ମାଖିବାରେ ଅପସରି ଯାଆନ୍ତା
ଆଖିତଳ କଳାଦାଗ,
ଛାତିତଳ ଅଣନିଶ୍ୱାସୀ ଲୁହ
ଭୁଲିଯାଆନ୍ତେ ଯୁଗଯୁଗର ଭୋକ ଆଉ ଶୋଷ
କି ଲୁଣ୍ଠିତ ସବୁଜିମା
ଧୀରେଧୀରେ ଅପରୂପ ଘାସ ଯେତେ
ପାଆଁଳି ଯାଆନ୍ତା ସବୁଠି
ଅଦିନିଆ କାକର ଟୋପା ଖସିପଡ଼ନ୍ତା ସେଠି
ଆକାଶରେ ଚିତ୍ରେଇଯାଆନ୍ତା ସାତରଙ୍ଗୀ ଇନ୍ଦ୍ରଧନୁ
ଫୁଟନ୍ତା ପଳାଶ, ଗାଲରେ ଲେସି ହୋଇଯାଆନ୍ତା
ଲାଜ ଓ ଖୁସିର ଫଲଗୁ
ଏମିତି ଦିନେ ହୁଅନ୍ତା ନି
ତମେ, ମୁଁ, ସେମାନେ ସଭିଏଁ
ପ୍ରଥମ, ଦ୍ୱିତୀୟ, ତୃତୀୟର ବିସଙ୍ଗତିକୁ ଭୁଲି
ସମାହିତ ହୋଇଯାଆନ୍ତା ଗୋଟିଏ ଅସ୍ତିତ୍ୱରେ
ଚିତ୍ର-ଚରିତ୍ର, ସ୍ୱପ୍ନ-ସ୍ଥିତି, ନାଦ-ଗୀତି, ବାଦ-ରୀତି
ସବୁକିଛି ମିଳେଇ ଯାଆନ୍ତା
ଈପ୍‌ସିତ ପୁନର୍ଜନ୍ମରେ... । ■

ବାଗାଶ୍ରିତା, ସାଲେଭଟା, ବଲାଙ୍ଗିର
ମୋ: ୯୫୫୬୭୧୧୨୭୨

"କାହିଁକି ମୁଁ ଲେଖେ ତା'ର ସମ୍ପୂର୍ଣ୍ଣ ଉତ୍ତର ମୋତେ ଜଣା ନାହିଁ"





ତରୁଣକାନ୍ତି ମିଶ୍ର

'ମୁଁ କାହିଁକି ଲେଖେ'- ଏ ପ୍ରଶ୍ନ ମୋତେ କେହି କେହି ପଚାରିଛନ୍ତି ଓ ମୁଁ ନିଜେ ବି ଏ ପ୍ରଶ୍ନ ନିଜକୁ ପଚାରିଛି ଅନେକ ଥର । ଏଯାଏ ଏହାର କୌଣସି ଚୂଡ଼ାନ୍ତ ଉତ୍ତର ମୁଁ ଦେଇ ପାରିନାହିଁ, ନା ନିଜକୁ ନା ଅନ୍ୟ କାହାରିକୁ।

ଅଧିକାଂଶ ଲେଖକଙ୍କ ପରି, ମୁଁ ଲେଖା ଆରମ୍ଭ କରିଛି ପିଲାଟି ଦିନରୁ। ପ୍ରଥମେ କେବେ ଗପ ଲେଖିବାକୁ ଚେଷ୍ଟା କରିଥିଲି ମନେ ନାହିଁ, ତେବେ ମୋର ପ୍ରଥମ ସମ୍ପୂର୍ଣ୍ଣ ଗଳ୍ପଟି ମୁଁ ଲେଖିଥିଲି ପଞ୍ଚମ ଶ୍ରେଣୀରେ ପଢ଼ିବା ବେଳେ। ଗଳ୍ପଟିର ନାମ ଥିଲା, 'ସାବତ ମାଆ'।

ପିଲାଦିନେ ମୁଁ ବହୁତ ଗପ ଶୁଣୁଥିଲି। ମୋ' ମାଆ ପ୍ରାୟ ପ୍ରତି ରାତିରେ ଗପ ଶୁଣାନ୍ତି, ପୌରାଣିକ ଉପାଖ୍ୟାନଠାରୁ ଆରମ୍ଭ କରି ଐତିହାସିକ, କାଳ୍ପନିକ, ଏପରିକି ତାଙ୍କ ପିଲାଦିନର ସ୍ମୃତିକଥା । ମୋ' ଅଜା ମଧ୍ୟ ଗପ କହନ୍ତି ଚମତ୍କାର। ସେ ସବୁ ଗପ ଶୁଣି ମୁଁ ମନକୁ ମନ ଗପ ଗଢ଼େ, ଟିକିଏ ଏପଟ ସେପଟ କରି। ମୋର ଯେମିତି ପସନ୍ଦ, ଯେମିତି ମତେ ଭଲ ଲାଗେ।

'ସାବତ ମାଆ' ଗପଟି ମୁଁ ଲେଖିଥିଲି କାନ୍ଦ-କାନ୍ଦ ହୋଇ। ମୁଁ ପଞ୍ଚମରେ ପଢୁଥିବା ବେଳେ, ହଠାତ୍ ଦିନେ ମାଆ ଡାକ୍ତରଖାନାକୁ ଗଲେ, ଗୋଟିଏ ଜରୁରୀ ଅପରେସନ୍ ପାଇଁ । ଆମେ ଛଅ ଭାଇ ଭଉଣୀ ଅନାଥ ହୋଇଗଲୁ ସାତଟି ରାତି। ସେଇ ସବୁ ରାତିରେ ମୁଁ ବସି ଲେଖିଥିଲି 'ସାବତ ମାଆ' ଗଳ୍ପଟି। ଡାକ୍ତରଖାନାରୁ ଫେରି ମୋ' ମାଆଙ୍କ ହାତରେ ପଡ଼ିଥିଲା ସେଇ ଦୁଇ ପୃଷ୍ଠା କାଗଜ । ଗପଟି ପଢ଼ିସାରି, ଛଳ ଛଳ ଆଖିରେ ମାଆ କହିଥିଲେ ବାପାଙ୍କୁ, "ଯଦି ମୁଁ ଡାକ୍ତରଖାନାରୁ ଫେରି ନଥାନ୍ତି, ମରିଯାଇ ଥାଆନ୍ତି ଅପରେସନ୍ ବେଳେ, ମୋ' ଛୁଆଙ୍କର କଅଣ ହୋଇ ଥାଆନ୍ତା କୁହ ତ !"

ମୋତେ ଲାଗେ, ମୁଁ ଲେଖିବାର ଗୋଟିଏ ପ୍ରମୁଖ କାରଣ ଥିଲା, ମୋ' ଭିତରର, ମୋ' ଅନ୍ତରାତ୍ମାର ସ୍ୱର ନିଜକୁ ନିଜେ ଶୁଣାଇବାରେ। ନିରୋଳାରେ ନିଜ ସହିତ ନିଜେ କଥା ହେବାରେ। ଆଜି ବି ସେଇ ଅଭିଳାଷରେ ମୁଁ ଲେଖେ। ଯଦି ମୋ' ଗଳ୍ପର ଗୋଟିଏ ମୁଖ୍ୟ ସ୍ୱର ହୋଇଥାଏ କାରୁଣ୍ୟର, ଛଟପଟ ଅନୁଭବର, ତେବେ ତାହା ହିଁ ମୋର ଅନ୍ତଃସ୍ୱର, ତାହା ହିଁ ମୋର ଉପଲବ୍ଧି। କିନ୍ତୁ ସେହି ଆପାତ-କାରୁଣ୍ୟ ଅନ୍ତରାଳରେ ରହିଛି ଏକ ଗଭୀର ପ୍ରତ୍ୟୟ, ମଣିଷ ବାରମ୍ବାର ବିଫଳ ହେଉଥାଏ, ମଣିଷ ହାରି ଯାଉଥାଏ, କିନ୍ତୁ ସେ ପରାସ୍ତ ହୁଏ ନାହିଁ, ମାନବିକତାର ବିଲୟ ନାହିଁ।

ଯଦି ମୁଁ ଲେଖୁଥାଏ ମୋ' ନିଜ ପାଇଁ, ତେବେ କାହିଁକି ମୁଁ ତା'କୁ ପ୍ରକାଶ କରେ ଛାପା ଅକ୍ଷରରେ? ମୁଁ କରେ ଏହି ଆଶାରେ ଯେ ମୋର ଏହି ଅନୁଭବ, ଏହି ଉପଲବ୍ଧି ଅନ୍ୟ କାହାରି ହୃଦୟରେ ମଧ ରହିଛି, ସେ ବି ଭାବୁଛି ଠିକ୍ ମୋ' ପରି । ସେହି ଐକ୍ୟ, ସେହି ସାମୀପ୍ୟ ମୋତେ ଭରସା ଦିଏ ଜୀବନ ଉପରେ, ବଞ୍ଚିବାର କଳା ଆୟତ୍ତ କରିବାରେ।

ପ୍ରଚାର ଓ ପ୍ରତିଷ୍ଠା ପାଇଁ ମୁଁ କେବେ ଲେଖିନାହିଁ। ଓଡ଼ିଶାରେ ସାହିତ୍ୟିକର ଗୁରୁତ୍ୱ ସେମିତି କିଛି ନାହିଁ, ଯାହାସବୁ କୁହାଯାଏ ସେ ସବୁ ଆଳଙ୍କାରିକ, ଔପଚାରିକ କଥା, ପ୍ରାୟତଃ ନିରର୍ଥକ। ଓଡ଼ିଶାରେ ସାହିତ୍ୟିକ ଲେଖିଥାଏ ତା' ନିଜସ୍ୱ, ଭାବଗତ ସନ୍ତୋଷ ଓ ଆନନ୍ଦ ପାଇଁ । ନ ଲେଖି ରହିହୁଏ ନାହିଁ ବୋଲି।

ଓଡ଼ିଶାରେ ଅଧିକାଂଶ ଲେଖକ ଫଟା ପାହୁଲାଟିଏ ବି ପାଆନ୍ତି ନାହିଁ, ବହି ଲେଖି। ବହି ବଜାରରେ ସମସ୍ତେ ପାରିଶ୍ରମିକ ପାଆନ୍ତି। ପ୍ରକାଶକ ରୋଜଗାର କରେ, ଛାପାଖାନା ଲାଭ କରେ, କାଗଜ କାଳି ଯୋଗାଉଥିବା ଲୋକ ତା'ର ପ୍ରାପ୍ୟ ବୁଝି ନିଏ, ବହି ଦୋକାନୀ ବି ତା' କମିଶନ ପାଇଯାଏ। କିନ୍ତୁ ଯାହାର ଲେଖା ବିକ୍ରି ହୁଏ ସେ କିଛି ପାଏ ନାହିଁ। କପର୍ଦ୍ଦକଶୂନ୍ୟ ରିକ୍ତ ହାତରେ ସେ ପୁଣି ଲେଖେ, ରାତି ରାତି ଅନିଦ୍ରା ହୋଇ, ପରିବାରକୁ ବିଭିନ୍ନ ଭାବେ ବଞ୍ଚିତ କରି। ସେ ନ ଲେଖି ରହି ପାରେ ନାହିଁ। ତାହା ହିଁ ତା'ର ଦୁର୍ଭାଗ୍ୟ, ଏବଂ ତା'ର ସୌଭାଗ୍ୟ।

ପଇସା ବଡ଼ କଥା ନୁହେଁ, ରୋଜଗାରର ଅନେକ ବାଟ ରହିଛି। ଓଡ଼ିଶାର ଲେଖକ ପେଟ ପୋଷିବାକୁ କିଛି ନା କିଛି ଉପାୟ ଖୋଜି ନିଏ। କିନ୍ତୁ ଯାହା ସେ ଲେଖେ, ତା'କୁ କେହି ପଢ଼ନ୍ତି କି ?

ଓଡ଼ିଶାରେ ପାଠକଙ୍କ ସଂଖ୍ୟା ନଗଣ୍ୟ। ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଅନେକଙ୍କର ଶ୍ରଦ୍ଧା ନାହିଁ । ସେମାନେ ଭାବନ୍ତି ଓଡ଼ିଆରେ କିଛି ଭଲ ବହି ଲେଖାହୁଏ ନାହିଁ । ଏ ସବୁ ପଢ଼ିବା ସମୟର ଅପଚୟ । ସେମାନଙ୍କ ଭିତରୁ କେହି କେହି ମୋତେ କେବେ କେମିତି ପଚାରି ଦିଅନ୍ତି, "ଆଉ ! ଲେଖାଲେଖି କେମିତି ଚାଲିଛି ?" ସତେ ଯେମିତି ମୋର ଗୋଟିଏ ପୁରୁଣା, ଆଦୌ ଭଲ ହେଉ ନଥିବା ରୋଗ ରହିଛି ଓ ସେଥିପାଇଁ ସେମାନେ ମୋ' ପ୍ରତି ସହାନୁଭୂତିଶୀଳ ।

ସେମାନେ ହୁଏତ ଠିକ୍, ମୋ' ଭିତରେ ରହିଛି ଗୋଟିଏ ପୁରୁଣା, କେବେ ଭଲ ହୋଇ ପାରୁ ନଥିବା ରୋଗ । ଏ ରୋଗ ମୋର ଜନ୍ମ ସମୟରୁ। ଏ ରୋଗ ମୋତେ କଷ୍ଟ ଦିଏ, ଅସ୍ଥିର କରିଦିଏ; ଏ ଜାଗତିକ ପୃଥିବୀର ବିଳାସ, ବ୍ୟସନ, କ୍ଷମତା ଓ ପ୍ରତିଷ୍ଠା ମୋର ଏ ରୋଗକୁ ଭଲ କରିପାରି ନାହିଁ, ବରଂ କେବେ କେମିତି ଅଧିକ ଛଟପଟ କରିଛି, ଉତ୍‌ପ୍ରେରିତ କରିଛି ଆହୁରି ରାତି ଅନିଦ୍ରା ହେବାକୁ, କଷ୍ଟ ପାଇବାକୁ, ନିଜକୁ ଜାଳି ଦେବାକୁ । ମୋର ସେହି ଜ୍ୱଳନ, ସେହି ଆକୁତି ହୁଏତ ଆଉ କାହାରି ଆତ୍ମାକୁ ଛୁଇଁବ, ବଞ୍ଚିବାକୁ ଭରସା ଦେବ, କେଉଁ ଅଦେଖା ଜନପଦର ଅଜଣା ମଣିଷକୁ, ନିଃସଙ୍ଗ ଏକାକୀ ରାତିରେ ।

ଭବଭୂତି କହିଥିଲେ, ଅନେକ ଦିନ ଆଗରୁ, 'କାଲୋହ୍ୟମ୍ ନିରବଧି, ବିପୁଳାଚ ପୃଥ୍ୱୀ'। ସେ କହିଥିଲେ, ଏ ବିଶାଳ ପୃଥିବୀରେ, କେହି ନା କେହି, କେବେ ଦିନେ ମୋ' ମନର କଥା ବୁଝି ପାରିବ। ■

୧୩୭, ଲୁଇସ୍ ରୋଡ଼,
ବିଜେବି ନଗର, ଭୁବନେଶ୍ୱର, ୭୫୧୦୧୪

ଝୁମୁକା

ସଂପାଦକ: ମାନସ ରଞ୍ଜନ ସାମଲ



୧୪୪, ଏଲ୍.ଟି. କଲୋନୀ, ଚାରବାଟିଆ
କଟକ-୭୫୪୦୨୮
ମୂଲ୍ୟ ୫୦ ଟଙ୍କା

ବିଶିଷ୍ଟ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲଙ୍କ ବଳିଷ୍ଠ ସମ୍ପାଦନାରେ ପ୍ରକାଶ ପାଇଛି 'ଝୁମୁକା'ର ଶାରଦୀୟ ବିଶେଷାଙ୍କ -୨୦୨୬। 'ଗଳ୍ପ ବିଭାଗ'ରେ ଶାନ୍ତନୁ କୁମାର ଆଚାର୍ଯ୍ୟ, ପ୍ରତିଭା ରାୟ, ମହେଶ୍ୱର ମହାନ୍ତି, ଦାଶ ବେନହୁର, ଜୟନ୍ତୀ ରଥ, ରମେଶ ପତ୍ରୀ, ନିତ୍ୟାନନ୍ଦ ସ୍ୱାଇଁ, ନିରୁପମା ଆଚାର୍ଯ୍ୟ, ନରେନ୍ଦ୍ର ପ୍ରସାଦ ଦାସ, ଛନ୍ଦା ମିଶ୍ର ପ୍ରମୁଖଙ୍କ ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। 'ପାର୍ବଣ ବିଶେଷ'ରେ 'ମନେପଡ଼େ ମାମୁଘର' ଶୀର୍ଷକରେ କଥାକାର ଗୌରହରି ଦାସ ଓ ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଆଲେଖ୍ୟ ଉଚ୍ଚକୋଟୀର ହୋଇଛି। 'ଏକାଙ୍କିକା ବିଭାଗ'ରେ ସଂଘମିତ୍ରା ମିଶ୍ର ଓ 'ଫିଚର'ରେ 'ଭାରତର ଦ୍ୱାଦଶ ମହୀୟସୀ ମହିଳା' ଚମତ୍କାର ହୋଇଛି। 'କବିତା ବିଭାଗ'ରେ ରାଜକିଶୋର ପାଢ଼ୀ, ଦେବରାଜ ସାମନ୍ତରାୟ, ନିର୍ଭୟ କୁମାର ପାଣି, ସୁନାମଣି ରାଉତ, ବଙ୍କିମ ଚନ୍ଦ୍ର ନାୟକ, ଜୟନ୍ତିକା, ଚିରଶ୍ରୀ ଇନ୍ଦ୍ରସିଂ, ହରିହର ଶୁକ୍ଳ, ମହେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖଙ୍କ ସୃଷ୍ଟି ମନଛୁଆଁ ହୋଇଛି। ବହୁ ବରିଷ୍ଠ ଓ ଯୁବ ସ୍ରଷ୍ଟାଙ୍କ ସୃଷ୍ଟିରେ ସମୃଦ୍ଧ 'ଝୁମୁକା' ବେଶ୍ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

ସତ୍ୟମେବ ଜୟତେ

ସଂପାଦକ: ମାନସ ରଞ୍ଜନ ଦାଶ



ସତ୍ୟମେବ ଜୟତେ ପରିବାର
ସପନପୁର, ଶିଶୁଆ, ସାଲେପୁର, କଟକ
ମୂଲ୍ୟ : ୧୦୦

'ସତ୍ୟମେୟ ଜୟତେ ପରିବାର' ପକ୍ଷରୁ ମାନସ ରଞ୍ଜନ ଦାଶଙ୍କ ସଂପାଦନାରେ 'ସତ୍ୟମେବ ଜୟତେ' ବାର୍ଷିକ ମୁଖପତ୍ର -୨୦୨୬ ପ୍ରକାଶ ପାଇଛି। ଏହି ପତ୍ରିକାରେ ଓଡ଼ିଶାର ଅନେକ ପ୍ରତିଷ୍ଠିତ ଓ ଯୁବ ଲେଖକଲେଖିକାଙ୍କ କବିତା, ଗପ, ପ୍ରବନ୍ଧ ଆଦି ପ୍ରକାଶ ପାଇଛି। ଡକ୍ଟର ଗୌତମ ମହାରଣାଙ୍କ 'ସୁପୁତ୍ରସ୍ତୁ କୁଳେ ଭାତି', ଡ. ସନ୍ତୋଷ କୁମାର ପଣ୍ଡାଙ୍କ 'ସଂକଳ୍ପ ନୁହେଁ, ସମୟର ଆହ୍ୱାନ', ଡକ୍ଟର ତରୁଲତା ଦେବୀଙ୍କ 'ସଂପର୍କର ପରିଭାଷା', ଜୟଦେବ ଲେଙ୍କାଙ୍କ 'ସେଇ ସାତ ରଙ୍ଗରେ...' ଆଦି ପ୍ରବନ୍ଧ ଉଚ୍ଚକୋଟୀର ହୋଇଛି। ସେହିପରି ଡକ୍ଟର ଅନୁପମା ବିଶ୍ୱାଳଙ୍କ 'ସାବତ ଶାଶୁ', ଡକ୍ଟର ମନ୍ଦାକିନୀ ପାଢ଼ୀଙ୍କ 'ସନ୍ତାନ ପାଇଁ ମମତା', ବିପ୍ଳବ ବିକାଶ ବେହେରାଙ୍କ 'ଶବ୍ଦର ତରଙ୍ଗ', କମଳିନୀ ସେନାପତିଙ୍କ 'ଶୂନ୍ୟତାର ବାସ୍ନା' ପ୍ରଭୃତି ମନଛୁଆଁ ହୋଇଛି। ସେଭଳି ଶ୍ରୀମତୀ ନିର୍ମଳା ପରିଡ଼ାଙ୍କ 'ସମୟ ନୁହେଁ କାହାର', ଅପର୍ତ୍ତି ସେଠୀଙ୍କ 'ସଂଗ୍ରାମ', ହରିହରି ମହାନ୍ତଙ୍କ 'ସତ୍ୟଭାମାପୁର ଶିଶୁ', ସୁରେଶ ଚନ୍ଦ୍ର ବାୟାଙ୍କ 'ସମୀରଣ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। 'ସତ୍ୟମେବ ଜୟତେ'ର ଏହି ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

ଅବଶିଷ୍ଟାଂଶ...

ବିପର୍ଯ୍ୟୟ ପାଇଁ...

ଜଳ ନିଷ୍କାସନକୁ ନେଇ ଉପଯୁକ୍ତ ସମନ୍ୱୟକୁ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁସାରେ ନଦୀରେ ବନ୍ୟାଜଳ ବଢ଼ିବା ପରେ ମଧ୍ୟ କେତେକ ଜଳଭଣ୍ଡାରରୁ ବିନା ଯଥେଷ୍ଟ ପୂର୍ବ ସୂଚନାରେ ଜଳ ନିଷ୍କାସନ କରାଯାଇଥିଲା। ନଦୀକୂଳିଆ ଗ୍ରାମବାସୀଙ୍କୁ ସାଇରନ ସତର୍କ ବି କରାଗଲା ନାହିଁ। ଏହା କେବଳ ବୈଷୟିକ ତ୍ରୁଟି ନୁହେଁ, ଲୋକଙ୍କ ଜୀବନକୁ ବିପଦ ମଧ୍ୟକୁ ଠେଲିଦେବା ସହ ସମାନ ବୋଲି ଅଭିଯୋଗ ହୋଇଛି। ବନ୍ୟାଜଳ ହଠାତ୍ ଗାଁ ଭିତରକୁ ପଶିବାରୁ ଜୀବନ ବଞ୍ଚାଇବା ସହ ଲୋକଙ୍କ ପାଖରେ ଆଉ କିଛି ବାଟ ନ ଥିଲା। ବର୍ଷ ବର୍ଷର ଜମାପୁଞ୍ଜି, ଘରର ଆସବାବପତ୍ର, ଦୋକାନର ସାମଗ୍ରୀ, ଗୃହପାଳିତ ପଶୁ ଓ ଚାଷଜମିର ଫସଲ ଜଳପ୍ରବାହରେ ନଷ୍ଟ ହୋଇଛି। ଅନେକ ପରିବାର ପିନ୍ଧାଲୁଗା ଛଡ଼ା ଆଉ କିଛି ରକ୍ଷା କରିପାରିନାହାନ୍ତି। ତିନିଟି ଜିଲ୍ଲାର ଚାଷୀଙ୍କ ପାଇଁ ଏହି ବନ୍ୟା ଜୀବିକା ଉପରେ ମଧ୍ୟ ଶକ୍ତ ପ୍ରହାର ହୋଇଛି।

ସବୁଠାରୁ ଉଦ୍‌ବେଗଜନକ ହେଉଛି ଦୁର୍ଗମ ଓ ବିଚ୍ଛିନ୍ନ ଅଞ୍ଚଳରେ ଫସି ରହିଥିବା ଲୋକଙ୍କ ସ୍ଥିତି। ଏବେ ବି ଅନେକ ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଏବଂ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚିପାରିନଥିବା ଅଭିଯୋଗ ଆସିଛି। କିଛି ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିବା ଆଶଙ୍କା କରାଯାଉଛି। ମାଟି ଓ ପଥର ଅତଡ଼ା ତଳେ ଅନେକ ଲୋକ ଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି। ୨ଟି ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯାଇଛି ଓ ଅନେକ ଲୋକ ନିଖୋଜ ରହିଛନ୍ତି। ସେହିପରି ଆଉ କିଛି ଗାଁ ସମ୍ପୂର୍ଣ୍ଣ ଧୋଇ ଯାଇଥିବା ମଧ୍ୟ ଲୋକମାନେ ଆଶଙ୍କା କରୁଛନ୍ତି।

ବିପର୍ଯ୍ୟୟ ପୂର୍ବରୁ ସତର୍କତା, ବିପର୍ଯ୍ୟୟ ସମୟରେ ସମନ୍ୱିତ ଜଳ ପରିଚାଳନା ଏବଂ ପରେ ତ୍ୱରିତ ଉଦ୍ଧାର କାର୍ଯ୍ୟରେ ବିଫଳତା ସରକାରଙ୍କ ତଣ୍ଟିରେ କଣ୍ଟା ହୋଇ ଲାଗିଛି। ସରକାର କେବଳ ରିଲିଫ୍ ବଣ୍ଟନ କିମ୍ବା କ୍ଷତିପୂରଣ ଘୋଷଣା କରି ଦାୟିତ୍ୱ ସାରିପାରିବେ ନାହିଁ। ପ୍ରକୃତିର ପ୍ରକୋପକୁ ରୋକିବା ମଣିଷ ହାତରେ ନାହିଁ, କିନ୍ତୁ ପୂର୍ବ ପ୍ରସ୍ତୁତି ଓ ଦାୟିତ୍ୱପୂର୍ଣ୍ଣ ପରିଚାଳନାରେ ଜୀବନ ଓ ସମ୍ପତ୍ତିର କ୍ଷତି ନିଶ୍ଚିତ ଭାବେ କମାଯାଇପାରିଥାନ୍ତା। ମାତ୍ର ତାହା ସମ୍ଭବ ହୋଇ ପାରିନାହିଁ। ବିପର୍ଯ୍ୟୟ ପରିଚାଳନାରେ ଦଶନ୍ଧି ଦଶନ୍ଧି ଧରି ଓଡ଼ିଶାର ସୁନାମକୁ ଅର୍ଣ୍ଣବ ପରି ଏକ ଛୋଟ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛି।

ବାତ୍ୟାରେ ୪ ମୃତ...

୧୨ ଜଣ ଏବେବି ନିଖୋଜ ଅଛନ୍ତି। ସେମାନଙ୍କ ପାଇଁ ବ୍ୟାପକ ଉଦ୍ଧାର ଅଭିଯାନ ଚାଲିଛି। ଅଗ୍ନିଶମ ସେବା, ସ୍ୱତନ୍ତ୍ର ଅପରେସନ୍ ଗ୍ରୁପ୍ (ଏସ୍‌ଓଜି) ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆର୍‌ଏଫ୍)ର ୧୬୦ରୁ ୧୭୦ ଜଣ କର୍ମଚାରୀ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଏସ୍‌ଆର୍‌ସି ପ୍ରଭାକର ପାଟିଲ କହିଛନ୍ତି, କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକରୁ ୩ ଜଣଙ୍କ ମୃତ୍ୟୁ ଖବର ମିଳିଥିବାବେଳେ ଗଜପତି ଜିଲ୍ଲାରେ ଜଣଙ୍କ ଜୀବନ ଯାଇଛି। ଗଞ୍ଜାମର ଗିଡ଼ିପାବାଲିରେ ଭୂସ୍ଖଳନ ପରେ ନିଖୋଜ ଥିବା ୧୨ ଜଣଙ୍କୁ ଠାବ କରିବା ଏବେ ଉଦ୍ଧାରକାରୀ ଦଳ ପାଇଁ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି।

ଅନ୍ୟପକ୍ଷରେ ବନ୍ୟାରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବ୍ୟାପକ ଜନଜୀବନ ପ୍ରଭାବିତ ହୋଇଛି। ଗଞ୍ଜାମ ଜିଲ୍ଲାରେ ମୋଟ ୧,୦୫,୬୨୨ ଲୋକ ବନ୍ୟା ଓ ବର୍ଷା ଯୋଗୁଁ ପ୍ରଭାବିତ ହୋଇଥିବାବେଳେ ୩୬୭ଟି ରିଲିଫ୍ ଶିବିରରେ ୩୯,୬୧୯ ଜଣ ଆଶ୍ରୟ ନେଇଛନ୍ତି। ଏହି ଶିବିରଗୁଡ଼ିକରେ ପ୍ରଭାବିତଙ୍କୁ ଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଯାଉଛି। ସେହିପରି ଗଜପତି ଜିଲ୍ଲାରେ ୨୧,୭୮୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଉଭୟ ଜିଲ୍ଲାରେ ଉଦ୍ଧାର, ରିଲିଫ୍ ଓ ଥଇଥାନ କାର୍ଯ୍ୟ ଜାରି ରହିଥିବାବେଳେ ଜଳବନ୍ଦୀ ଓ ବିସ୍ଥାପିତ ଲୋକଙ୍କ ନିକଟରେ ଜରୁରୀ ସହାୟତା ପହଞ୍ଚାଇବାକୁ ପ୍ରଶାସନ ଉଦ୍ୟମ ଚଳାଇଛି।

ପୂରା ଗାଁକୁ...

ଓ କନ୍ଧମାଳ ଜିଲା ପ୍ରଶାସନର ମିଳିତ ଉଦ୍ଧାରକାରୀ ଦଳ ଶନିବାର ସକାଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଭୟ ଅଞ୍ଚଳରେ ଅନେକ ଘର ମାଟି ତଳେ ପୋତି ହୋଇଯାଇଥିବାରୁ ଓଡ୍ରାଫ୍, ଅଗ୍ନିଶମ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ମାଟି ଖୋଳି ଉଦ୍ଧାର କାର୍ଯ୍ୟ ଜୋରଦାର ଜାରି ରହିଛି। ଅନ୍ୟ ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ଏଯାଏଁ କୌଣସି ସୂଚନା ମିଳି ନ ଥିବାରୁ ଜଙ୍ଗଲ ଭିତରେ କେହି ଜୀବିତ ଥାଇପାରନ୍ତି ଆଶା ରଖି ପ୍ରଶାସନ ପକ୍ଷରୁ ଜଙ୍ଗଲ ଅଞ୍ଚଳରେ ମଧ୍ୟ ତଲାସୀ ଅଭିଯାନ ଚାଲିଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଭଞ୍ଜନଗର ଉପଜିଲାପାଳ ଉମା ଶଙ୍କର ବେହେରା, ବିଡିଓ ଭାରତୀ ଦେବୀ,ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଅତିରିକ୍ତ ତହସିଲଦାର ଅବିନାଶ ମହାର ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟର ସରଜମିନ ତଦାରଖ କରୁଛନ୍ତି।

ଜୀବନହାନିକୁ ନେଇ...

ଏକାଧିକଙ୍କ ପ୍ରାଣହାନୀ ଓ ଅନେକ ନିଖୋଜ ହୋଇଯାଇଥିବା ଖବର ବିଷୟରେ ଜାଣି ମୁଁ ଦୁଃଖିତ। ଲୋକମାନଙ୍କ ସୁରକ୍ଷିତ ଉଦ୍ଧାର ଓ ଜନଜୀବନକୁ ସୁଗମ କରିବା ପାଇଁ ସରକାର ତ୍ୱରିତ ଭାବେ ସମସ୍ତ ପଦକ୍ଷେପ ସୁନିଶ୍ଚିତ କରନ୍ତୁ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି।

ବ୍ଲକ ଘେରିଲେ...

ସହାୟତା ବର୍ତ୍ତମାନ ସୁଦ୍ଧା ପ୍ରଶାସନ କରିନାହିଁ। ବନ୍ୟାକୁ ତିନି ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ କୁରୁଳା ପଞ୍ଚାୟତ ବାଇଶିପଲ ଗ୍ରାମର ବନ୍ୟା ବିପନ୍ନଙ୍କୁ ଖାଦ୍ୟ ଦେବା ତ ଦୂରର କଥା, ସେମାନଙ୍କ ନିକଟରେ ପହଞ୍ଚି ପାରିନାହାନ୍ତି। ଏଭଳି ଅଭିଯୋଗ ଆଣି କୁରୁଳା ପଞ୍ଚାୟତ ବାଇଶିପଲ ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ଶେରଗଡ଼ ପଞ୍ଚାୟତ ସମିତି ଘେରାଉ କରି ଧାରଣାରେ ବସିଥିଲେ। ଦୀର୍ଘ ସମୟ ଧାରଣରେ ବସିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ସେମାନଙ୍କ ନିକଟକୁ ଆସିନଥିଲେ। ଖବର ପାଇ ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ କୁମାର ଜେନାଙ୍କ ନେତୃତ୍ୱରେ ଶେରଗଡ ଗସ୍ତରେ ଆସିଥିବା ବିଜେଡି ପ୍ରତିନିଧି ମଣ୍ଡଳୀ ପଞ୍ଚାୟତ ସମିତିରେ ପହଞ୍ଚିଥିଲେ। ଧାରଣାରେ ବସିଥିବା ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସମସ୍ୟା ବୁଝିବା ପରେ ବିଡିଓଙ୍କ ସହିତ ଯୋଗାଯୋଗ କରିଥିଲେ। ଜିଲ୍ଲାପାଳଙ୍କ ସହିତ କଥା ହୋଇ ଲୋକଙ୍କୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଲୋକେ ଧାରଣାରୁ ଓହରିଥିଲେ।

ଜନଆକ୍ରୋଶର ବିସ୍ଫୋରଣ...

ଗାଡ଼ି ଆଗରେ ଗ୍ରାମବାସୀ ଶୋଇ ପ୍ରତିବାଦ ଜଣାଇଛନ୍ତି। ଏହିସବୁ ଘଟଣା ବିପର୍ଯ୍ୟୟ ପରିଚାଳନା ଓ ରିଲିଫ୍ ବଣ୍ଟନକୁ ନେଇ ସରକାରୀ ଦାବି ଏବଂ ତୃଣମୂଳ ସ୍ତରର ବାସ୍ତବତା ମଧ୍ୟରେ ରହିଥିବା ବଡ଼ ବ୍ୟବଧାନକୁ ସ୍ପଷ୍ଟ କରିଛି। ପୁରୁଷୋତ୍ତମପୁର ବ୍ଲକ୍‌ର କୁମ୍ଭାରୀ ଗ୍ରାମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଘେରାଉ କରାଯାଇଛି ଓ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ବାତ୍ୟା ଓ ବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିବାକୁ ବିଧାୟକ ଗ୍ରାମକୁ ଯାଇଥିବାବେଳେ ତାଙ୍କୁ ଘେରିଥିଲେ ଉତ୍ତ୍ୟକ୍ତ ଗ୍ରାମବାସୀ। ଗାଁରେ ବନ୍ୟାଜଳ ପଶିବା ଯୋଗୁଁ ଟ୍ରାନ୍ସଫର୍ମର ପ୍ରଭାବିତ ହୋଇଥିଲା। ଫଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଥିବାବେଳେ ଲୋକେ ଦିନକିନ ଧରି ଅନ୍ଧାରରେ ରହିବାକୁ ବାଧ୍ୟ ହୋଇଥିଲେ। ଅନ୍ୟପଟେ ପାନୀୟଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଅଭାବ ସ୍ଥିତିକୁ ଆହୁରି ଜଟିଳ କରିଥିଲା। ବିଧାୟକ ଗାଁରେ ପହଞ୍ଚିବା ମାତ୍ରେ ଲୋକେ ତାଙ୍କୁ ବିଭିନ୍ନ ସମସ୍ୟା ନେଇ ଘେରିଯାଇଥିଲେ। ବିଦ୍ୟୁତ୍ କେବେ ଫେରିବ, ବନ୍ୟା ସମୟରେ ଆବଶ୍ୟକ ସହାୟତା କାହିଁକି ମିଳିଲାନି ଏବଂ ଲୋକଙ୍କ ଦୁର୍ଦ୍ଦଶା ପ୍ରତି ପ୍ରଶାସନ ଏତେ ଉଦାସୀନ କାହିଁକି ବୋଲି ପ୍ରଶ୍ନ କରିଥିଲେ। ବିଧାୟକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଲୋକଙ୍କ ରାଗ ଶାନ୍ତ ହୋଇ ନ ଥିଲା। ଏହି ସମୟରେ କିଛି ଲୋକ ଠେଲାପେଲା କରିଥିଲେ ଓ ତାଙ୍କ ଉପରକୁ ହାତ ଉଠାଇଥିଲେ। ମାତ୍ର ଆକ୍ରମଣ ଘଟଣାକୁ ବିଧାୟକ ଖଣ୍ଡନ କରିଛନ୍ତି। ସେହିଭଳି ସୋରଡ଼ା ନିର୍ବାଚନମଣ୍ଡଳୀର ନୂଆଗଡ଼ ଗ୍ରାମରେ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ମଧ୍ୟ ଲୋକଙ୍କ ତୀବ୍ର ବିରୋଧର ସାମ୍ନା କରିବାକୁ ପଡ଼ିଛି। ବନ୍ୟା ପରବର୍ତ୍ତୀ ସ୍ଥିତି ପରଖିବାକୁ ମନ୍ତ୍ରୀ ଗ୍ରାମକୁ ଯାଇଥିବାବେଳେ ଲୋକମାନେ ତାଙ୍କ ସମ୍ମୁଖରେ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି ବିପତ୍ତି ସମୟରେ ଲୋକେ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ପାଇଁ ହନ୍ତସନ୍ତ ହେଉଥିବାବେଳେ ଜନପ୍ରତିନିଧି ଓ ପ୍ରଶାସନ କାହିଁକି ଠିକ୍ ସମୟରେ ପହଞ୍ଚିଲେ ନାହିଁ ବୋଲି ସେ ପ୍ରଶ୍ନ କରିଛି। ଲୋକମାନଙ୍କ ଏପରି ପ୍ରତିବାଦ, ଅସନ୍ତୋଷ ସରକାରୀ ବ୍ୟବସ୍ଥା ପ୍ରତି ଅବିଶ୍ୱାସ ସୃଷ୍ଟି ହୋଇଥିବା କୁହାଯାଉଛି।

ଶେରଗଡ଼ ବ୍ଲକ୍‌ରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। ସେଠାରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଲୋକେ ଘେରି ତୀବ୍ର ପ୍ରତିବାଦ ଜଣାଇଥିବା ସୂଚନା ମିଳିଛି। ବିପର୍ଯ୍ୟୟ ପରେ କ୍ଷୟକ୍ଷତି ଆକଳନରେ ବିଳମ୍ବ, ରିଲିଫ୍ ବଣ୍ଟନରେ ଅବ୍ୟବସ୍ଥା, ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣରେ ବିଫଳତାକୁ ନେଇ ଲୋକଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ସାନଖେମୁଣ୍ଡିରେ ବିଡିଓଙ୍କ ଗାଡ଼ି ଆଗରେ ଶୋଇ ଗ୍ରାମବାସୀ ପ୍ରତିବାଦ କରିବା ମଧ୍ୟ ପ୍ରଶାସନର କାର୍ଯ୍ୟଶୈଳୀ ପ୍ରତି ଲୋକଙ୍କ ତୀବ୍ର କ୍ଷୋଭକୁ ଦର୍ଶାଇଛି। ଆସିକା ବିଧାୟକଙ୍କୁ ମଧ୍ୟ ବିରୋଧ କରାଯାଇଥିବା ଖବର ମିଳିଥିଲେ ହେଁ ଏହାର ସତ୍ୟତା ସ୍ପଷ୍ଟ ହୋଇନାହିଁ। ହିଞ୍ଜିଳି, ଖଲ୍ଲିକୋଟ, ସୋରଡ଼ା, ଶେରଗଡ଼ ଓ ସାନଖେମୁଣ୍ଡିର ଘଟଣାକ୍ରମ ସରକାରଙ୍କ ବ୍ୟବସ୍ଥା ପ୍ରତି ଲୋକଙ୍କ ମଧ୍ୟରେ ବର୍ଦ୍ଧିତ ଅସନ୍ତୋଷକୁ ସ୍ପଷ୍ଟ କରିଛି।

ପୁଣି ଆସୁଛି...

ପବନ ଆରମ୍ଭ ହୋଇଯିବ ବୋଲି ଆଇଏମଡି ପକ୍ଷରୁ ସୂଚନା ଜାରି କରାଯାଇଛି। ତେବେ ଉଭୟ ବର୍ଷା ଏବଂ ପବନର ତୀବ୍ରତା ୩ ଏବଂ ୪ ତାରିଖରେ ସର୍ବାଧିକ ରହିବ। ୩ ତାରିଖରେ ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ। ସେଥିପାଇଁ ଏହି ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି କଳାହାଣ୍ଡି, ନବରଙ୍ଗପୁର, ପୁରୀ ଓ ଖୋର୍ଦ୍ଧାରେ ପ୍ରବଳ ବର୍ଷା ସହ ସମାନ ଭାବରେ ୫୦ରୁ ୬୦ କିମି ବେଗରେ ପବନ ବହିପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦ୍ ବ୍ୟତୀତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ୩ ତାରିଖ ବର୍ଷା ହେବା ସହ ୩୦ରୁ ୪୦ କିମି ବେଗରେ ପବନ ବହିପାରେ। ୪ ତାରିଖରେ ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରାୟତଃ ସମାନ ସ୍ଥିତି ବଜାୟ ରହିବାକୁ ଥିବାବେଳେ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଅପରପକ୍ଷେ ବାତ୍ୟାକୁ ନେଇ ମଧ୍ୟ ବରିଷ୍ଠ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ ଆକଳନ ଜାରି କରିଛନ୍ତି। ସେ କହିଛନ୍ତି ଯେ ଇସିଏମଡବ୍ଲ୍ୟୁଏଫ୍ ମଡେଲ ଅନୁଯାୟୀ ସମ୍ଭାବ୍ୟ ବାତ୍ୟା ଆନ୍ଧ୍ରପ୍ରଦେଶର ନିଜାମପଟନମ୍ ଓ ମଛଲିପଟନମ୍ ମଧ୍ୟବର୍ତ୍ତୀ ଉପକୂଳ ଅଞ୍ଚଳରେ ସ୍ଥଳଭାଗ ଛୁଇଁପାରେ। ବାତ୍ୟା କେଉଁଠାରେ, କେତେବେଳେ ଓ କେତେ ବେଗରେ ସ୍ଥଳଭାଗ ଅତିକ୍ରମ କରିବ, ତାହା ଏବେ ନିଶ୍ଚିତ କରିବା ସମ୍ଭବ ନୁହେଁ। ତେବେ ଏହି ସିଷ୍ଟମ କାରଣରୁ ଆନ୍ଧ୍ର ଉପକୂଳ ଆଡ଼କୁ ଆସିବା ସମୟରେ ଦକ୍ଷିଣ ଓଡ଼ିଶା ଉପକୂଳରେ ପବନ ଓ ସମୁଦ୍ର ଢେଉ ବଢ଼ିପାରେ। ବିଶେଷକରି ଗଞ୍ଜାମର ଗୋପାଳପୁର, ଛତ୍ରପୁର ଓ ଆଖପାଖ ଉପକୂଳ ଅଞ୍ଚଳରେ ଘଡ଼ଘଡ଼ି ସହ ଝଟକା ପବନ ବହିପାରେ। ସେହିପରି ୨ ଓ ୩ ତାରିଖରେ ଗଞ୍ଜାମ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବାତ୍ୟାର ଉତ୍ତର ପାର୍ଶ୍ୱର ବର୍ଷାମେଘ ଓଡ଼ିଶା ଉପକୂଳ ପର୍ଯ୍ୟନ୍ତ ପହଞ୍ଚିଲେ ବର୍ଷା ବଢ଼ିପାରେ। ବର୍ଷାମେଘ ଭିତର ଅଞ୍ଚଳକୁ ବ୍ୟାପିଲେ ଆସିକା, ହିଞ୍ଜିଳିକାଟୁ ଓ ଭଞ୍ଜନଗର ଅଞ୍ଚଳରେ ମଧ୍ୟ ବର୍ଷା ହୋଇପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। ସେହିପରି ପର୍ଯ୍ୟାପ୍ତ ଜଳୀୟବାଷ୍ପ ପହଞ୍ଚିଲେ ଗଜପତି ଜିଲ୍ଲାର କେତେକ ପାହାଡ଼ିଆ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ ବୋଲି ଆକଳନ କରିଛନ୍ତି ପ୍ରଫେସର ପଶୁପାଳକ।

ଛାୟା ସଂସଦରେ...

୬ଟି ଅଭିଯୋଗ ଆଗତ ହୋଇଥିଲା। ଖଡ଼ଗେ ଓ ରାହୁଲ ଗାନ୍ଧୀ ଦାବି କହିଲେ ।।ଯେ ସିଇସି ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି। ସରକାରୀ ହାତବାରିସି ସାଜି ସେ ଜନସାଧାରଣଙ୍କ ଅଧିକାରର ହନନ କରିଛନ୍ତି। ତେଣୁ ତାଙ୍କୁ ତୁରନ୍ତ ପଦରୁ ହଟାଯିବା ସହ ଦେଶଦ୍ରୋହ ମାମଲାରେ ବିଚାର କରାଯିବା ଉଚିତ। ଏହାସହ ସଂସଦୀୟ ଅନୁମୋଦନ କିମ୍ବା ତଦାରଖ ବିନା ଭୋଟର ପଞ୍ଜୀକରଣ ଫର୍ମ-୬ରେ ପରିବର୍ତ୍ତନ ଆଣିବା, ଇସିଆଇନେଟ୍ ୱେବସାଇଟ୍ ମାଧ୍ୟମରେ ଭୋଟର ତାଲିକାକୁ ନିଜ ନିୟନ୍ତ୍ରଣକୁ ନେବା, ନିର୍ବାଚନ ସଂକ୍ରାନ୍ତୀୟ ନିଷ୍ପତ୍ତି ବେଳେ ଅନ୍ୟ ଦୁଇଜଣ ନିର୍ବାଚନ ଆୟୁକ୍ତଙ୍କୁ ଦୂରେଇ ରଖିବା ଆଦି ପ୍ରମୁଖ ଅଭିଯୋଗ ଉଠିଥିଲା। ଜ୍ଞାନେଶଙ୍କୁ ହଟାଇବା ସହିତ ଏସଆଇଆର ବାତିଲ କରିବା, ନିର୍ବାଚନ କମିସନ ନିଯୁକ୍ତି ସଂକ୍ରାନ୍ତ ସଂଶୋଧିତ ଆଇନ -୨୦୨୩କୁ ରଦ୍ଦ କରିବା ଲାଗି ମେଣ୍ଟ ଦାବି କରିଛି। ମେଣ୍ଟ ନେତା ଅଭିଯୋଗ କରିଛନ୍ତି ଯେ ବିରୋଧୀ ଦଳର ୧୪୫ ଜଣ ସାଂସଦଙ୍କୁ ସସପେଣ୍ଡ କରି ସରକାର ଏହି କଳା ଆଇନ ପାସ୍ କରିଥିଲେ। ରାହୁଲ ଏହି ପରିପ୍ରେକ୍ଷୀରେ ସଂସଦରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ ଖାରଜ ହୋଇଥିବା କଥା କହିଥିଲେ। ଫଳରେ ଅନୋନ୍ୟପାୟ ହୋଇ ବିରୋଧୀ ଏହି ପନ୍ଥା ଆପଣାଇଥିବା ପ୍ରକାଶ କରିଛନ୍ତି। ଅନ୍ୟପଟେ, ବିଜେପି ଏହି କାର୍ଯ୍ୟକ୍ରମକୁ ସଂସଦର ଅପମାନ ତଥା 'ହାସ୍ୟାସ୍ପଦ ନାଟକ' ବୋଲି କହି ସମାଲୋଚନା କରିଛି। ବିଜେପି ପ୍ରବକ୍ତା ସମ୍ବିତ ପାତ୍ର କଟାକ୍ଷ କରି କହିଛନ୍ତି ଯେ, କଂଗ୍ରେସ ରାହୁଲ ଗାନ୍ଧୀଙ୍କୁ ଆଜୀବନ ପାଇଁ 'ସାଙ୍କେତିକ ପ୍ରଧାନମନ୍ତ୍ରୀ' କରି ରଖୁ। ଏଥିସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିରୋଧୀଙ୍କୁ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ଆହ୍ୱାନ ଦେଇଛନ୍ତି।

ବିଜେପି ନେତା...

ପ୍ରଘଟ କରିବାକୁ ଶଶିକାନ୍ତଙ୍କୁ ଚେତାବନୀ ଦେଇଥିଲେ। ମାତ୍ର ଶଶିକାନ୍ତ ନିଜକୁ ବିଜେପି ନେତା ଓ ନିଆଳି ବିଧାୟକଙ୍କ ଘନିଷ୍ଠ ବୋଲି ଉଲ୍ଲେଖ କରି ଓଲଟି ସମ୍ପୃକ୍ତ ଅଭିନେତ୍ରୀଙ୍କୁ ଧମକାଇଥିଲେ। ଏହାର ୫ମାସ ପରେ ଗତ ୨୧ ତାରିଖ ଦିନ ପୀଡିତା ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଛାନ୍‌ବିନ୍ ଆରମ୍ଭ କରିଥିଲା। ଅଭିଯୁକ୍ତ ଶଶିକାନ୍ତଙ୍କୁ ତାଙ୍କ ଘରୁ କମିସନରେଟ୍ ପୁଲିସର ସ୍ୱତନ୍ତ୍ର ପୁଲିସ ଟିମ୍ ଭୁବନେଶ୍ୱର ଉଠାଇ ଆଣିଥିଲା। ଶନିବାର ପୁଲିସ ଶଶିକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ଶଶିକାନ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପୁଲିସ ପୀଡିତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ମାଇନା କରାଇଛି। ଏଥିସହ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ମଧ୍ୟ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ଏହି ଘଟଣାରେ ବିଧାୟକଙ୍କ ଛବି ମଲ୍ଲିକଙ୍କ ନାମ ଆସୁଥିବାରୁ ତାଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ।

ଜୀବନ ରକ୍ଷା ସର୍ବାଧିକ...

କାର୍ଯ୍ୟ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ ବିପର୍ଯ୍ୟୟ ସମୟରେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ଆଧିକାରିକ ଓ ସଠିକ୍ ତଥ୍ୟ ଯୋଗାଇ ଦିଆଯାଉ। ଅନ୍ୟପକ୍ଷରେ ଗଣମାଧ୍ୟମ ଓ ବିଭିନ୍ନ ସୂତ୍ରରୁ ଆସୁଥିବା ତଥ୍ୟ ଓ ଖବରର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକ ପରିପ୍ରେକ୍ଷୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଉଦ୍ଧାର କାର୍ଯ୍ୟରେ ରେଳ ବିଭାଗର ସକ୍ରିୟ ସହଯୋଗ ଲୋଡ଼ିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ପ୍ରଦାନ ସୁନିଶ୍ଚିତ କରାଯାଇଛି। ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ପାଇଁ ରେଳବାଇ ସହାୟତାରେ ଚେନ୍ ପୁଲି ସିଷ୍ଟମ୍ ବ୍ୟବହାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଷ୍ଟ କୋଷ୍ଟ ରେଳୱେ ପକ୍ଷରୁ ଏହି ଚେନ୍ ପୁଲି ବ୍ୟବସ୍ଥାକୁ ତୁରନ୍ତ ଘଟଣାସ୍ଥଳକୁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଉଦ୍ଧାର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜି.ଉଦୟଗିରି ଭୂସ୍ଖଳନ ସ୍ଥଳରେ ସିଧାସଳଖ କାମ କରିବା ପାଇଁ ହେଲିକପ୍ଟର ଯୋଗେ ଅତ୍ୟାଧୁନିକ 'ସିସ୍ମିକ୍ ଲାଇଫ୍ ଡିଟେକ୍ସନ୍ ୟୁନିଟ୍' ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି। ବୈଠକର ଆଲୋଚନାରୁ ଜଣାପଡିଛି ଯେ ଘଟଣାସ୍ଥଳରେ ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ଓ ଏସ୍‌ଓଜି ଭଳି ପ୍ରମୁଖ ଉଦ୍ଧାରକାରୀ ସଂସ୍ଥାଗୁଡ଼ିକ ମିଳିତ ଭାବେ ଉଦ୍ଧାର ଅଭିଯାନ ଜାରି ରଖିଛନ୍ତି। ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ସେବା, ରାସ୍ତାଘାଟ ଏବଂ ଅନ୍ୟାନ୍ୟ ଜରୁରୀ ସେବାଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଆଗାମୀ ସମ୍ଭାବ୍ୟ ବାତ୍ୟା ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତି, ବିପଦସଙ୍କୁଳ ଅଞ୍ଚଳରୁ ଆଗୁଆ ସ୍ଥାନାନ୍ତରଣ, ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ ଓ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ଔଷଧ ମହଜୁଦ ରଖିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ ରକ୍ଷା କରିବା ଉପରେ ସମୀକ୍ଷାରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି। ଏହି ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଗଞ୍ଜାମ ଜିଲ୍ଲାରେ...

ଲାଗୁନାହିଁ ଶେରଗଡ଼ରେ ଶାସକ ଦଳର ନେତୃତ୍ୱ ଅଛି ନା ନେତା କିଏ ଅଛନ୍ତି ବନ୍ୟା ବିପନ୍ନଙ୍କ ନିକଟରେ ଆମେ ପହଞ୍ଚି ସହାୟତା ମଧ୍ୟ କରୁଛୁ। ଗତକାଲି ମୁଖ୍ୟମନ୍ତ୍ରୀ ବନ୍ୟା ସମୀକ୍ଷା କରିବା ସମୟରେ ଗଞ୍ଜାମ ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବା ପ୍ରକାଶ କରିଛନ୍ତି। ଶେରଗଡ଼ରେ ଚାଷୀ ଏବଂ ବନ୍ୟା ବିପନ୍ନଙ୍କ ଲାଗି ସହଯୋଗ ଏବଂ ସହାୟତା ନକଲେ ମୁଖ୍ୟ ରାସ୍ତାରେ ଆନ୍ଦୋଳନ କରାଯିବା ସହ ବ୍ଲକ ଏବଂ ତହସିଲକୁ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ବିଜେଡି ନେତୃମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ପ୍ରତାପ କୁମାର ଜେନାଙ୍କ ସହିତ ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତି ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଶ୍ରୀମତି ଟୁକୁନି ସାହୁ, ପୂର୍ବତନ ବିଧାୟିକା ଶ୍ରୀମତି ଲତିକା ପ୍ରଧାନ, ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ସୁବାଷ ବେହେରା, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟକ ଭୃଗୁ ବକ୍ସିପାତ୍ର, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଆସିକା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ, ଯୁବ ବିଜେଡି ନେତା ବାସୁଦେବ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଇ.ଚିନ୍ମୟ କୁମାର ପାତ୍ର, ପୂର୍ବତନ ସରପଞ୍ଚ ମେଘନାଦ ଦାସ, ଯୁବନେତା ଅଶୋକ କୁମାର ନାୟକ, ବିଧାୟକଙ୍କ ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ବରିଷ୍ଠ ନେତା ସୁବାସ ଚନ୍ଦ୍ର ମହାରଣା, ବିଧାୟକଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

ଅଧ୍ୟକ୍ଷାଙ୍କ ବହିଷ୍କାର...

ବିଜେପିରେ ମିଶିଥିବା) ମଳୟ ଜେନା, ପ୍ରାକ୍ତନ ସରପଞ୍ଚ ତଥା କୋରକୋରା ସରପଞ୍ଚଙ୍କ ପ୍ରତିନିଧି ଧବଳେଶ୍ୱର ପଣ୍ଡା, ବଣିଆ ସରପଞ୍ଚ ଅଜୟ ସାମଲ, ସାହାଡ଼ା ସରପଞ୍ଚ ମାଧବ ମଲ୍ଲିକ ପ୍ରମୁଖ ଶତାଧିକ ସମର୍ଥକ ଏହି ବିକ୍ଷୋଭରେ ସାମିଲ୍ ରହିଥିଲେ। ବ୍ଲକ୍ ପରିସରରେ ଏଭଳି ଉତ୍ତେଜନା ଦେଖି ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

ସୂଚନାଯୋଗ୍ୟ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ବିଜେଡି ଛାଡ଼ି କିଛି ମାସ ତଳେ ବିଜେପିରେ ମିଶିଥିଲେ। ଆଉ ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ତାଙ୍କୁ ଅଣଦେଖା କରାଯିବା ଏପରିକି ବିଜିବିଓ ପ୍ରକଳ୍ପରେ ପଞ୍ଚାୟତିରାଜ ବିଭାଗର ଗାଇଡ୍ ଲାଇନ୍‌କୁ ଉଲ୍ଲଂଘନ କରି ଗ୍ରାମସଭାରୁ ଯାଇଥିବା ଅଧ୍ୟକ୍ଷାଙ୍କ ସୁପାରିସ୍‌କୁ ବେଖାତିର୍ କରି କମିଟି ମାଧ୍ୟମରେ ପ୍ରକଳ୍ପ ଚୟନ କରିବାକୁ ନେଇ ଅଧ୍ୟକ୍ଷା ଉର୍ମିଳା ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଭଦ୍ରକ ଜିଲ୍ଲା ପରିଷଦ ପଦସ୍ଥ ଅଧିକାରୀଙ୍କ ଜବାବ ଦାଖଲ ପାଇଁ ନୋଟିସ୍ ଜାରି କରିବା ସହ ମଧ୍ୟବର୍ତ୍ତୀ ଆଦେଶର ପରବର୍ତ୍ତୀ ତାରିଖ ଯାଏ ଉକ୍ତ ଯୋଜନାର କୌଣସି ପ୍ରକଳ୍ପ ଆଗକୁ ନିର୍ଦ୍ଦେଶ ଦେଇଥିଲେ। ଅଥଚ ବିଜେପିରେ ଥାଇ ଭଦ୍ରକ ବ୍ଲକ୍‌ର ବିକାଶମୂଳକ କାର୍ଯ୍ୟ ଉପରେ ହାଇକୋର୍ଟରେ ମାମଲା ରୁଜୁ କରି କାର୍ଯ୍ୟର ରହିତାଦେଶ ଜାରି କରିଥିଲେ। ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳାଙ୍କ ଏଭଳି ଦଳ ବିରୋଧୀ କାର୍ଯ୍ୟରେ ପ୍ରତିବାଦ କରି ଶନିବାର ଶହ ଶହ ବିଜେପି କର୍ମୀ ଓ ଭଦ୍ରକ ବିଜେପି ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସମର୍ଥକମାନେ ବ୍ଲକ୍ ଅଧ୍ୟକ୍ଷାଙ୍କୁ ବିରୋଧ କରି ପ୍ରତିବାଦ ସଭା କରିବା ସହ ବ୍ଲକ୍ ଆଗରେ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ। ବିଜେପି ଦଳରେ ରହି ଦଳ ବିରୋଧୀ କାର୍ଯ୍ୟ କଲେ ଦଳରୁ ବହିଷ୍କାର କରାଯାଉ ବୋଲି ଦାବି କରିଥିଲେ। ଶନିବାର ଏହି ଘଟଣାକୁ ନେଇ ଦିନ ତମାମ ଭଦ୍ରକ ବ୍ଲକ୍ ପରିସରରେ ଉତ୍ତେଜନା ଲାଗି ରହିଛି। ଉଲ୍ଲେଖ ଥାଉ କି, ଭଦ୍ରକ ବ୍ଲକ୍‌ରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବାବେଳେ ଏହି ଘଟଣା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ପିସି କାରବାର ଓ ବ୍ୟାପକ ଦୁର୍ନୀତି ନେଇ ଖୋଲତାଡ଼ ହେଲେ ଅନେକ ତଥ୍ୟ ପଦାକୁ ଆସିପାରିବ। ଭଦ୍ରକ ବ୍ଲକ୍‌ରେ ବ୍ୟାପକ ଦୁର୍ନୀତି ହୋଇଥିବାବେଳେ ଏହି ବ୍ଲକ୍‌ରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇନାହିଁ। ଏବେ ବ୍ଲକ୍ ଅଧ୍ୟକ୍ଷା ମାମଲା ରୁଜୁ କରି ବିଜେପି ଦଳରେ ରହି ଦଳୀୟ ବିଧାୟକ ଶ୍ରୀ ମହାପାତ୍ରଙ୍କୁ ଓ ରାଜ୍ୟ ସରକାରଙ୍କୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ଉର୍ମିଳାଙ୍କ ପଛରେ କିଏ ରହିଛି ବୋଲି ବିଜେପି ନେତାମାନେ ପ୍ରଶ୍ନ ଉଠାଇଥିବାବେଳେ ଏବେ ଭଦ୍ରକ ବିଜେପି ଦୁଇ ଫାଳ ହୋଇଯାଇଛି। ଉର୍ମିଳାଙ୍କୁ ବିଜେପି ଦଳରୁ ବହିଷ୍କାର କରାଯାଉ ବୋଲି ବହୁ ବିଜେପି ନେତା ଦାବି କରିଛନ୍ତି।

TENDER NOTICE
Ref No. SDCCB/FAD/3165 Date : 31.10.2026
Sealed tenders under Two-Bid System (Technical & Financial Bid) are invited from registered reputed & registered Architectural & Interior Designing firms for complete **Interior Furnishing, Electrical, Networking & Civil works at Fertilizer Township Branch & Onsite ATM, Rourkela.**

SCHEDULE DETAILS:

Mandatory Site Visits	:	31.10.2026 to 13.11.2026 (During Business Hours)
Last Date for Bid Submission	:	16.11.2026 by 5.00 PM
Date of Bid Opening	:	17.11.2026
EMD	:	₹ 20,000/- (Rs. Twenty Thousand)
Eligibility Criteria	:	Min. Avg. Annual Turnover of Rs. 50.00 Lakhs during last FYs & 1 similar completed work of min. Rs. 20.00 Lakhs in last 5 yrs.

For detailed RFP doc, terms & conditions & eligibility criteria, please visit website: **www.sdccbsng.bank.in**
The undersigned reserves the right to modify, alter or reject the Tender Notice/Tender process, fully or partially, without assigning any reason thereof.
Sd/-
Chief Executive Officer
(The Sundargarh District Central Co-operative Bank Ltd.)
Regent Market, Main Road, Sundargarh

'e' PROCUREMENT NOTICE NO. 16 / 2026-27 25001/1424/2627

1.	Name of work.	:	Road Work
2.	Total No. of Work.	:	01 (One) work.
3.	Estimated Cost.	:	Rs. 36.97 lakhs.
4.	Period of Completion.	:	03 (Three) Calendar Months.
5.	Class of contractors.	:	'C' & 'B' Class.

Other details as follows:

a)	Procurement officer.	:	Superintending Engineer, Rural Works Division, Kataka.
b)	Availability of tender online for bidding.	:	From dt. 04.11.2026 at 11.00 A.M. to dt. 17.11.2026 up to 5.00 P.M.
c)	Last date & time of seeking of tender clarification.	:	dt. 16.11.2026 up to 5.00 P.M.
d)	Date & Time of Opening of Tender.	:	dt. 18.11.2026 at 11.00 A.M.

Further details can be seen from the Govt. website www.tendersodisha.gov.in
Superintending Engineer
Rural Works Division
Kataka
OIPR-25001/25053/1/26-27/0018

34001/1080/2627
GOVERNMENT OF ODISHA
e-PROCUREMENT NOTICE
WORKS DEPARTMENT
Bid Identification No. S.E. CBT (R&B) 11/2026-27
charbatiadivision01@gmail.com

i.	Name of the work	:	Barricading works-01 No.
ii.	Estimated cost	:	Rs. 26,46,170/-
iii.	Period of completion	:	07 Days
iv.	Date & time of availability of Bid documents in the portal	:	from 10.00 AM of 02.11.2026 to 09.11.2026 up to 5.00 PM for 'online' bidding
v.	Last date/ time for receipt of Bids in the portal	:	09.11.2026 up to 5.00 PM.
vi.	Name and address of the officer inviting Bid	:	Superintending Engineer, Charbatia (R&B) Division, Choudwar

Further details can be seen from the e-procurement portal http://www.tendersorissa.gov.in.
Any addendum/ corrigendum/ cancellation of tender can also be seen in the said website.
Superintending Engineer
Charbatia (R&B) Division
OIPR-34001/34092/1/26-27/0007

QUOTATION CALL NOTICE FOR ENGAGEMENT OF TAPA BOAT FOR SEA PATROLLING DURING 2026-27 SEASON FOR PROTECTION OF SEA TURTLE
8001/425/2627 **Notice No. 03 Dated 30.10.2026**
Sealed quotations in Plain paper / letter head are invited from the intending owners having more than one Tapa boat with valid license for "Engagement on hire basis by the undersigned for sea turtle protection duty during 2026-27". The period of engagement shall normally be from **15th November'2026** to **31st March'2027**. The owners are to quote the monthly hire charges inclusive of all taxes. The cost of fuel will be borne by this Division. The details of term and condition for engagement of Tapa boat are at Annexure-A.
The last date of receipt of sealed quotations is **12th November'2026 till 11 AM** in the O/o the Divisional Forest Officer, Chilika Wildlife Division, Balugaon at Gopinathpur, Balugaon. Opening of Quotations will be on **12th November'2026 at 12 PM** in O/o the Divisional Forest Officer, Chilika Wildlife Division, Balugaon.
The undersigned reserves the right to cancel or reject any or all quotations without assigning any reason thereof.
Divisional Forest Officer
Chilika Wildlife Division
OIPR-8001/8015/1/26-27/0006

OFFICE OF THE MUNICIPAL COUNCIL GUNUPUR
E-Mail ID : gunupur.mun@gmail.com 13001/2313/2627
Letter No. **2600** Dated: **30.10.2026**
CORRIGENDUM - 1
EXTENSION OF BID SUBMISSION DATE
Quotation Call Notice Ref. No. 2539 / dated 15.10.2026
Due to unavoidable circumstances, the bid submission date in connection with Quotation Call Notice Ref. No. 2539 dated 15.10.2026 has been extended up to **5.00 PM on 12.11.2026**. Hence the bid documents completed in all respect should reach to the undersigned on or before 5.00 PM on 12.11.2026 by regd post/ Speed post only and the quotation shall be opened on **13.11.2026** at **11.00 AM** in the office of the Municipal Council, Gunupur in presence of the bidders or their authorized representatives. The bid document can be obtained from the office of Gunupur Municipality by paying a non-refundable bid document processing fees **Rs.500/-** (Rupees five hundred only) or by furnishing a DD from any scheduled commercial Bank or any nationalized bank drawn in favour of Executive Officer, Gunupur Municipality during the office hours on or before dt: 11.11.2026. Other contents of Quotation Call Notice remain unchanged.
Executive Officer
Gunupur Municipality
OIPR-13001/13104/1/26-27/0006

NOTICE
By virtue of an affidavit sworn before The Executive Magistrate Salepur ,Cuttack, dated 18.09.2026 I, Chou Sukanti Praharaj , D/O-Harekrushna Mohapatra, Address At-Jhadeswarpur, Post-Jhadeswarpur, PS -Mahanga, Dist -Kataka,Odisha declare that I have changed my name from CHOU SUKANTI PRAHARAJ to SUKUTI PRAHARAJ .Henceforth, I shall be known as **SUKUTI PRAHARAJ** for all purposes.
CHOU SUKANTI PRAHARAJ

ଆବଶ୍ୟକ
ଝାରପୋଖରିଆ ଟୋଲ୍ ପ୍ଲାଜା, ମୟୂରଭଞ୍ଜ, ଓଡ଼ିଶା ଠାରେ ଅବସରପ୍ରାପ୍ତ କର୍ମଚାରୀ ଏବଂ ଅବସରପ୍ରାପ୍ତ ସୁରକ୍ଷା କର୍ମଚାରୀ (ଅସ୍ତ୍ର ଲାଇସେନ୍ସପ୍ରାପ୍ତ) ଆବଶ୍ୟକ।
ଯୋଗାଯୋଗ
8130006980

WANTED
Retired Employees and retired security personnel (holding arms licenses) are required at Jharpokharia Toll Plaza, Mayurbhanj, Odisha.
Contact
8130006980

AFFIDAVIT
By virtue of an affidavit sworn before the Executive Magistrate, Sohela CF No. 01 Dated 30.10.2026, I, Uma Dishree, D/O -Sudarshan Dishree, R/O Vill. Marekel, PO.-Tungibandhali, PS.-Sohela, Dist.: Bargarh-768033 declare that, the date of my birth wrongly mentioned in the Aadhar Card as dated 07.03.2003. But the actual date of Birth is **30.08.2002**. That I have changed my name from **Lijarani Dishri** to **Uma Dishree**. Henceforth I shall be known as **Uma Dishree** for all future purposes.

AFFIDAVIT
By virtue of an affidavit sworn before Executive Magistrate Bhubaneswar on Dated 29/10/2026, I, **AMRITA MISHRA**, D/o Gouranga Mishra resident of AT- Plot No: 250, Lane-4, Near Sum Hospital, Bharatpur, Baramunda, Bhubaneswar, Dist.-Khordha, PIN- 751003, Odisha, declare that I have changed my name from **ANITA MISHRA (Old Name)** to **AMRITA MISHRA (New Name)**. Henceforth, I shall be known as **AMRITA MISHRA** for all purposes.
Sd/- **AMRITA MISHRA**

AFFIDAVIT
By virtue of an affidavit sworn before the Notary Public, Bhubaneswar, dated 26.10.2026, I, Lovely Digal, D/o Dushasan Digal, At/PO-Bhrungijodi, PS-Phiringia, Dist-Kandhamal, Odisha-762011, declare that my father's correct name is Dushasan Digal, as mentioned in his Aadhaar Card and PAN Card, but it has been erroneously recorded as Dushason Digal in my 10th Pass Certificate. That Dushasan Digal and Dushason Digal refer to one and the same person, i.e. my father.

AFFIDAVIT
I, Akshya Kumar Dhal, aged about 45 years, S/o- Damodar Dhal, resident of At/Po- Alapua, Ps- Pattamundai, Dist-Kendrapara, Odisha, PIN- 754214, do hereby declare by this affidavit No.12, dtd- 22/10/2026, that now onwards I shall be known as **AKSHAYA KUMAR DHAL** for all future purposes.

ଜିଲ୍ଲାପାଳଙ୍କ ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ନେଇ ଆଲୋଚନା

ବନ୍ୟାଞ୍ଚଳ ପରିଦର୍ଶନ କଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍


ବନ୍ୟାଞ୍ଚଳ ପରିଦର୍ଶନ କଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍


ଆସିକାରେ ବନ୍ୟା ବିପନ୍ନଙ୍କୁ ଭେଟିଲେ ରାଜ୍ୟ ବିଜେଡି ପ୍ରତିନିଧ


ଗଞ୍ଜାମରେ ଶୁଖିଲା ଖାଦ୍ୟ ବାଣ୍ଟିଲା ବିଜେଡି


ପୁରୁଷୋତ୍ତମପୁର ବନ୍ୟା ବିପନ୍ନଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

ଛତ୍ରପୁର, ୩୧।୧୦(ସମିସ):

ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଶନିବାର ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛି । ଟିମ୍ ଚିକିଟି, ପାତ୍ରପୁର, ହିଞ୍ଜିଳି, ଶେରଗଡ଼, ଆସିକା, କବି ସୂର୍ଯ୍ୟ ନଗର ଓ ପୁରୁଷୋତ୍ତମପୁର ସମେତ ବିଭିନ୍ନ ଅଞ୍ଚଳ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲା । ଏହି ଅବସରରେ ଟିମ୍ ବନ୍ୟାପୀଡ଼ିତ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା, ଦୁର୍ଦ୍ଦଶା ଓ ବନ୍ୟାଜନିତ କ୍ଷୟକ୍ଷତି ସମ୍ପର୍କରେ ଅବଗତ ହୋଇଥିଲା । ବିପନ୍ନଙ୍କ ନିକଟରେ ରିଲିଫ୍ ଓ ଆବଶ୍ୟକ ସହାୟତା ପହଞ୍ଚିଛି କି ନାହିଁ, ସେନେଇ ମଧ ଟିମ୍ ତଥ୍ୟ ସଂଗ୍ରହ କରିଥିଲା । ପରେଏହି ଟିମ୍ ସନ୍ଧ୍ୟା ରେ ଛତ୍ରପୁର ଠାରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ବନ୍ୟା ପରିସ୍ଥିତି, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲା । ବନ୍ୟାପୀଡ଼ିତଙ୍କ ନିକଟରେ ଆବଶ୍ୟକ ସହାୟତା ତୁରନ୍ତ ପହଞ୍ଚାଇବା ସହ ରିଲିଫ୍ ବଣ୍ଟନକୁ ଅଧିକ ତ୍ୱରାନ୍ୱିତ କରିବା ନେଇ ଟିମ୍ ପକ୍ଷରୁ ଆଲୋଚନା କରାଯାଇଥିଲା ।

ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଶ୍ରୀକାନ୍ତ ସାହୁ ଓ ଟୁକୁନି ସାହୁ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଜେଡି ରାଜ୍ୟ ମୁଖପାତ୍ର ତୁମ୍ବନାଥ ପଣ୍ଡା, ପୂର୍ବତନ ବିଡିଏ ଅଧକ୍ଷ ସୁବାସ ମହାରଣା, ଯୁବ ବିଜେଡି ରାଜ୍ୟ ସଭାପତି ଚିନ୍ମୟ ସାହୁ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଲତିକା ପ୍ରଧାନ ଓ ସୂର୍ଯ୍ୟମଣି ବୈଦ୍ୟ, ଆସିକା ବିଜେଡି ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ବିବେକ ରେଡ୍ଡୀ, କର୍ପୋରେଟର ସୋନାଲି ଗନ୍ତାୟତ, ଚିକିଟି ବିଧାୟକ ପ୍ରାର୍ଥୀ ଶ୍ରୀରୂପ ଦେବ, ଦିଗପହଣ୍ଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ର, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଯୁବ ବିଜେଡି ରାଜ୍ୟ ସମ୍ପାଦକ ବିମଳ କୁମାର ପଣ୍ଡା, ଛତ୍ରପୁର ବ୍ଲକ ବିଜେଡି ସଭାପତି ଏସ. ଚକ୍ରପାଣି ରେଡ୍ଡୀ, ପୂର୍ବତନ କାଉନସିଲର ରାଜେଶ ସାହୁ ଓ କିଶୋର ଚନ୍ଦ୍ର ସେନାପତି, ଖଲିକୋଟ ଏନଏସି ଚେୟାରମ୍ୟାନ ନିରଞ୍ଜନ ବେହେରା, ଯୁବ ନେତା ରଞ୍ଜନ ପଲାଇ, ଯୋଗେନ୍ଦ୍ର ସ୍ୱାଇଁ, ନଚିକେତ ସ୍ୱାଇଁ, ଛତ୍ରପୁର ଓକିଲ ସଂଘ ସଭାପତି ଏଲ. ଗୋପାଳ ରାଓ, ଆଇନଜୀବୀ ଭୈରବୀ କୁମାର ପଟ୍ଟନାୟକ, କାହ୍ନୁ ଚରଣ ବେହେରା, ରାଜେଶ ମହାରଣା ଓ ଟିକିନା ଗୌଡ଼ଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଗତକାଲି ନବୀନ ପଟ୍ଟନାୟକ ଟେଲିଫୋନ୍ ଯୋଗେ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ହିଞ୍ଜିଳି, ଶେରଗଡ଼ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବନ୍ୟା ପରିସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ ।

● ବିଜେଡିର ବନ୍ୟା ଅଞ୍ଚଳ ପରିଦର୍ଶନ

ପାତ୍ରପୁର, ୩୧।୧୦(ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ସୀମାନ୍ତ ପାତ୍ରପୁର ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ବେଳେ ଅନେକ ଗାଁ ଜଳବନ୍ଦୀ ହୋଇଥିଲା । ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ବନ୍ୟା ପରର ସ୍ଥିତି ଅନୁଧ୍ୟାନ କରିବା ପାଇଁ ବରିଷ୍ଠ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ପାତ୍ରପୁର ବ୍ଲକ ପରିଦର୍ଶନ କରି ଫେରିଥିବା ଜଣାପଡ଼ିଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ ପୂର୍ବତନ ମନ୍ତ୍ରୀ ତଥା ଚିକିଟି ପୂର୍ବତନ ବିଧାୟିକା ଉଷା ଦେବୀ ପରାମର୍ଶ କ୍ରମେ କେଶରିପଡ଼ା, ତୁଟିପୁର, ବରଙ୍ଗ, ଖମ୍ବାରିଗାଁ ପ୍ରମୁଖ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଚିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ ଓ ବିଜେଡିର ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

● ଆସିକାରେ ବନ୍ୟା ବିପନ୍ନଙ୍କୁ ଭେଟିଲେ ରାଜ୍ୟ ବିଜେଡି ପ୍ରତିନିଧ

ଆସିକା,୩୦।୧୦(ସମିସ): ଆସିକା ସହର ସମେତ ଆଖ ପାଖ ଅଞ୍ଚଳରେ ବନ୍ୟା ଘେରରେ ସର୍ବ ଶାନ୍ତ ହୋଇ ଥିବା ବନ୍ୟା ବିପର୍ଣ୍ଣ ମାନଙ୍କୁ ଭେଟିଲେ ରାଜ୍ୟ ବିଜେଡି ର ଏକ ପ୍ରତିନିଧି ଦଳ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଧାୟିକା ପ୍ରମିଳା ମଲିକଙ୍କ ସମେତ ବିଜେଡି ବରିଷ୍ଠ ନେତା ପ୍ରତାପ ଜେନା, ଚନ୍ଦ୍ର ଶେଖର ସାହୁ, ଭୃଗୁ ବକ୍ସି ପାତ୍ର, ବିକ୍ରମ ପଣ୍ଡା, ମଞ୍ଜୁଳା ସ୍ୱାଇଁ, ଚ୍ୟାୟୁପଟ୍ଟନାୟକ, ଲତିକା ପ୍ରଧାନ, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ରଂଜିତା ସାହୁ ନନ୍ଦିନୀ ଦେବି, ଦେବାନନ୍ଦ ମହାପାତ୍ରଙ୍କ ସମେତ ଆସିକା ଅଞ୍ଚଳର ବରିଷ୍ଠ ବିଜେଡି ଛାମୁଆ ନେତା, ଯୁବ ଛାତ୍ର ଓ କର୍ମୀମାନେ ଉପସ୍ଥିତ ଥିଲେ । ବନ୍ୟା ବିପନ୍ନମାନଙ୍କୁ ପ୍ରଶାସନଙ୍କ ସହାୟତା ହେଉ କି ପାଖରେ ପହଞ୍ଚି ନାହିଁ । ତିନି ଦିନ ଧରି ନ ଖାଇ ନ ପିଇ ଭୋକ ଉପାସରେ ରହି ଆସୁଥିବା ବନ୍ୟା ବିପନ୍ନଙ୍କ ସହ ଆଲୋଚନା କଲେ ଏହି ବିଜେଡି ପ୍ରତିନିଧି ଦଳ । ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ଏବଂ ପୂର୍ବ ସରକାର ନବୀନ ପଟ୍ଟନାୟକଙ୍କୁ ଲୋକମାନେ ଆଜି ମନେ ପକାଉଛନ୍ତି ବୋଲି କହିଛନ୍ତି ବିଞ୍ଝାପୁର ବିଧାୟିକା ପ୍ରମିଳା ମଲିକ । ରାଜ୍ୟ ବିଜେଡି ଆସିକା ବନ୍ୟା ବିପନ୍ନଙ୍କ ଗସ୍ତ ବେଳେ ଉପସ୍ଥିତ ଥିଲେ ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ଦିଲ୍ଲୀପ ପାଣିଗ୍ରାହୀ, ଧନ ମାଳି ନାହାକ, ବ୍ଲକ ସଭାପତି ବିଦ୍ୟନ୍ତ ଚର୍ଚ୍ଚି, ସନ୍ତୋଷ ନାହାକ, ଅନିଲ ନାୟକ, ନୀଳାଞ୍ଚଳ ମଣ୍ଡଳ, ସାଇ ରାମ ଦଳେଇ, ପ୍ରତାପ ପ୍ରଧାନ, ଜିତେନ୍ଦ୍ର ମହାରଣା, ନିଗମ ରାଉତଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଯୁବ ଛାତ୍ରମାନେ ଉପସ୍ଥିତ ଥିଲେ ।

● ଶୁଖିଲା ଖାଦ୍ୟ ବାଣ୍ଟିଲା ବିଜେଡି

ଛତ୍ରପୁର, ୩୧।୧୦(ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପଞ୍ଚାୟତର ଅନେକ ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିଛି । ଛତ୍ରପୁର ଉପକଣ୍ଠ ଅଧୀନ ବଉଳଗାଁ, ରାଜପୁର, ବରପଲ୍ଲୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ପାଣି ଜମି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଫଳରେ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ସ୍ଥିତିରେ ବନ୍ୟା ବିପନ୍ନଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ପାଇଁ ଆଜି ବିଜେଡିର ଏକ ପ୍ରତିନିଧି ଦଳ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ କରଙ୍କ ନେତୃତ୍ୱରେ ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବିମଳ କୁମାର ପଣ୍ଡା,ଗଞ୍ଜାମ ନଗର ବିଜେଡି ସଭାପତି ସୁଧୀର ପାଢ଼ୀ, ରାଜେଶ ମହାରଣା, ଶ୍ରୀରାମ ଦାସ, ଆୟା ରେଡିଙ୍କ ସମେତ ପ୍ରତିନିଧି ଦଳ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ବିପନ୍ନ ଲୋକଙ୍କୁ ରିଲିଫ୍ ସାମଗ୍ରୀ ପ୍ରଦାନ କରିଥିଲେ । ଜଳବନ୍ଦୀ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ଆବଶ୍ୟକୀୟ ଖାଦ୍ୟସାମଗ୍ରୀ ପହଞ୍ଚାଇବା ସହ ବନ୍ୟା ପରିସ୍ଥିତି ଉପରେ ନଜର ରଖିବା ଲାଗି ସରକାରଙ୍କ ନିକଟରେ ପ୍ରତିନିଧି ଦଳ ଦାବି ରଖିଛନ୍ତି ।

● ପୁରୁଷୋତ୍ତମପୁର ବନ୍ୟା ବିପନ୍ନଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

ପୁରୁଷୋତ୍ତମପୁର,୩୧।୧୦(ସମିସ): ବିଜୁ ଜନତା ଦଳ (ବିଜେଡି) ର ଏକ ପ୍ରତିନିଧି ଦଳ ପୁରୁଷୋତ୍ତମପୁର ଗସ୍ତ କରି ବନ୍ୟା ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି ଆକଳନ କରିଛନ୍ତି । ଗସ୍ତ ସମୟରେ ପ୍ରତିନିଧି ଦଳ ବନ୍ୟା ପରିସ୍ଥିତି ଓ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ବନ୍ୟା ଯୋଗୁଁ ପ୍ରଭାବିତ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ପ୍ରତିନିଧି ଦଳ ପ୍ରଶାସନ ତୁରନ୍ତ ପ୍ରଭାବିତ ଅଞ୍ଚଳରେ ପହଞ୍ଚି କ୍ଷୟକ୍ଷତିର ସଠିକ୍ ଆକଳନ କରିବା ସହ ଆବଶ୍ୟକୀୟ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି । ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ତୁରନ୍ତ ସହାୟତା ଓ ରିଲିଫ୍ ଯୋଗାଇବା ସହ ପ୍ରଭାବିତ ପରିବାରଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି ।

ପୁଣି ଏକ ସମ୍ଭାବ୍ୟ ଲଘୁଚାପକୁ ନେଇ ଲୋକେ ଆତଙ୍କିତ



ଗଞ୍ଜାମ,୩୧।୧୦(ସମିସ): ସାମୁଦ୍ରିକ ଝଡ଼ ଅର୍ଣ୍ଣବ ମହାବାତ୍ୟାର ରୂପନେଇ ଲୋକଙ୍କ ଜୀବନଜୀବିକା ଅସ୍ତବ୍ୟସ୍ତ କରିପାକାଇଥିବା ବେଳେ ପୁଣି ଏକ ସାମୁଦ୍ରିକ ଝଡ଼ ଆସୁଥିବା ସୂଚନା ପାଇଁ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଗଞ୍ଜାମ ବ୍ଲକର ବିଭିନ୍ନ ୧୫ ଟି ପଞ୍ଚାୟତ ମଧ୍ୟରୁ ୫ଟି ପଞ୍ଚାୟତର ୧୮ ଟି ଗ୍ରାମରେ ବନ୍ୟାଜଳ ପଶି ଲୋକେ ପ୍ରଭାବିତ ହୋଇଥିବା ବେଳେ ସମସ୍ତ ଅଞ୍ଚଳରେ ରନ୍ଧା ଖାଦ୍ୟ ବ୍ୟବସ୍ଥା ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ବେଳେ ବର୍ତ୍ତମାନ ପୋଇରାଶୀ ପଞ୍ଚାୟତର ଭୁଆଁଭୂଇଁ ଗ୍ରାମରେ ବନ୍ୟାଜଳ ରହିଥିବା ବିଡ଼ିଓ ଅଚ୍ୟୁତାନନ୍ଦ ଜାନି ଓ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଉକ୍ତ ପଞ୍ଚାୟତମାନଙ୍କରେ ଲୋକଙ୍କ ଘରେ ବନ୍ୟାଜଳ ପଶି ବ୍ୟାପକ କ୍ଷୟକ୍ଷତି କରିଥିବା ବେଳେ ଶସ୍ୟକ୍ଷେତ୍ର ମାନଙ୍କରେ ପାଣି ଜମିରହି ବ୍ୟାପକ ରବି ଓ ଖରିଫ ଫସଲ ନଷ୍ଟ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଇଛି । ସେହିପରି ସାମୁଦ୍ରିକ ପାରମ୍ପରିକ ସମ୍ପ୍ରଦାୟର ମତ୍ସ୍ୟଜୀବୀ ଓ ଋଷିକୁଲ୍ୟା ନଦୀ ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଆସୁଥିବା ମତ୍ସ୍ୟଜୀବୀ ସମ୍ପ୍ରତି ହାତଯୋଡି ଜୀବିକା ହରାଇ ବସିଥିବା ବେଳେ ପୁଣି ଏକ ଲଘୁଚାପ ସୃଷ୍ଟି ନେଇ ଆତଙ୍କିତ ହୋଇପଡିଛନ୍ତି ।

ବର୍ଷାରେ ଘର ଭାଙ୍ଗିଲା; ତହସିଲଦାରଙ୍କ ଘଟଣାସ୍ଥଳ ପରିଦର୍ଶନ



ବେଗୁନିଆପଡ଼ା,୩୧।୧୦(ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଓ ପବନରେ କୋଦଳା ତହସିଲ ଅନ୍ତର୍ଗତ ମର୍ଦ୍ଦକୋଟ ରାଜସ୍ୱ ସର୍କଲର ଚଡିଆପଡା ଗ୍ରାମର ଡାକ ଦାସଙ୍କ ଘର ଭାଙ୍ଗିଯାଇଥିବା ବେଳେ ସେ ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛନ୍ତି । ଖବର ପାଇ କୋଦଳା ତହସିଲଦାର ବିନ୍ଦୁ ବଳୟ ରାଉତରାୟ, ଅତିରିକ୍ତ ତହସିଲଦାର ରବି ନାରାୟଣ ସେଠୀ, ରାଜସ୍ୱ ନିରୀକ୍ଷକ ସନ୍ଦୀପ ମଲ୍ଲିକ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି ।ତାଙ୍କୁ ସରକାରୀ ସହାୟତା ପାଇଁ ଜନ ସାଧାରଣରେ ଦାବି ହେଉଥିବା ବେଳେ ଯଥା ସମ୍ଭବ ସରକାରଙ୍କ ଗାଇଡ଼ ଲାଇନ ଅନୁଯାୟୀ ସରକାରୀ ସହାୟତା ଯୋଗାଇଦେବା ପାଇଁ ଚେଷ୍ଟା କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି ।

ଛତ୍ରପୁରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଛତ୍ରପୁର, ୩୧।୧୦(ସମିସ): ଦୁର୍ନୀତିମୁକ୍ତ ସମାଜ ଗଠନ ସହ ସରକାରୀ କାର୍ଯ୍ୟଧାରାରେ ସ୍ୱଚ୍ଛତା, ସଚ୍ଚୋଟତା ଓ ଉତ୍ତରଦାୟିତ୍ୱର ମୂଲ୍ୟବୋଧକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ସାଧୁତାରୁ ସମୃଦ୍ଧି' ବାର୍ତ୍ତା ସହ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ପଣ୍ଡା କହିଥିଲେ ଯେ, ଦୁର୍ନୀତି ନିବାରଣ କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ଏହା ସମାଜର ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ । ସରକାରୀ ସେବା ପ୍ରଦାନ ଓ କାର୍ଯ୍ୟ ସମ୍ପାଦନରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ଅବଲମ୍ବନ କରିବା ସହ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ମନୋଭାବ ପୋଷଣ କରିବା ଆବଶ୍ୟକ । ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସନ୍ଧ୍ୟାରାଣୀ ସାହୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ବ୍ରହ୍ମପୁର, କ୍ରୀଷ୍ଣା କୁମାରୀ ପ୍ରଧାନ, ଉପ ଆରକ୍ଷୀ ଅଧିକ୍ଷକ, ଛତ୍ରପୁର, ବୈଦେହୀ କୁମାରୀ ବେହେରା, ଉପ ଆରକ୍ଷୀ ଅଧିକ୍ଷକ, ବ୍ରହ୍ମପୁର, ଗୀତାଞ୍ଜଳି ରଥ କ୍ଷିପ୍ର ଲେଖକଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ ।

ବନ୍ୟା ପରିସ୍ଥିତି ବୁଲି ଦେଖିଲେ ଆସିକା ସାଂସଦ



ଶେରଗଡ଼,୩୧।୧୦(ସମିସ): ଶେରଗଡ ଅଞ୍ଚଳରେ ବନ୍ୟା ପରିସ୍ଥିତି ଓ କ୍ଷୟକ୍ଷତି ବୁଲି ଦେଖିଛନ୍ତି ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ । ଶନିବାର ସାଂସଦ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ବାସିନ୍ଦା ଏବଂ ବିପନ୍ନଙ୍କ ସହ ସିଧାସଳଖ ଆଲୋଚନା କରି ସମସ୍ୟା ବୁଝିଥିଲେ । ସାଂସଦ ଶେରଗଡରେ ପହଞ୍ଚିବା ପରେ ସ୍ଥାନୀୟ ନେତୃବୃନ୍ଦ, ଜନପ୍ରତିନିଧି ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ବନ୍ୟା ପରିସ୍ଥିତି, କୃଷିରେ ହୋଇଥିବା କ୍ଷତି, ସାଧାରଣ ଜନତାଙ୍କ କ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ । ବନ୍ୟା ରେ ପ୍ରଭାବିତ ଜନସାଧାରଣଙ୍କ ନିକଟରେ ତୁରନ୍ତ ଶୁଖିଲା ଏବଂ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଜରୁରୀ କାଳୀନ ଔଷଧ ସହ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲାଗି ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ତହଁର ପଞ୍ଚାୟତର ତହଁରରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀରେ ବିପନ୍ନଙ୍କ ଲାଗି ପ୍ରସ୍ତୁତ ରନ୍ଧା ଖାଦ୍ୟକୁ ବୁଲି ଦେଖିଥିଲେ । ସାଂସଦଙ୍କ ଏହି ପରିଦର୍ଶନ ସମୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର କୁମାର ମିଶ୍ର, ତହଁର ସରପଞ୍ଚ ଶିବରାମ ମେହେଣା, ଧବଳପୁର ମଣ୍ଡଳ ସଭାପତି ଜିତେନ୍ଦ୍ର ମହାରଣା, ଆସିକା ସାଂଗଠନିକ ଜିଲ୍ଲା ଉପସଭାପତି ନୟନୀ କୁମାର ମଲ୍ଲିକ, ବରିଷ୍ଠ ବିଜେପି ନେତା ମାଧବ ଗୌଡ, ଶେରଗଡ ମଣ୍ଡଳ ସଭାପତି ସଞ୍ଜୟ କୁମାର ଜେନାଙ୍କ ସହିତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ ।

କଂଗ୍ରେସ ତରଫରୁ ରକ୍ତଦାନ ଶିବିର



ଖଲ୍ଲିକୋଟ, ୩୧।୧୦(ସମିସ): ସ୍ୱର୍ଗତ ଇନ୍ଦିରା ଗାନ୍ଧିଙ୍କ ଶ୍ରାଦ୍ଧ ଦିବସ ଅବସରରେ ଖଲ୍ଲିକୋଟ କଂଗ୍ରେସ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ନିର୍ମଳଝରର ସ୍ଥିତ ଖଲିକୋଟ ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଠାରେ କଂଗ୍ରେସ ସେବାଦଳ ଓ ଖଲିକୋଟ କଂଗ୍ରେସ ତରଫରୁ ଅନୁଷ୍ଠିତ ଉକ୍ତ ରକ୍ତଦାନ ଶିବିର ରୁ ମୋଟ ୩୪ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ଜଣାପଡ଼ିଛି । ଏହି ଶିବିରରେ ଯୁବକ ଓ ଛାତ୍ରମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ବ୍ରହ୍ମପୁର ରକ୍ତ ଭଣ୍ଡାର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା କଂଗ୍ରେସ ପ୍ରଭାରୀ ଡ଼ଃ ତ୍ରିନାଥ ବେହେରା ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । ଖଲ୍ଲିକୋଟ ବ୍ଲକ କଂଗ୍ରେସ ସଭାପତି ମେଘନାଦ ଦଳାଇଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ଉକ୍ତ ଶିବିରରେ କଂଗ୍ରେସ ସେବାଦଳ ସଭାପତି ନାରାୟଣ ବେହେରା, କଂଗ୍ରେସ ନେତା ଭୋକାଲୀ ସେଠୀ, ପିସିସି ସଭ୍ୟ ବିଶ୍ୱଜିତ ତରାଇ, ଜିଲ୍ଲା ସେବାଦଳ ସଭାପତି ଜିତେନ୍ଦ୍ର ବେହେରା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସୁରେନ୍ଦ୍ର ସାହୁ ଓ ପ୍ରଶାନ୍ତ କୁମାର ପଣ୍ଡା, ନଗର ସଭାପତି ମନମଦନ ସାହୁ, ପୂର୍ବତନ ସମିତିସଭ୍ୟ ରଞ୍ଜନ ପାତ୍ର, ଭଗବାନ ପ୍ରଧାନ, ନଟବର ପ୍ରଧାନ, ସୁରେଶ ସାହୁ, ଭ୍ରମର ଟହଲ, କମଳ ପଟ୍ଟନାୟକ,ଭିକାରୀ ନାହାକଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଶୁଖିଲା ଖାଦ୍ୟ ବାଣ୍ଟିଲେ କଂଗ୍ରେସ ନେତା ଭାଗିରଥି ବେହେରା

ଛତ୍ରପୁର, ୩୧।୧୦(ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପଞ୍ଚାୟତର ଅନେକ ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିଛି । ଛତ୍ରପୁର ଉପକଣ୍ଠ ଅଧୀନ ପୋଡାପଦର, ବିରିପୁର, ଆଲିଆବାଦ, ନୀଳାଦ୍ରିପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ପାଣି ଜମି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଫଳରେ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ସ୍ଥିତିରେ ବନ୍ୟା ବିପନ୍ନଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ପାଇଁ ଆଜି କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାଗିରଥି ବେହେରା ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ତାଙ୍କ ସହିତ କଂଗ୍ରେସର ପ୍ରତିନିଧି ଦଳ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ବିପନ୍ନ ଲୋକଙ୍କୁ ରିଲିଫ୍ ସାମଗ୍ରୀ ପ୍ରଦାନ କରିଥିଲେ । ଜଳବନ୍ଦୀ



ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ଆବଶ୍ୟକୀୟ ଖାଦ୍ୟସାମଗ୍ରୀ ପହଞ୍ଚାଇବା ସହ ବନ୍ୟା ପରିସ୍ଥିତି ଉପରେ ନଜର ରଖିବା ଲାଗି ସରକାରଙ୍କ ନିକଟରେ ଶ୍ରୀ ବେହେରା ଦାବି ରଖିଛନ୍ତି ।

ପାନ ଦୋକାନରୁ ଚୋରି ଘଟଣାରେ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୩୧।୧୦(ସମିସ): ବ୍ରହ୍ମପୁର ସହରର ଲାଞ୍ଜିପଲ୍ଲୀ ମହାଲକ୍ଷ୍ମୀ ନଗର ଅଞ୍ଚଳରେ ଥିବା ଏକ ପାନ ଦୋକାନର ତାଲା ଭାଙ୍ଗି ଚୋରି ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଲକ୍ଷ୍ମଣ ଚକ୍ରପାଣି ମୁଦାଡ଼ି । ମିଳିଥିବା ସୂଚନା ଅନୁଯାୟୀ, ଲାଞ୍ଜିପଲ୍ଲୀ ମହାଲକ୍ଷ୍ମୀ ନଗର ପ୍ରଥମ ଲାଇନରେ ରହୁଥିବା ନୀଳାଞ୍ଚଳ ବାଡ଼ତିଆ (୪୫)ଙ୍କର ସେହି ଅଞ୍ଚଳରେ ଏକ ପାନ ଦୋକାନ ରହିଛି । ଗତ ୨୯ ତାରିଖ ରାତି ପ୍ରାୟ ୧୦ଟାରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ପରଦିନ ଅର୍ଥାତ୍ ୩୦ ତାରିଖ ସକାଳ ପ୍ରାୟ ୮ ଟାରେ ଦୋକାନ ଖୋଲିବାକୁ ଆସିବା ବେଳେ ଦୋକାନର ତାଲା ଭଙ୍ଗାଯାଇଥିବା ଦେଖିଥିଲେ । ଦୋକାନ ଭିତରେ ଯାଞ୍ଚ କରିବା ପରେ ଗୋଟିଏ ଇଣ୍ଡକ୍ସନ ଚୁଲି ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏନେଇ ନୀଳାଞ୍ଚଳ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି ।

ବନ୍ୟା ସ୍ଥିତି ଯୋଗୁଁ ଜନ ଅଭିଯୋଗ ଶୁଣାଣି ବାତିଲ

ଛତ୍ରପୁର, ୩୧।୧୦(ସମିସ): ଲଗାତାର ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ନଭେମ୍ବର ୨ ତାରିଖ ସୋମବାର ଗଞ୍ଜାମ ଜିଲ୍ଲାରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଓ ଗ୍ରାମପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ବାତିଲ କରାଯାଇଛି । ଜରୁରୀକାଳୀନ ରିଲିଫ୍, ସହାୟତା ଓ ପୁନରୁଦ୍ଧାର କାର୍ଯ୍ୟରେ କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀ ନିୟୋଜିତ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି । ଜିଲ୍ଲାପାଳ ପତ୍ର ସଂଖ୍ୟା ୩୨୭୨ ମାଧ୍ୟମରେ ସମସ୍ତ ବିଡିଓଙ୍କୁ ଏନେଇ ପଞ୍ଚାୟତ ଓ ସାଧାରଣ ଲୋକଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ରାସ୍ତାରୁ ହଟୁଛି ବନ୍ୟାର କ୍ଷତଚିହ୍ନ

ବ୍ରହ୍ମପୁର,୩୧।୧୦(ସମିସ):

ବାତ୍ୟା ଓ ବନ୍ୟାର ବିଭୀଷିକା ପରେ ଧୀରେ ଧୀରେ ଅଣ୍ଟା ସଳଖୁଛି ଗଞ୍ଜାମ । ବନ୍ୟାଜଳ ହ୍ରାସ ପାଇବା ପରେ ଜନଜୀବନକୁ ସ୍ୱାଭାବିକ କରିବା ଦିଗରେ ଜିଲ୍ଲା ପ୍ରଶାସନର ଉଦ୍ୟମ ଜୋରଦାର ହୋଇଛି । ହିଞ୍ଜିଳିକାଟୁ ଜାତୀୟ ରାଜପଥରେ ଯାତାୟାତ ପୁନଃ ସ୍ୱାଭାବିକ ହୋଇଥିବା ବେଳେ ଭଞ୍ଜନଗର ଓ ଆସିକା ସମେତ ବିଭିନ୍ନ ଅଞ୍ଚଳରେ ମଧ ଧୀରେ ଧୀରେ ଗାଡ଼ିମୋଟର ଚଳାଚଳ ଆରମ୍ଭ ହୋଇଛି । ରାସ୍ତାରୁ ମାଟି, ପଥର ଓ ଅନ୍ୟାନ୍ୟ ଅବରୋଧ ହଟାଇବା ସହ ଖାଲଖମା ମରାମତି କରାଯାଉଛି । ଅନ୍ୟପଟେ ବନ୍ୟା ପରେ ଆସିକା ସହରରେ ଜମି ରହିଥିବା ଆବର୍ଜନା ସଫେଇ କାର୍ଯ୍ୟ ଜାରି ରହିଛି ।

ବନ୍ୟା ଯୋଗୁଁ ଅନେକ ଅଞ୍ଚଳରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିଲା । କେଉଁଠି ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହୋଇଥିଲା ତ ଆଉ କେଉଁଠି ପାହାଡ଼ିଆ ମାଟି ଓ ପଥର ଧସି ଯାତାୟାତରେ ବାଧା ସୃଷ୍ଟି କରିଥିଲା । ଏହାର ପ୍ରଭାବରେ ଯାତ୍ରୀ ଓ ମାଲବାହୀ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା । ଏବେ ଜଳସ୍ତର କମିବା ପରେ ଅବରୋଧ ହଟାଇ ଯୋଗାଯୋଗ ବ୍ୟବସ୍ଥା ସଜାଡ଼ିବାକୁ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଉଛି । ବୁରୁଖାଟରୁ ଗଞ୍ଜାମ ସୀମାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଭୂସ୍ଖଳନ ଯୋଗୁଁ ଜମି ରହିଥିବା ବିପୁଳ ପରିମାଣର ପାହାଡ଼ିଆ ମାଟି ଓ ପଥରକୁ ହଟାଇ ଦିଆଯାଇଛି । ଲଗାଣ ବର୍ଷା ଯୋଗୁଁ ପାହାଡ଼ରୁ ମାଟି ଓ ପଥର ଧସି ରାସ୍ତା ଉପରେ ଜମି ରହିଥିଲା । ଫଳରେ ଏହି ରାସ୍ତାରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଘଟଣା ସମ୍ପର୍କରେ ଖବର ପାଇବା ପରେ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ତତ୍ପରତା ପ୍ରକାଶ କରିଥିଲେ । ଜେସିବି ମେସିନ୍ ସହାୟତାରେ ରାସ୍ତା ଉପରେ ଜମିଥିବା ମାଟି ଓ ପଥର ହଟାଇ ସଫେଇ କରାଯାଇଥିଲା । ଫଳରେ ପୁନର୍ବାର ଏହି ରାସ୍ତାରେ ଯାନବାହାନ ଚଳାଚଳ ସମ୍ଭବ ହୋଇଛି । ତେବେ ପାହାଡ଼ିଆ ଅଞ୍ଚଳରେ ପୁନର୍ବାର ଭୂସ୍ଖଳନ ଆଶଙ୍କା ଥିବାରୁ ଯାତାୟାତ ସମୟରେ ସତର୍କତା ଜରୁରୀ ହୋଇପଡ଼ିଛି । ଅନ୍ୟପଟେ ଆସିକା ସହରରେ ବନ୍ୟା ପରବର୍ତ୍ତୀ ସଫେଇ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି । ରାସ୍ତାଘାଟରୁ ଆବର୍ଜନା ହଟାଇବା ସହ ପରିମଳ ବ୍ୟବସ୍ଥା ସଜାଡ଼ିବାକୁ କାର୍ଯ୍ୟ ଚାଲିଛି । ମୋଟାମୋଟି ଭାବେ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆସୁଥିବାବେଳେ ବନ୍ୟା କ୍ଷତିରୁ ମୁକୁଳିବା ପାଇଁ ଜିଲ୍ଲା ପ୍ରଶାସନର ପୁନରୁଦ୍ଧାର ପ୍ରୟାସ ଜାରି ରହିଛି । ତେବେ ସମ୍ପୂର୍ଣ୍ଣ ସ୍ୱାଭାବିକ ସ୍ଥିତି ଫେରିବାକୁ ଆହୁରି କିଛି ସମୟ ଲାଗିବ ।

ଗାମୁଛାରେ ଝୁଲି ପଡ଼ିଲେ ରାଜମିସ୍ତ୍ରି

ବାଲିଗୁଡ଼ା, ୩୧।୧୦(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳର ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ଗୁଳିମରା ସାହିରେ ଘଟିଛି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି । ଜଣେ ରାଜମିସ୍ତ୍ରୀଙ୍କ ଅକାଳ ମୃତ୍ୟୁକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁଯାୟୀ, ଗୁରେଖ ପୂଜାରୀଙ୍କ ପୁଅ ସନ୍ତୋଷ ପୂଜାରୀଙ୍କ ମୃତଦେହ ଏକ ଗଛ ନିକଟରୁ ଉଦ୍ଧାର ହୋଇଛି । ପ୍ରାଥମିକ ସୂଚନା ଅନୁସାରେ, ନିଜ ଗାମୁଛାର କିଛି ଅଂଶ ବ୍ୟବହାର କରି ସେ ଜୀବନ ହାରିଥିବା ଜଣାପଡ଼ିଛି । ତେବେ ଏହି ଘଟଣାର ପ୍ରକୃତ କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ । ସନ୍ତୋଷ ଜଣେ ପରିଶ୍ରମୀ ରାଜମିସ୍ତ୍ରୀ ଥିଲେ । ନିଜ ରୋଜଗାରରେ ସେ ପରିବାରର ଭରଣପୋଷଣ କରୁଥିଲେ । ତାଙ୍କ ପରିବାରରେ ସ୍ତ୍ରୀଙ୍କ ସମେତ ଦୁଇ ପୁଅ ଓ ତିନି ଝିଅ ଅଛନ୍ତି । ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କ ଅକାଳ ବିୟୋଗ ପରେ ଏବେ ସ୍ତ୍ରୀ ଓ ପାଞ୍ଚ ସନ୍ତାନଙ୍କ ଭବିଷ୍ୟତକୁନେଇଚିନ୍ତାବଢ଼ିଛି । ଏହିଦୁଃଖଦଘଟଣାରେପରିବାରବର୍ଗଭାଙ୍ଗିପଡ଼ିଥିବା ବେଳେ ଗୁଳିମରା ସାହିରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ବାଲିଗୁଡ଼ା ପୋଲିସର ଘଟଣାର ତଦନ୍ତ କରୁଥିବା ବେଳେ କାରଣ ଅସ୍ପଷ୍ଟ ରହିଛି ।

ଗୋଦାପୁର ଅଙ୍ଗନୱାଡ଼ି କେନ୍ଦ୍ରରୁ ଚୋରି



ବ୍ରାହ୍ମଣୀଗାଁ, ୩୧।୧୦ (ସମିସ) : ଦାରିଙ୍ଗବାଡ଼ି ବ୍ଲକ ସ୍ଥିତ ଗୋଦାପୁର ପଞ୍ଚାୟତ ୫ ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ରରୁ ବିଗତ ୨୯ ତାରିଖ ରାତିରେ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ବିଭିନ୍ନ ଜିନିଷ ପତ୍ର ଚୋରି କରି ନେଇଯାଇଛନ୍ତି । ସୂଚନା ଅନୁସାରେ କେନ୍ଦ୍ରର ଗ୍ୟାସ୍ ଚୁଲିସମେତ ୩ଟି ଗ୍ୟାସ୍ ସିଲିଣ୍ଡର୍, ୨୧୦ଟି ଅଣ୍ଡା, ୫୦କେ.ଜି ଚାଉଳ, ୨କେ.ଜି ଡାଲି, ହୋଣ୍ଡା ଚଟୁ, ବାସନ କୁସନ, ଗୋଟିଏ ପ୍ଲାଷ୍ଟିକ ଚୌକି, ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ ଇତ୍ୟାଦି ଚୋରି ହୋଇ ଯାଇଛି । ଘଟଣା ସ୍ଥଳରେ ବ୍ରାହ୍ମଣୀଗାଁ ପୋଲିସ୍ ଅନୁସନ୍ଧାନ କାର୍ଯ୍ୟ ଜାରି ରଖିଛନ୍ତି କିନ୍ତୁ ଏ ଯାଏଁ କେହି ଗିରଫ ହୋଇନାହାନ୍ତି । ପ୍ରକାଶ ଥାଉକି ଏହି ଅଞ୍ଚଳରେ ଅଧିକାଂଶ କେନ୍ଦ୍ରରେ ପାଚେରୀ ନଥିବାରୁ କେନ୍ଦ୍ରଗୁଡ଼ିକ ଅଧିକ ଅସୁରକ୍ଷିତ ଜଣା ପଡୁଛନ୍ତି ଓ ଚୋରି ଘଟଣା ଦିନକୁ ଦିନ ବଢ଼ିବାକୁ ଲାଗିଛି । ବିଗତ ୫ ମାସ ପୂର୍ବେ ବ୍ରାହ୍ମଣୀଗାଁ ସହରର ବାସୁଦେବପୁର ଅଙ୍ଗନୱାଡ଼ି କେନ୍ଦ୍ରରୁ ତଦ୍ରୂପ ଏକ ଚୋରି ହୋଇଥିଲା ।

ଫିରିଙ୍ଗିଆରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଫିରିଙ୍ଗିଆ, ୩୧/୧୦ (ସମିସ) : କେବଳ ପାଠପଢ଼ା ନୁହେଁ, ନୃତ୍ୟ, ସଙ୍ଗୀତ ଓ ବକ୍ତୃତା ମାଧ୍ୟମରେ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇଲେ ଫିରିଙ୍ଗିଆ ବ୍ଲକର ୨୨ ଟି କ୍ଲଷ୍ଟର ଛାତ୍ରଛାତ୍ରୀ । କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀଧର ସାହୁ? ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଆରମ୍ଭ କରିଥିଲେ କ୍ଷ ସମ୍ମାନୀତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତନ୍ୟ କହଁର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ବେହେରା, ସାରଥୀ କହଁର, ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୁନମ୍, ପ୍ରଧାନ ଶିକ୍ଷକ ଯୋଗେଶ୍ୱର ବେହେରା ଯୋଗଦେଇ ଦେଇ କାର୍ଯ୍ୟକ୍ରମର ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ୨୨ ଜଣ ସିଆରସି ସମେତ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସିମାଞ୍ଚଳ ମୁଖି ଓ ବିନୋଦ ବିହାରୀ ସାହୁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ ସୂଚନା ଦେଇଥିଲେ ।

ଜନଶୁଣାଣି ପୋର୍ଟାଲ ଓ ମିଳିତ ଶିବିରରୁ ଆସିଥିବା ଅଭିଯୋଗ ଉପରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ

ଟିକାବାଲି, ୩୧।୧୦(ସମିସ): ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗର ସ୍ୱଚ୍ଛ ତଥା ଦ୍ରୁତ ସମାଧାନ ଦିଗରେ ଟିକାବାଲି ବ୍ଲକ ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ଜନଶୁଣାଣି ଅନଲାଇନ୍ ପୋର୍ଟାଲ ଏବଂ ମିଳିତ ଜନଶୁଣାଣି ଶିବିରରେ ଲୋକଙ୍କ ଦ୍ୱାରା ଦାଖଲ ହୋଇଥିବା ବିଭିନ୍ନ ଅଭିଯୋଗର ତୁରନ୍ତ ତଦନ୍ତ କରାଯାଇ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ କମ୍ପ୍ଲାଏନ୍ସ ରିପୋର୍ଟ ପ୍ରଦାନ କରାଯାଇଛି । ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜନଶୁଣାଣି ଜରିଆରେ ଆସିଥିବା ଆବେଦନଗୁଡ଼ିକୁ ସ୍ଥାନୀୟ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ଅନୁସନ୍ଧାନ କରାଯାଇଥିଲା । ଏହି କ୍ରମରେ ମୋଟ ୧୦ଟି ଅଭିଯୋଗ ପିଟିସନର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଶେଷ ହୋଇଥିବାବେଳେ, ଏହାର ଏକ ବିସ୍ତୃତ ରିପୋର୍ଟ ଜିଲ୍ଲାପାଳ ତଥା ଜିଲ୍ଲା ଜନଶୁଣାଣି ପ୍ରକୋଷ୍ଠର ଉପ-ଜିଲ୍ଲାପାଳଙ୍କ ପାଖକୁ ପଠାଯାଇଛି । ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଗୁଟିଙ୍ଗିଆ ଓ ଟିକାବାଲି ଅଞ୍ଚଳର କାସମତୀ ପ୍ରଧାନଙ୍କ 'ସୁଭଦ୍ରା ଯୋଜନା' କିସ୍ତି ସମ୍ପର୍କିତ ଆବେଦନକୁ ଯାଞ୍ଚ କରାଯାଇ ମହିଳା ଓ ଶିଶୁ ବିକାଶ ବିଭାଗ ଜରିଆରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଅଗ୍ରସର କରାଯାଇଛି । ସେହିପରି ଜୟଶ୍ରୀ ଶତପଥୀ ଏବଂ ନାରୀ ମାଝୀଙ୍କ ଆବାସ ଯୋଜନା ଆବେଦନର ସ୍ଥିତି ଯାଞ୍ଚ କରାଯାଇ ସେମାନଙ୍କୁ ଯୋଜନାରେ ସାମିଲ କରିବା ପାଇଁ ପ୍ରକ୍ରିୟା ଗ୍ରହଣ କରାଯାଇଛି । ଅନ୍ୟପକ୍ଷରେ, ପିକାରଡ଼ିର ରଞ୍ଜିତ କୁମାର ପ୍ରଧାନଙ୍କ ଉଦ୍ୟାନ କୃଷି ଓ ସୀମା କାମ ସମ୍ବନ୍ଧୀୟ ମାମଲାକୁ ଉପଯୁକ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ବ୍ଲକ ପ୍ରଶାସନର ଏହି ତତ୍ପରତା ଯୋଗୁଁ ସାଧାରଣ ଲୋକେ ସରକାରୀ ଯୋଜନାର ସୁଫଳ ପାଇବା କ୍ଷେତ୍ରରେ ଆଶାଜନକ ସଫଳତା ମିଳିବ ବେଳେ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

ଆବାସ ଯୋଜନାରୁ ବଞ୍ଚିତ ସୌରା ସବରା ଗ୍ରାମର ୬ରୁ ଊର୍ଦ୍ଧ୍ୱ ପରିବାର

ଭଙ୍ଗା ଦଦରା ଘରେ ବାତ୍ୟାର ପାଞ୍ଚ ରାତି କାଟିଲେ ୬ ପରିବାର

ପ୍ରଶାସନର ଦୃଷ୍ଟି ଆଢୁଆଳରେ ଅସହାୟ ଆଦିବାସୀ; ଆବେଦନ ପରେ ବି ମିଳୁନି ଆବାସ







ପାରଳାଖେମୁଣ୍ଡି, ୩୧।୧୦ (ସମିସ) : ସରକାରଙ୍କ ପକ୍ଷରୁ ଗରିବ ଓ ଅସହାୟଙ୍କୁ ପକ୍କା ଘର ଯୋଗାଇଦେବା ପାଇଁ ବିଭିନ୍ନ ଆବାସ ଯୋଜନା ପ୍ରଚଳିତ ଥିବାବେଳେ ଏବେ ବି ଅନେକ ଆଦିବାସୀ ପରିବାର ଏହି ସୁବିଧାରୁ ବଞ୍ଚିତ ହୋଇଥିବାର ଜଣାପଡିଛି । ଏହାର ଏକ ଦୟନୀୟ ଚିତ୍ର ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସବରା ପଞ୍ଚାୟତ ଅନ୍ତର୍ଗତ ସୌରା ସବରା ଗ୍ରାମରେ ଦେଖିବାକୁ ମିଳିଛି । ଭଙ୍ଗା ଝାଟିମାଟି ଘର ଓ ଜରାଜୀର୍ଣ୍ଣ ଆଜବେଷ୍ଟସ୍? ଉପରେ ପାଳ, ଛପର, ପଲଥିନ ତଳେ ଜୀବନ ବିତାଉଥିବା ଏହି ପରିବାରଗୁଡ଼ିକ ବାତ୍ୟା 'ଅର୍ଣ୍ଣବ'ର ପ୍ରକୋପ ମଧ୍ୟରେ ଭାଗ୍ୟକୁ ଆଦରି ପାଞ୍ଚ ଦିନ ଓ ପାଞ୍ଚ ରାତି କାଟିଛନ୍ତି । ସୂଚନାନୁଯାୟୀ, ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଗୋଷାଣି ବ୍ଲକ୍?ରେ ଲଗାଣ ବର୍ଷା ସାଙ୍ଗକୁ ପବନର ପ୍ରକୋପ ଜାରି ରହିଥିଲା । ଏହି ସମୟରେ ସୌରା ସବରା ଗ୍ରାମର ପ୍ରାୟ ୬ଟି ପରିବାର ନିଜ ନିଜର ଜରାଜୀର୍ଣ୍ଣ ଘରେ ରହିବାକୁ ବାଧ୍ୟ ହୋଇଥିଲେ । ବିଶ୍ୱନାଥ ଶବର (୪୮) ବୃଦ୍ଧା ମାଆଙ୍କ ସମେତ ପାଞ୍ଚଜଣ, ଗଣପତି ଶବର (୬୨) ଦୁଇଜଣ, ମିନୁ ଶବର (୨୭) ସ୍ୱାମୀ ଓ ତିନି ଶିଶୁଙ୍କ ସମେତ ପାଞ୍ଚଜଣ, ଘାସି ଶବର (୫୮) ଦୁଇଜଣ, ବିଶୋଇ ଶବର (୪୨) ପରିବାରର ପାଞ୍ଚଜଣ ଏବଂ ନାଗେଶ ଶବର (୫୨) ପରିବାରର ଛଅଜଣ ସଦସ୍ୟଙ୍କ ସହ ଦୁର୍ଦ୍ଦଶାରେ ଦିନ କାଟିଥିବା କହିଛନ୍ତି । ଘରଗୁଡ଼ିକର ଅବସ୍ଥା ଏତେ ଦୟନୀୟ ଯେ ବର୍ଷା ହେଲେ ଛପର ଦେଇ ପାଣି ସିଧା ଘର ଭିତରେ ପଡୁଛି । ଝାଟିମାଟି କାନ୍ଥ ଓ ଭଙ୍ଗା ଆଜବେଷ୍ଟସ୍? ଛପର ଉପରେ ନିଜ ଉଦ୍ୟମରେ ମାଟି ଲେପିବା ସହ ପଲିଥିନ୍? ଘୋଡ଼ାଇ ରଖିଥିଲେ ମଧ୍ୟ ବର୍ଷାରୁ ରକ୍ଷା ପାଇବା ସମ୍ଭବ ହୋଇନଥିଲା । ଘର ଭିତରେ ଯେଉଁ ସ୍ଥାନରେ ପାଣି ପଡୁନଥିଲା, ସେଠାରେ ଗୋଡ଼ହାତ ଟେକି ବସି ରହିବାକୁ ପଡ଼ିଥିଲା । ଖାଇବା, ପିଇବା ଓ ଶୋଇବାର ସୁବିଧା ନଥିବାରୁ ପାଞ୍ଚ ଦିନ ଓ ପାଞ୍ଚ ରାତି ଭୟ ଓ ଆଶଙ୍କାରେ କଟିଥିବା ସେମାନେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି । କେବଳ ବାତ୍ୟା 'ଅର୍ଣ୍ଣବ' ନୁହେଁ, ଲଘୁଚାପଜନିତ ବର୍ଷା ହେଉ କିମ୍ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ, ପ୍ରତିଥର ଏଭଳି ଦୁର୍ଦ୍ଦଶା ଭୋଗିବା ସେମାନଙ୍କ ପାଇଁ ନିତିଦିନିଆ ଘଟଣା ପାଲଟିଛି । ଏପରିକି ଗ୍ରାମର ରମେଶ ଶବରଙ୍କ ଝାଟିମାଟି ଘର ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ବିଶୁ ଶବରଙ୍କ ଗାଈ ଗୁହାଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଅନ୍ୟପକ୍ଷରେ, ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ଏଯାଏଁ କୌଣସି ସୁଫଳ ମିଳିନଥିବା କହିଛନ୍ତି । ବାତ୍ୟା ସମୟରେ ମଧ୍ୟ ସ୍ଥାନୀୟ ସରପଞ୍ଚ କିମ୍ବା କୌଣସି ପଦାଧିକାରୀ ସେମାନଙ୍କ ଦୁର୍ଦ୍ଦଶା ଦେଖିବାକୁ ଆସିନଥିବା ମଧ୍ୟ ଜଣାଇଛନ୍ତି । ସରକାରୀ ଆବାସ ଯୋଜନାର ଲାଭ ପ୍ରକୃତ ଅସହାୟଙ୍କ ନିକଟରେ ପହଞ୍ଚୁଛି କି ନାହିଁ, ସୌରା ସବରା ଗ୍ରାମର ଏହି ଚିତ୍ର ତାହା ଉପରେ ପ୍ରଶ୍ନ ଉଠାଇଛି । ତୁରନ୍ତ କ୍ଷତିଗ୍ରସ୍ତ ଘରଗୁଡ଼ିକର ସରଜମିନ୍ ତଦନ୍ତ କରି ଯୋଗ୍ୟ ପରିବାରଙ୍କୁ ଆବାସ ଯୋଜନାରେ ସାମିଲ କରିବା ସହ ବିପର୍ଯ୍ୟୟ କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇଦେବାକୁ ଦାବି ହୋଇଛି ।

ପ୍ରଭାବିତ ଅଞ୍ଚଳ ଏବଂ ଲୋକଙ୍କୁ ଭେଟିଲେ ବିଜେଡ଼ି ଟିମ୍



ରାଇକିଆ, ୩୧।୧୦(ସମିସ): ଶନିବାର ରାଇକିଆ ବ୍ଲକ୍ର ମାଣିକେଶ୍ୱର ପଞ୍ଚାୟତ ର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ କୁ ଯାଇ ଲୋକଙ୍କୁ ଭେଟି ଛନ୍ତି କନ୍ଧମାଳ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା । ମାଣିକେଶ୍ୱର ପଞ୍ଚାୟତର ତିନୋଟି ରିଲିଫ କ୍ୟାମ୍ପରେ ବୁଲି କ୍ଷତି ଗ୍ରସ୍ତଙ୍କୁ ଭେଟି ଆଲୋଚନା କରିବା ସହ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣିଥିଲେ । ବିଶେଷ କରି ଏହି ପରି ବର୍ଷା ପୂର୍ବରୁ କେବେ ହୋଇନଥିବା ବେଳେ ବ୍ୟାପକ କ୍ଷୟ କ୍ଷତି ହୋଇଥିବା ଏବଂ କେତେକ ରିଲିଫ୍ କ୍ୟାମ୍ପ ଅବ୍ୟବସ୍ଥା ଦେଖା ଦେଇଥିବା କହିଛନ୍ତି । ଘର, ଚାଷ ଜମି ନଷ୍ଟ ହୋଇଥିବା ବେଳେ ଗ୍ରାମବାସୀ ମାନେ ସମ୍ପୂର୍ଣ୍ଣ ଭୟଭୀତ ଅଛନ୍ତି । ଅନ୍ୟତ୍ର ସ୍ଥାନାନ୍ତରିତ ପାଇଁ ଦାବି କରୁଛନ୍ତି । ଏ ନେଇ ସେ ବିରୋଧୀ ଦଳ ନେତା ତଥା ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ପ୍ରଦାନ କରିବା ସହ କ୍ଷତିଗ୍ରସ୍ତଙ୍କୁ ଯେପରି ସମସ୍ତ ସୁବିଧା ମିଳି ପାରିବ ସେ ନେଇ ଜିଲାପାଳ ଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି । ବିଭିନ୍ନ ଗ୍ରାମ ବୁଲିବା ସମୟ ରେ ପ୍ରଭାବିତ ପରିବାର ଙ୍କୁ ଚୁଡ଼ା, ଗୁଡ, ମହମବତୀ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଥିଲେ । ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲ୍ ଉପସଭାପତି ଜୟାନନ୍ଦ ନାୟକ, ବ୍ଲକ୍ ବିଜେଡି ସଭାପତି ଦେବି ପ୍ରସାଦ ପଣ୍ଡା ଙ୍କ ସମେତ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ ।

ରାଷ୍ଟ୍ରୀୟ ଏକତା ଦିବସରେ ଗଜପତି ପୁଲିସର ଏକତା ଦୌଡ଼



ପାରଳାଖେମୁଣ୍ଡି, ୩୧।୧୦ (ସମିସ) : ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଆଜି ଗଜପତି ଜିଲ୍ଲାର ପୁଲିସ ପକ୍ଷରୁ ପାରଳାଖେମୁଣ୍ଡି ଠାରେ ଏକ ମାରାଥନ୍ ଦୌଡ଼ ଆୟୋଜିତ ହୋଇଯାଇଛି । ଗଜପତି ଷ୍ଟାଡିୟମ୍ଠାରୁ ମହାରାଜା ପ୍ୟାଲେସ ପର୍ଯ୍ୟନ୍ତ ଏହି ଦୌଡ଼ ଅନୁଷ୍ଠିତ ହୋଇଥିଲା । ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ମାରାଥନ୍ ଦୌଡ଼ର ଶୁଭାରମ୍ଭ କରିଥିଲେ । ଏହି ଦୌଡ଼ରେ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବର୍ଗର ଅଂଶଗ୍ରହଣକାରୀ ଦୌଡି ଜାତୀୟ ଏକତା ଓ ଭାଇଚାରାର ବାର୍ତ୍ତା ପ୍ରଚାର କରିଥିଲେ । ରାଷ୍ଟ୍ରୀୟ ଏକତା ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ଦେଶର ଏକତା, ଅଖଣ୍ଡତା ଓ ଭାଇଚାରାର ଭାବନାକୁ ମଜବୁତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ସେହିପରି ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ଠାରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ବାଗ, ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ଡିଏସ୍ପି ଠାକୁରଦାସ ମୁର୍ମୁ, ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଓ ପୋଲିସ ଆର୍ଆଇ ଅଭିରାମ ଖୁଣ୍ଟିଆଙ୍କ ସମେତ ବହୁ ପୁଲିସ ପଦାଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ ।

ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ପାରଳାଖେମୁଣ୍ଡି, ୩୧।୧୦(ସମିସ) : ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦେଶର ଏକତା, ଅଖଣ୍ଡତା ଓ ଭାଇଚାରା ବଜାୟ ରଖିବା ପାଇଁ ଶପଥ ପାଠ କରାଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଜାତି, ଧର୍ମ ଓ ଭାଷା ଆଧାରରେ ଥିବା ଭେଦଭାବକୁ ଭୁଲି ସମସ୍ତେ ଏକାଠି ହୋଇ ଦେଶର ଏକତା ଓ ଅଖଣ୍ଡତା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ । ଏଥିସହ ଭାଇଚାରା, ସହଯୋଗ ଓ ଏକତାର ଭାବନାକୁ ଆହୁରି ମଜବୁତ କରିବାକୁ ସେ ଗୁରୁତ୍ୱ ଦେଇଥିଲେ । ରାଷ୍ଟ୍ରୀୟ ଏକତା ଦିବସ ଆମକୁ ଦେଶର ଏକତା ଓ ଅଖଣ୍ଡତାର ମହତ୍ତ୍ୱ ସ୍ମରଣ କରାଇବା ସହ ସମସ୍ତଙ୍କ ମଧ୍ୟରେ ଭାଇଚାରା ଓ ଏକତାର ଭାବନା ବଜାୟ ରଖିବାର ବାର୍ତ୍ତା ଦେଇଥାଏ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ଓ ମୁନିନ୍ଦ୍ର ହୋନନାଗା, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ସୁଶ୍ରୀ ଭାଗବତ ସାମଲ କଲ୍ୟାଣରାଓ, ଜିଲ୍ଲା ମଙ୍ଗଳ ଅଧିକାରୀ ସଲମାନ ରାଇକାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ଗଜପତି ଜିଲ୍ଲା ପ୍ରଶାସନ ଦ୍ୱାରା ତିନି ଅସହାୟ ଶିଶୁ ଉଦ୍ଧାର



ରାୟଗଡ଼(ଗଜପତି), ୩୧।୧୦(ସମିସ): ବାତ୍ୟା 'ଅର୍ଣବ'ର ପ୍ରକୋପ ଏବଂ ଦାରିଦ୍ର୍ୟର ଦୁର୍ଦ୍ଦଶା ଭିତରେ ସର୍ବସ୍ୱାନ୍ତ ହୋଇପଡ଼ିଥିବା ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଗୋଟେଇ ଗ୍ରାମର ତିନି ଜଣ ଅସହାୟ ଶିଶୁଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ବାତ୍ୟା ପ୍ରଭାବରେ ଉକ୍ତ ଗ୍ରାମର ଏକ ଭଗ୍ନ ଓ ଜର୍ଜର କୁଡ଼ିଆରେ ତିନି ଜଣ ଶିଶୁ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଥିଲେ । ଏହି ଖବର ପାଇ ରାୟଗଡ଼ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି ବି. କମଳାଙ୍ଗୀ ତୁରନ୍ତ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ । ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଚାଇଲ୍ଡ ହେଲ୍ପ ଲାଇନ୍ କର୍ମକର୍ତ୍ତାମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଉଦ୍ଧାର ହୋଇଥିବା ଶିଶୁମାନଙ୍କ ମଧ୍ୟରେ ୧୨ ଏବଂ ୬ ବର୍ଷର ଦୁଇ ଜଣ ବାଳିକା ତଥା ୧୦ ବର୍ଷର ଜଣେ ବାଳକ ରହିଛନ୍ତି । କିଛି ଦିନ ପୂର୍ବେ ଏମାନଙ୍କ ମା'ଙ୍କର ମୃତ୍ୟୁ ହୋଇସାରିଥିବାବେଳେ ପିତା ମଧ୍ୟ ପରିବାରକୁ ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି । ଫଳରେ ସେମାନଙ୍କର ଦେଖାଶୁଣା କରିବାକୁ କେହି ନଥିଲେ । ପରେ ଗ୍ରାମବାସୀଙ୍କ ସହଯୋଗରେ ପ୍ରଶାସନିକ ଟିମ୍ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ଶିଶୁ କଲ୍ୟାଣ ସମିତି ସମ୍ମୁଖରେ ହାଜର କରାଇଥିଲେ । ଶିଶୁମାନଙ୍କର ଏହି ଦୁର୍ଦ୍ଦଶା ଏବଂ ପରିସ୍ଥିତିକୁ ବିଚାରକୁ ନେଇ ଶିଶୁ କଲ୍ୟାଣ ସମିତି ସେମାନଙ୍କୁ ପାରଳାଖେମୁଣ୍ଡି ସ୍ଥିତ ସରକାରୀ ଶିଶୁ ଯତ୍ନ ଅନୁଷ୍ଠାନ 'ଉତ୍କଳବାଳାଶ୍ରମ'ରେ ଥଇଥାନ କରାଯାଇଛି । ବର୍ତ୍ତମାନ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନଙ୍କ ପାଇଁ ରହଣି ମାଗଣା ଖାଦ୍ୟ ଏବଂ ଶିକ୍ଷାର ସମସ୍ତ ବ୍ୟବସ୍ଥା କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରଶାସନର ଏହି ପଦକ୍ଷେପକୁ ପ୍ରଶଂସା କରାଯାଇଛି ।

ରାଜସ୍ୱ ମନ୍ତ୍ରୀଙ୍କ ସହ ପାରଳାଖେମୁଣ୍ଡି ବିଧାୟକ ଫୋନ୍ ଯୋଗେ ଆଲୋଚନା

ପାରଳାଖେମୁଣ୍ଡି, ୩୧।୧୦ (ସମିସ) : ପ୍ରକୃତିର ତାଣ୍ଡବରେ ଛାରଖାର ହୋଇପଡ଼ିଛି ଗଜପତି ଜିଲ୍ଲାର ଜନଜୀବନ । ଲଗାଣ ବର୍ଷା ଓ ବନ୍ୟାର ପ୍ରଭାବରେ ଅନେକ ଅଞ୍ଚଳ ଜଳମଗ୍ନ ହୋଇ ରହିଥିବା ବେଳେ ଚାଷୀଙ୍କ ବର୍ଷକର ପରିଶ୍ରମ ଆଜି ପାଣିରେ ମିଶିଯାଇଛି । କେଉଁଠି ଧାନ ଫସଲ ପାଣି ତଳେ ବୁଡ଼ି ରହିଛି ତ ଆଉ କେଉଁଠି ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏଭଳି ବିପତ୍ତି ସମୟରେ ଚାଷୀ ଓ ବନ୍ୟା ବିପନ୍ନଙ୍କ ଦୁଃଖ, ଦୁର୍ଦ୍ଦଶା ଏବଂ ଜିଲ୍ଲାର ବାସ୍ତବ ପରିସ୍ଥିତିକୁ ରାଜ୍ୟ ସରକାରଙ୍କ ନଜରକୁ ଆଣିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ । ବିଧାୟକ ଶ୍ରୀ ପାଣିଗ୍ରାହୀ ଚାଷୀମାନଙ୍କ ଉପସ୍ଥିତିରେ ଫୋନ୍ ଯୋଗେ ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା କରି ଗଜପତି ଜିଲ୍ଲାର ବନ୍ୟାଜନିତ କ୍ଷୟକ୍ଷତି ଓ ଲୋକଙ୍କ ଦୁରବସ୍ଥା ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ । ଆଲୋଚନା ସମୟରେ ବିଧାୟକ ଜଣାଇଥିଲେ ଯେ, ଜିଲ୍ଲାରେ ପ୍ରାୟ ୭୦ ପ୍ରତିଶତ ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ଏବେ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛନ୍ତି । ମୁଣ୍ଡର ଝାଳ ତୁଣ୍ଡରେ ମାରି ଯେଉଁ ଚାଷୀ ନିଜ ପରିବାରର ଭବିଷ୍ୟତ ପାଇଁ ଫସଲ ଅମଳ ଆଶାରେ ଥିଲେ, ଆଜି ସେହି ଫସଲ ଜଳମଗ୍ନ ହୋଇ ନଷ୍ଟ ହେବା ତାଙ୍କ ପାଇଁ ଅସହ୍ୟ ଯନ୍ତ୍ରଣା ପାଲଟିଛି । ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଚିହ୍ନଟ କରି ଉପଯୁକ୍ତ କ୍ଷତିପୂରଣ ଓ ଆବଶ୍ୟକ ସହାୟତା ଯୋଗାଇଦେବାକୁ ସେ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ନିବେଦନ କରିଥିଲେ ।

ରିଲିଫ୍ ସାମଗ୍ରୀ ପଠାଇଲା ଗୋଷାଣି ବ୍ଲକ ପ୍ରଶାସନ

ଗୋଷାଣି, ୩୧।୧୦ (ସମିସ) : 'ଅର୍ଣ୍ଣବ' ସାମୁଦ୍ରିକ ଝଡ ପ୍ରଭାବରେ ଉଭୟ ଗଜପତି ଓ ଗଞ୍ଜାମର ବ୍ୟାପକ କ୍ଷୟକ୍ଷତି ଘଟିଛି । ହେଲେ ସର୍ବାଧିକ ଗଞ୍ଜାମ ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବା ବେଳେ ଆଜିପର୍ଯ୍ୟନ୍ତ ଲୋକେ ଜଳାବନ୍ଦୀ ଅବସ୍ଥାରେ ରହିଥିବାର ଜଣାପଡିଛି । ଯାହାକୁ ଦୃଷ୍ଟିରେ ରଖି ଗଜପତି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଗୋଷାଣି ବ୍ଲକ ପ୍ରଶାସନ ବ୍ୟାପକ ରିଲିଫ ସାମଗ୍ରୀ ପଠାଯାଇଛି । ରିଲିଫ ସାମଗ୍ର ମଧ୍ୟରେ ୨ହଜାର କୁଇଣ୍ଟାଲ ଚୁଡା, ଗୁଡ, ଓଆରଏସ୍ ପ୍ୟାକେଟ୍, କ୍ୟାଣ୍ଡେଲ, ଦିଆସିଲି ଆଦି ଭଳି ନିତ୍ୟ ବ୍ୟବହାର୍ଯ୍ୟ ତଥା ଜରୁରୀ ସାମଗ୍ରୀ ପଠାଯାଇଥିବାର ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି ।

ଜିଲ୍ଲାପାଳଙ୍କ ଗୋଷାଣି ବ୍ଲକର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

ଅପହଞ୍ଚ ଗଙ୍ଗାବାଡ଼କୁ ବାଇକ୍ ଓ ପାଦରେ ଗଲେ



ପାରଳାଖେମୁଣ୍ଡି, ୩୧।୧୦ (ସମିସ) : ଅର୍ଣ୍ଣବ ବାତ୍ୟା ଗଜପତି ଜିଲ୍ଲାର ଗୋଷାଣି ବ୍ଲକରେ କ୍ଷତି ଘଟାଇଛି । ବିଶେଷ କରି ବ୍ୟାପକ ଧାନଚାଷ ତଥା ଫସଲ ନଷ୍ଟ ହୋଇଛି । ଯାହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ଗସ୍ତ କରି ପରିଦର୍ଶନ କରିଛନ୍ତି । ଏହି ବ୍ଲକରେ ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ହୋଇଥିବା ଫସଲ କ୍ଷୟକ୍ଷତିର ଆକଳନ କରାଯାଉଛି । ରାଜସ୍ୱ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ଫସଲର ସ୍ଥିତି ଅନୁଧ୍ୟାନ କରି ଆକଳନ କାର୍ଯ୍ୟ ଜାରି ରହିଛି । ଯାହାକୁ ଦେଖିବାପାଇଁ ଖୋଦ ଜିଲ୍ଲାପାଳ ଶରଧାପୁର, ଗଜପତିନଗର, ଉପଲଡା ଆଦି ଗ୍ରାମରେ ପହଞ୍ଚି ବନ୍ୟା ଫଳରେ କ୍ଷୟକ୍ଷତି ହୋଇଥିବା ପରିସ୍ଥିତି ଦେଖିଥିଲେ । ସେହିଭଳି ଗୋଷାଣି ବ୍ଲକର ଦୁର୍ଗମାଞ୍ଚଳ କୁହାଯାଉଥିବା ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାବାଡ ଗ୍ରାମ ପରିଦର୍ଶନ କରିଥିଲେ । ଏହି ଦୁର୍ଗମ ଗ୍ରାମକୁ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ କିଛି ବାଟ ମୋଟରସାଇକେଲ ଯୋଗେ ଯାଇ କଦର୍ଯ୍ୟ ହୋଇପଡିଥିବା ରାସ୍ତାରେ ପାଦଚଲାରେ ପହଞ୍ଚି ସେଠାରେ ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ ଓ ଲୋକଙ୍କ ସମସ୍ୟା ବିଷୟରେ ଅନୁଧ୍ୟାନ କରିବା ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ସୁଶ୍ରୀ ଭାଗବତ ସାମଲ କଲ୍ୟାଣରାଓ, ତହସିଲଦାର ନାରାୟଣ ବେହେରା, ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତଥିଲେ ।

ଟିକାବାଲିରେ ଭାଙ୍ଗିଲା ସ୍କୁଲ ପାଚେରି

ଅସୁରକ୍ଷିତ ଆଶ୍ରମ ଅନ୍ତେବାସୀ

ଟିକାବାଲି, ୩୧।୧୦(ସମିସ): ସମୁଦ୍ର ଝଡ଼ 'ଅର୍ଣ୍ଣବ'ର ପ୍ରଭାବରେ କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ ବୁର୍ବିନାୟୁ ଗ୍ରାମ ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଚେରୀ ଭାଙ୍ଗିଯାଇଥିବା ନେଇ ସୂଚନା ମିଳିଛି । ଏହି ବିପର୍ଯ୍ୟୟ ଯୋଗୁଁ ସ୍କୁଲ ହଷ୍ଟେଲରେ ରହୁଥିବା ଅନ୍ତେବାସୀମାନେ ବର୍ତ୍ତମାନ ଅସୁରକ୍ଷିତ ଅବସ୍ଥାରେ ରହିଥିବା ଅଭିଭାବକ ଓ ସ୍କୁଲ କମିଟି ପକ୍ଷରୁ ପ୍ରକାଶ କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ଗତ ୨୯ ତାରିଖ ରାତ୍ରୀ ସମୟରେ ଏହି ଅଞ୍ଚଳରେ ପ୍ରବଳ ପବନ ସାଙ୍ଗକୁ ତୁହାକୁ ତୁହା ବର୍ଷା ହୋଇଥିଲା । ଫଳରେ ସ୍କୁଲ ପାଚେରିକୁ ଲାଗି ରହିଥିବା ଏକ ବିରାଟ ନିମ୍ବ ଗଛ ଉପୁଡ଼ି ପାଚେରୀ ଉପରେ ମାଡ଼ି ବସିଥିଲା । ଏହାର ପ୍ରଭାବରେ ପାଚେରୀର ଗୋଟିଏ କୋଣପଟେ ପାଖାପାଖି ୩୦ ଫୁଟ୍ ପାଚେରି ସମ୍ପୂର୍ଣ୍ଣ ଭାଙ୍ଗି ଧୂଳିସାତ୍ ହୋଇଯାଇଛି । ଘଟଣା ସମ୍ପର୍କରେ ସ୍କୁଲର ପ୍ରଧାନ ଶିକ୍ଷକ ସୁଧାକର ନାୟକ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଇଥିବା କହିଛନ୍ତି । ମାତ୍ର ଦୁଃଖର ବିଷୟ, ଏପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସର୍ଜମିନ ନିରୀକ୍ଷଣ କରିନାହାନ୍ତି । ତୁରନ୍ତ ଏହାର ସ୍ଥିତି ଅନୁଧ୍ୟାନ କରାଯାଇ ପାଚେରୀ ପୁନଃ ନିର୍ମାଣ ନକଗଲେ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କୁ ନେଇ ବଡ଼ଧରଣର ବିପଦ ଆଶଙ୍କା ରହିଥିବା ସ୍କୁଲ କମିଟି ଏବଂ ସ୍ଥାନୀୟ ଲୋକେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜରୁରିକାଳୀନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।



ସକାଳ
THE SAKALA

www.sakalaepaper.com

ବନ୍ୟା ପରେ ପ୍ରଶାସନର ନିର୍ଯାତନା, ଉପାସରେ ବିପନ୍ନ

ବିଡିଓଙ୍କ ଗାଡ଼ି ଆଗରେ ଶୋଇପଡ଼ିଲେ ସରପଞ୍ଚ



ସାନଖେମୁଣ୍ଡି ୩୧।୧୦(ସମିସ): ଗଞ୍ଜାମ ଜିଲ୍ଲାରେ ବାତ୍ୟା ଅର୍ଣ୍ଣବ ତାଣ୍ଡବ କରିଥିବା ବେଳେ ସେହି ସମୟରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ବାତ୍ୟା ଅଞ୍ଚଳ ପରିଦର୍ଶନ କରିବା ସମୟରେ ହଟହଟା ହୋଇଥିବା ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ସୂଚନା ମୁତାବକ ବନ୍ୟା ବିପନ୍ନଙ୍କୁ ଅବହେଳା ଯୋଗୁଁ ବିଡିଓ ଗାଡି ଆଗରେ ଶୋଇ ପଡିଲେ କଙ୍କେରଡା ସରପଞ୍ଚ ମିନତୀ ସେଠିଙ୍କ ସ୍ୱାମୀ ମିଥୁନ ସେଠି। ଗାଡିରୁ ଓହ୍ଲେଇ ଆସି ବୁଝାଇଲେ ବିଡିଓ ତଥାପି ଶାନ୍ତ ହୋଇ ନଥିଲା ପରିସ୍ଥିତି। ଶେଷରେ ବିଡିଓ ନିଜ ସରକାରୀ ଗାଡ଼ିରେ ନ ଯାଇ ଅନ୍ୟ ଜଣଙ୍କ ବୁଲେଟରେ ଚାଲି ଗଲେ। ଓଡ୍ରାଫ ଟିମ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବାତ୍ୟା ସମୟରେ କୌଣସି ବିଦ୍ୟାଳୟ ଖୋଲାଯାଇନଥିବାରୁ କଙ୍କେରଡା ପଞ୍ଚାୟତରେ ମିଳି ନଥିବା ହେତୁ ସରପଞ୍ଚଙ୍କ ସ୍ୱାମୀ ପ୍ରତିବାଦ କରିଥିଲେ ଏବଂ ବିଦ୍ୟାଳୟକୁ ଡାକିଥିଲେ। କିନ୍ତୁ ବିଡ଼ିଓ ଯିବାକୁ ମନା କରିବାରୁ ବିଡ଼ିଓଙ୍କ ଗାଡ଼ି ଆଗରେ ଶୋଇ ପଡ଼ିଥିବା ଜଣାପଡିଛି। ଏନେଇ ବିଡିଓଙ୍କୁ ଯୋଗାଯୋଗ କରିବା ସମ୍ଭବ ହୋଇନାହିଁ।

ପହଞ୍ଚିନି ପ୍ରଶାସନ; ରାଜରାସ୍ତାକୁ ଓହ୍ଲାଇଲେ ବନ୍ୟା ବିପନ୍ନ

ଆସିକା,୩୧।୧୦(ସମିସ): ବନ୍ୟା ବିପନ୍ନଙ୍କୁ କୌଣସି ସୁବିଧା ନ ମିଳିବା ନେଇ ଆସିକା ବାର୍ଡ ୧୦ ନମ୍ବର ୱାର୍ଡବାସୀ ରାସ୍ତରୋକ କରିଛନ୍ତି। ଯାହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଦୁଇ ଦିନ ହେଲା ଲୋକଙ୍କୁ ଖାଦ୍ୟ ପାନୀୟ ମିଳୁ ନଥିବା ଅଭିଯୋଗ ହୋଇଛି। ଏପରିକି ୧୦ ନମ୍ବର ୱାର୍ଡରେ ଗାଈ ମରି ପଡ଼ିଥିଲେ ବି ସେମାନଙ୍କୁ ଉଠାଇବା ପାଇଁ କୌଣସି ବ୍ୟବସ୍ଥା ହେଉ ନଥିବା ଆଦି ବିଭିନ୍ନ କାରଣକୁ ନେଇ ଲୋକେ ରାସ୍ତା ରୋକ କରିଛନ୍ତି। ତିନି ଦିନ ଧରି ନ ଖାଇ ଭୋକ ଉପାସରେ ଥିବା ବେଳେ ସ୍ଥାନୀୟ ପ୍ରଶାସନ



କୌଣସି ସହାୟତା ଯୋଗାଉ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ୱର୍ଡ ବାସୀ।

କଳିଙ୍ଗା ଘାଟିରେ ପୁଣି ଭୂସ୍ଖଳନ

ଭଞ୍ଜନଗର, ୩୧।୧୦ (ସମିସ) : ଗଞ୍ଜାମ ଜିଲାରେ ବାତ୍ୟା ପରବର୍ତ୍ତୀ ବନ୍ୟା ଯୋଗୁ ଶହଶହ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଏଭଳି ସ୍ଥିତିରେ ଦୁଃଖ ସରିନି ପୁଣି ଦୁଃଖ ମାଡ଼ି ଆସିଲାଣି। ଆସନ୍ତା ସୋମବାର ଓ ମଙ୍ଗଳବାର ଜିଲାରେ ପୁଣି ବର୍ଷା ହେବାର ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ଶନିବାର ଅପରାହ୍ନରେ କଳିଙ୍ଗା ଘାଟିରେ ପୁଣି ଭୂସ୍ଖଳନ ଘଟିଛି। ଫଳରେ ପାହାଡ଼ରୁ ବଡ଼ବଡ଼ ପଥର ଖସି ରାସ୍ତା ଉପରେ ପଡ଼ିଛି। ଘଟଣାସ୍ଥଳରେ ନିୟୋଜିତ ଠିକାଦାର ସଂସ୍ଥାର କର୍ମଚାରୀମାନେ ପଥରଗୁଡ଼ିକୁ ହଟାଇବା କାର୍ଯ୍ୟରେ ଲାଗିଛନ୍ତି। ଅନ୍ୟପକ୍ଷରେ ସମ୍ଭାବ୍ୟ ବର୍ଷା ଓ ପ୍ରତିକୂଳ ପାଣିପାଗକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ସମସ୍ତ ଶିକ୍ଷାନୁଷ୍ଠାନ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସନ୍ତା ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରବିବାର ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ଖୋଲା ରଖିବାକୁ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶରେ ଅବହେଳା କିମ୍ବା ଖିଲାପ କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳଙ୍କ ପକ୍ଷରୁ ଜାରି ଚିଠିରେ ଉଲ୍ଲେଖ କରାଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ, କର୍ମଚାରୀମାନେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ହୋଇଛି।

ବନ୍ୟାଜଳ ସ୍ରୋତରେ ଭାସି ବୃଦ୍ଧ ନିଖୋଜ

ହିଞ୍ଜିଳିକାଟୁ, ୩୧।୧୦ (ସମିସ): ହିଞ୍ଜିଳି ଥାନା ପୋଡଙ୍ଗୀ ଗ୍ରାମ ଓ ବୁରୁପଡା ରାସ୍ତାରେ ଘୋଷରା ନିକଟ ଘାଇରେ ବନ୍ୟା ଜଳ ସ୍ରୋତରେ ଭାସି ଯାଇ ଜଣେ ବୃଦ୍ଧ ନିଖୋଜ ଅଛନ୍ତି। ନିଖୋଜ ଜଣଙ୍କ ହେଲେ ପୋଡଙ୍ଗି ଗ୍ରାମ ଦଣ୍ଡାସୀ ସାହିର ଡାକ ନାଇକ (୬୩)। ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ ହିଞ୍ଜିଳିକାଟୁ ବ୍ଲକ୍ ବୁରୁପଡା ପଞ୍ଚାୟତ ପୋଡଙ୍ଗୀ ଗ୍ରାମ ଦଣ୍ଡାସୀ ସାହିର ଡାକ ନାଇକ ଗୋରୁ ପାଇଁ ଘାସ ଆଣିବାକୁ ବୁରୁପଡା ଯାଇ ଘରକୁ ଫେରୁଥିଲେ। ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଘୋଡାହାଡ ନଦୀରେ ବନ୍ୟାପାଣି ମାଡ଼ି ଆସିବାରୁ ଏକାଧିକ ସ୍ଥାନରେ ଘାଇ ସୃଷ୍ଟି ହୋଇ ଗାଁ ରାସ୍ତା ପାଣିରେ ବୁଡିରହିଛି। ଏଭଳି ସ୍ଥିତିରେ ଡାକ ସାହି ଘୋଷରା ନିକଟରେ ଥିବା ଘାଇଦେଇ ବନ୍ୟାଜଳ ପାରି ହେବାକୁ ଚେଷ୍ଟା କରୁଥିବା ବେଳେ ନିୟନ୍ତ୍ରଣ ହରାଇ ସ୍ରୋତରେ ଭାସି ଯାଇଥିଲେ। ଖବର ପାଇ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳି ନଥିଲା। ଘଟଣା ନେଇ ପରିବାର ପକ୍ଷରୁ ଶୁକ୍ରବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଶନିବାର ସନ୍ଧ୍ୟାରେ ଗ୍ରାମ ମୁଖ୍ୟ ରାସ୍ତାପାର୍ଶ୍ୱରେ କିଛି ଚିଲପକ୍ଷୀ ଚକ୍କର କାଟୁଥିବାରୁ ଗ୍ରାମର କିଛି ଲୋକ ମୃତଦେହ ସଂପୃକ୍ତ ସ୍ଥାନରେ ପଡିଥିବା ସନ୍ଦେହ କରି ଖୋଜାଖୋଜି କରୁଥିବା ଦେଖିବାକୁ ମିଳିଛି।

ଗଞ୍ଜାମରେ ବିଜେଡିର ୯ ଜଣିଆ ପ୍ରତିନିଧି

ହିଞ୍ଜିଳିକାଟୁ ୩୧।୧୦(ସମିସ): ବାତ୍ୟା 'ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ସୃଷ୍ଟି ହୋଇଥିବା ଭୟାବହ ବା ବନ୍ୟା ପରିସ୍ଥିତି ପରିସ୍ଥିତି ଏବଂ କ୍ଷୟକ୍ଷତିର ଅନୁଧ୍ୟାନ ପାଇଁ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ ୯ ଜଣିଆ ରାଜ୍ୟ ସ୍ତରୀୟ ପ୍ରତିନିଧି ଦଳ ଗଠନ କରାଯାଇଛି। ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଏହି ଟିମ୍ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ସମୀକ୍ଷା କରୁଛନ୍ତି। ଏହି ଅବସରରେ ଶନିବାର ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ନୁଆ ଦୁରୁପଡା, ଶ୍ୟାମଳାଇ ଛକରେ ଲୋକଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ବାତ୍ୟା ପୂର୍ବ ପ୍ରସ୍ତୁତି ଓ ପର ପରି ପରିଚାଳନାରେ ସମ୍ପୂର୍ଣ୍ଣ ଫେଲ ମାରିଥିବା ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ଅନୁଧ୍ୟାନ କରିବା ପରେ ଏହି ପ୍ରତିନିଧି ଦଳ ଏକ ବିସ୍ତୃତ କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ। ପୂର୍ବ ପ୍ରସ୍ତୁତିର ଅଭାବ ଏବଂ ଜଳଭଣ୍ଡାରର ସଠିକ୍ ପରିଚାଳନା ନହେବା କାରଣରୁ ଏଭଳି ବନ୍ୟା ସ୍ଥିତି ଉପୁଜିଛି ବୋଲି ବିଜେଡି ପକ୍ଷରୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇଛି। ବିଜେଡିର ଏହି ପ୍ରତିନିଧି ଦଳ ସହିତ ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ସମେତ ପ୍ରତାପ ଜେନା, ପୂର୍ବତନ ବିଧାୟକ ସୁବାସ ସୁବାସ ବେହେରା, ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ, ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ଭୃଗୁ ବକ୍ସିପାତ୍ର, ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ,ରଂଜିତା ସାହୁ, ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ହିଞ୍ଜିଳିକାଟୁ ପ୍ୟୌରପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ହିଞ୍ଜିଳିକାଟୁ ପୌରପରିଷଦ ବିଧାୟକ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ହିଞ୍ଜିଳିକାଟୁ ନଗର ବିଜେଡି ସଭାପତି ହୃଦୟାନନ୍ଦ ମହାପାତ୍ର,ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିଭୁ ପ୍ରସାଦ ପଣ୍ଡା, ତରୁଣ କୁମାର ପଣ୍ଡା, ନୀଳମଣି ପଟ୍ଟନାୟକ,ଯୁଧିଷ୍ଠିର ସ୍ୱାଇଁ,କିରଣ କୁମାର ପଟ୍ଟନାୟକ,ଙ୍କ ସମେତ ବହୁ ବହୁ ସ୍ଥାନୀୟ ନେତୃମଣ୍ଡଳୀ ଓ କର୍ମୀ ଉପସ୍ଥିତ ଥିଲେ।

ଅନ୍‌ଲାଇନ୍‌ରେ ହେବ ଏସ୍‌ଏସ୍‌ବି ପରୀକ୍ଷା

ଭୁବନେଶ୍ୱର, ୩୧।୧୦ (ସମିସ): ରାଜ୍ୟର ବିଭିନ୍ନ ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ ସମେତ ଉଚ୍ଚଶିକ୍ଷା ବିଭାଗରେ ଜୁନିୟର ଆସିଷ୍ଟାଣ୍ଟ ଓ ଜୁନିୟର କ୍ଲର୍କ ପଦ ପୂରଣ ପାଇଁ ହେବାକୁ ଥିବା ନିଯୁକ୍ତି ପରୀକ୍ଷା ଅନଲାଇନ୍ କମ୍ପ୍ୟୁଟର ବେସ୍ଡ ଟେଷ୍ଟ (ସିବିଟି) ମାଧ୍ୟମରେ କରିବାକୁ ନିଷ୍ପତ୍ତି ହୋଇଛି। ଆଜି ଷ୍ଟେଟ୍ ସିଲେକ୍ସନ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ମୂଳ ବିଜ୍ଞାପନର ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ। ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଆଶାୟୀ ସୁନିଲ କୁମାର ମିଶ୍ର କହିଛନ୍ତି ଯେ, ଅନ୍‌ଲାଇନ୍ ପରୀକ୍ଷା ହେଲେ ପୁଣି ନର୍ମାଲାଇଜେସନ୍ ଉପରେ ମେଧାବୀ ପିଲାଙ୍କୁ ନିର୍ଭର କରିବାକୁ ପଡ଼ିବ। ଦକ୍ଷତା ଥିଲେ ମଧ୍ୟ ସହଜିଆ ପ୍ରଶ୍ନ ଓ ଅଧିକ କଟଅଫ୍ ଯାଉଥିବା ସିଫ୍ଟରେ ପରୀକ୍ଷା ଦେଲେ ଚାକିରି ପାଇବା ଏକପ୍ରକାର ଅସମ୍ଭବ। ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ସମାନ ପ୍ରଶ୍ନ ଆସୁଥିବାବେଳେ ନର୍ମାଲାଇଜେସନ୍‌ର ଦ୍ୱନ୍ଦ୍ୱ ଓ ଚାକିରି ପାଇବାର ଦ୍ୱିଧା ନଥିଲା। ପରବର୍ତ୍ତୀ ସମୟରେ ଏପରି ନିଷ୍ପତ୍ତି ଆଶାୟୀଙ୍କ ମଧ୍ୟରେ ନିରାଶା ଭାବ ସୃଷ୍ଟି କରିଛି। ଏଣୁ ସରକାର ତ୍ୱରିତ ପରୀକ୍ଷା ପ୍ରକ୍ରିୟା ସାରିବା ପାଇଁ ଅଫ୍‌ଲାଇନ୍ ପରୀକ୍ଷା କରିବାକୁ ସେ ଦାବି କରିଛନ୍ତି।

ମହାପ୍ରଭୁଙ୍କ ନାମରେ ରେକର୍ଡ ହେଲା ୨୮.୮୪ ଏକର ଜମି

ପୁରୀ, ୩୧।୧୦ (ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ ହୋଇଛି ପୁରୀ ଶଙ୍କରପୁର ମୌଜାରେ ଥିବା ୨୮ ଏକର ୮୪ ଡେସିମିଲ ଜମି। ଦୀର୍ଘଦିନ ଧରି ଏହି ଜମିର ମାଲିକାନାକୁ ନେଇ ଚାଲିଥିବା ବିବାଦରେ ଶ୍ରୀମନ୍ଦିର ପରିଚାଳନା କମିଟିକୁ ଆଶ୍ୱସ୍ତି ମିଳିଛି। ଓଡ଼ିଶା ଚକବନ୍ଦୀ କମିସନରଙ୍କ ରାୟ ଅନୁଯାୟୀ, ଶନିବାର ପୁରୀ ତହସିଲ୍ ପକ୍ଷରୁ ଜମିର ଚିହ୍ନଟ ଓ ମାପଚୁପ କରାଯାଇଛି। ଏଥିସହ ଜମିର ଚତୁଃପାର୍ଶ୍ୱରେ ନାଲି ପତାକା ଲଗାଯିବା ସହ ସୂଚନାଫଳକ ମରାଯାଇଛି। ସୂଚନାଫଳକରେ ଏହା ଶ୍ରୀମନ୍ଦିରର ଜମି ବୋଲି ଉଲ୍ଲେଖ କରାଯାଇଛି। ଏହି ଜମି ମଧ୍ୟକୁ ଅନଧିକାର ପ୍ରବେଶ ଦଣ୍ଡନୀୟ ବୋଲି ମଧ୍ୟ ସତର୍କ କରାଯାଇଛି। ପୁରୀ ତହସିଲ୍‌ଦାର ଅଭିଷେକ ଦାଶଙ୍କ ଉପସ୍ଥିତିରେ ଏହି ପଦକ୍ଷେପ ନିଆଯାଇଛି।

ଏହି ମାମଲାରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୨୦୧୬ ମସିହାରେ ସେଟଲ୍‌ମେଣ୍ଟ ରିଭିଜନ୍ ପିଟିସନ୍ ନମ୍ବର ୩୦୩ ଦାଖଲ କରାଯାଇଥିଲା। ଓଡ଼ିଶା ସର୍ଭେ ଆଣ୍ଡ ସେଟଲ୍‌ମେଣ୍ଟ ଆଇନ, ୧୯୫୮ର ଧାରା ୧୫(ବି) ଅନୁଯାୟୀ ଦାଖଲ ଏହି ଆବେଦନର ଶୁଣାଣି କରି ଚକବନ୍ଦୀ କମିସନର ପ୍ରବୀର କୁମାର ନାୟକ ଶ୍ରୀମନ୍ଦିର ସପକ୍ଷରେ ରାୟ ଦେଇଥିଲେ। ଖାତା ନମ୍ବର ୪୧୧ରେ ପ୍ରସ୍ତୁତ ହୋଇଥିବା ନୂତନ ରେକର୍ଡ ଅଫ୍ ରାଇଟ୍ସକୁ ଚ୍ୟାଲେଞ୍ଜ କରିଥିଲା ମନ୍ଦିର ପରିଚାଳନା କମିଟି। ୧୯୭୭ ମସିହାର ସାବିକ୍ ଜମି ରେକର୍ଡ

ଜମି ମାପଚୁପ କରି ସୂଚନାଫଳକ ଲଗାଇଲେ ତହସିଲଦାର

ଶ୍ରୀମନ୍ଦିର ସପକ୍ଷରେ ରାୟ ଦେଇଥିଲେ ଚକବନ୍ଦୀ କମିସନର

ଅନୁଯାୟୀ, ସମ୍ପୃକ୍ତ ଜମି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ ହୋଇଥିଲା। ପୁରୁଣା ଜମି ରେକର୍ଡ, ପଞ୍ଜିକୃତ ଦଲିଲ୍ ଏବଂ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଜମି ସମର୍ପଣ ସମ୍ପର୍କିତ ତଥ୍ୟକୁ ନିଜ ଦାବି ସମର୍ଥନରେ ଉପସ୍ଥାପନ କରିଥିଲା ମନ୍ଦିର ପ୍ରଶାସନ। ପରିଚାଳନା କମିଟିର ଅଭିଯୋଗ ଅନୁଯାୟୀ, ଚକବନ୍ଦୀ ପ୍ରକ୍ରିୟାର ପ୍ରାରମ୍ଭିକ ପର୍ଯ୍ୟାୟରେ ଜମିଟି ଶ୍ରୀମନ୍ଦିର ସପକ୍ଷରେ ରହିଥିଲା। ପରବର୍ତ୍ତୀ ସମୟରେ ଏହାର ରେକର୍ଡ ପରିବର୍ତ୍ତନ କରାଯାଇ ପୁରୀ ଉତ୍ତର ପାର୍ଶ୍ୱ ମଠ ଏଣ୍ଡାଓମେଣ୍ଟ ଟ୍ରଷ୍ଟି ବୋର୍ଡର ମହନ୍ତ ଶ୍ରୀ ରାମାନୁଜ ଦାସଙ୍କ ସପକ୍ଷରେ କରାଯାଇଥିଲା। ଏହି ପରିବର୍ତ୍ତନ ସମୟରେ ଆଇନଗତ ପ୍ରକ୍ରିୟା ଠିକ୍ ଭାବେ ପାଳନ ହୋଇ ନ ଥିବା, ଆବଶ୍ୟକ ନୋଟିସ୍ ଦିଆଯାଇ ନ ଥିବା ଏବଂ ନିଜ ପକ୍ଷ ରଖିବାକୁ ପର୍ଯ୍ୟାପ୍ତ ସୁଯୋଗ ମିଳି ନ ଥିବା ଅଭିଯୋଗ ଆଣିଥିଲା ମନ୍ଦିର ପ୍ରଶାସନ। ଅନ୍ୟପକ୍ଷରେ, ଜମି କ୍ରୟ କରିଥିବା ଦାବି କରି ଶ୍ରୀମନ୍ଦିରର ମାଲିକାନାକୁ ବିରୋଧ କରାଯାଇଥିଲା। ମାମଲାର ଶୁଣାଣି ସମୟରେ ଉଭୟ ପକ୍ଷର ତଥ୍ୟ, ପୁରୁଣା ଜମି ରେକର୍ଡ ଓ ପଞ୍ଜିକୃତ ଦଲିଲ୍‌କୁ ବିଚାରକୁ ନେଇଥିଲେ ଚକବନ୍ଦୀ କମିସନର। ଏହାପରେ ଶ୍ରୀମନ୍ଦିର ପରିଚାଳନା କମିଟିର ଆବେଦନକୁ ମଞ୍ଜୁର କରି ଶଙ୍କରପୁର ମୌଜାର ୨୮.୮୪ ଏକର ଜମିକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ କରିବାକୁ ପୁରୀ ତହସିଲ୍‌ଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଆଧାରରେ ଏବେ ଜମି ଚିହ୍ନଟ, ମାପଚୁପ ଓ ସୂଚନାଫଳକ ଲଗାଯାଇଛି।

ଆନ୍ତଃରାଜ୍ୟ ନିଶା ସିଣ୍ଡିକେଟ୍‌ର ପର୍ଦ୍ଦାଫାସ୍

ଭୁବନେଶ୍ୱର, ୩୧।୧୦ (ସମିସ): ଓଡ଼ିଶାରୁ ମହାରାଷ୍ଟ୍ରକୁ ଚାଲିଥିବା ଗଞ୍ଜେଇ ଚାଲାଣର ଏକ ବଡ଼ ଆନ୍ତଃରାଜ୍ୟ ସିଣ୍ଡିକେଟ୍‌ର ପର୍ଦ୍ଦାଫାସ କରିଛି କ୍ରାଇମବ୍ରାଞ୍ଚର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ (ଏଏନ୍‌ଟିଏଫ୍)। ଏହି ମାମଲାରେ ଗଞ୍ଜେଇ ଚାଲାଣର ମାଷ୍ଟରମାଇଣ୍ଡ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜେଇ ଚାଲାଣ ନେଟ୍‌ୱର୍କର ମୁଖ୍ୟ କାର୍ପେଟଦାର ତଥା ମହାରାଷ୍ଟ୍ର ସୋଲାପୁରର ସାଗର ବାସବରାଜ କାପାଲେ(୩୫), କନ୍ଧମାଳ ଜିଲ୍ଲା କେ.ନୂଆଗାଁ ଥାନା ଲୁହାରପଙ୍ଗାର ଉଦୟ ଦିଗାଲ (୨୭), କିଲୁପଡ଼ାର ନରେଶ ପ୍ରଧାନ (୩୬), କାର୍ତ୍ତିକ ମଲ୍ଲିକ (୨୮) ଓ ଜି.ଉଦୟଗିରି ଥାନା ମାଠାସାହିର ଗୋଭିଲ ରାଜ ବେହେରା (୩୯)। ସେମାନଙ୍କ ନିକଟରୁ ପ୍ରାୟ ୯୭ କେଜି ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୪୯ ଲକ୍ଷ ଟଙ୍କା ହେବ। ଏଥିସହ ଚାଲାଣରେ ବ୍ୟବହୃତ ଦୁଇଟି କାର୍, ମୋବାଇଲ ଫୋନ୍, ଡେବିଟ୍ କାର୍ଡ ଓ ନଗଦ ୧୧ ହଜାର ୬୦୦ ଟଙ୍କା ଜବତ କରାଯାଇଛି।

୫୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୫ ଗିରଫ



ପୁଲିସ ସୂଚନାନୁସାରେ, ଷୋହଳ ନମ୍ବର ଜାତୀୟ ରାଜପଥ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଏଏନ୍‌ଟିଏଫ୍‌କୁ ଖବର ମିଳିଥିଲା। ଏଏନ୍‌ଟିଏଫ୍ ସ୍ୱତନ୍ତ୍ର ଟିମ୍ ଶନିବାର ମଧ୍ୟାହ୍ନରେ ଖୋର୍ଦ୍ଧାସ୍ଥିତ ପିଏନ୍ କଲେଜ ନିକଟରେ ଚଢ଼ଉ କରିଥିଲା। ସେଠାରେ ସନ୍ଦେହଜନକ ଭାବେ ଯାଉଥିବା ଦୁଇଟି କାର୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଗାଡ଼ି ଭିତରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା। ଏହାସହିତ ଦୁଇଟି କାରରୁ ୫ ଜଣଙ୍କୁ ଅଟକ ରଖିଥିଲା। ଉଭୟ ଗାଡ଼ି କନ୍ଧମାଳରୁ ଗଞ୍ଜେଇ ନେଇ ମହାରାଷ୍ଟ୍ରର ସୋଲାପୁର ଅଭିମୁଖେ ଯାଉଥିବା ଜଣାପଡ଼ିଛି। ଦୀର୍ଘବର୍ଷ ଧରି ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଏକ ସଂଗଠିତ ଗଞ୍ଜେଇ ଚାଲାଣ ନେଟ୍‌ୱର୍କ କାର୍ଯ୍ୟ କରୁଥିବା ଏଏନ୍‌ଟିଏଫ୍ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଗଞ୍ଜେଇ କେଉଁଠାରୁ ଆସୁଥିଲା, ଏହାର ଅନ୍ୟ ଗ୍ରାହକ ଓ ସହଯୋଗୀ କିଏ, ଏହି କାରବାରରେ କେତେ ଟଙ୍କାର ଆର୍ଥିକ କାରବାର ହୋଇଛି ଓ ନେଟ୍‌ୱର୍କର ପରିସର କେତେ ବ୍ୟାପକ, ସେନେଇ ଏଏନ୍‌ଟିଏଫ୍ ତଦନ୍ତ ଚଳାଇଛି।

କୋଟିଆରେ ଆନ୍ଧ୍ର ନିର୍ବାଚନ



କୋରାପୁଟ, ୩୧।୧୦ (ସମିସ): କୋଟିଆ ଗ୍ରାମପୁଞ୍ଜରେ ଆନ୍ଧ୍ର ନିର୍ବାଚନକୁ ନେଇ ଏକ ବୈଠକ କୋରାପୁଟ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା କୋଟିଆ ପଞ୍ଚାୟତର ବାସିନ୍ଦା ଜୟରାମ ପାଙ୍ଗିଙ୍କ ଅଧ୍ୟକ୍ଷତାରେ ଏବଂ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ଉପସ୍ଥିତିରେ ଏହି ବୈଠକରେ ନିଷ୍ପତ୍ତି ହୋଇଛି ଯେ ଆନ୍ଧ୍ର ନିର୍ବାଚନରେ ଓଡ଼ିଶାର କୌଣସି ବି ଭୋଟର ଯେପରି ଅଂଶଗ୍ରହଣ ନ କରନ୍ତି, ତାହାକୁ କଡ଼ାକଡ଼ି ଭାବେ ଜଗାଯିବ। ଭୋଟ୍ ପୂର୍ବଦିନ ଅର୍ଥାତ ୪ ତାରିଖ ରାତିରେ ସବୁ ଦଳର ସଭାପତି, ବିଧାୟକ ଏବଂ ହଜାର ହଜାର କର୍ମୀ ସେହି ଅଞ୍ଚଳରେ ରାତ୍ରୀଯାପନ କରି ଭୋଟରଙ୍କୁ ସୁରକ୍ଷା ଦେବେ। କୋଟିଆ ଗ୍ରାମପୁଞ୍ଜର ଫାଟୁସେନେରୀ ଗ୍ରାମରେ କଂଗ୍ରେସ କର୍ମୀମାନେ ଜଗିବେ, ତା ସହିତ ଉପର ସେମ୍ବିରେ ବିଜେପି ଓ ନେରେଡିବାଲସାରେ ବିଜେଡି କର୍ମୀମାନେ ଜଗିବେ। ସମସ୍ତ ଦଳର ସଭାପତି ଓ ବିଧାୟକଙ୍କ ସହିତ ଜୟରାମ ପାଙ୍ଗି ନିର୍ବାଚନ ଦିନ ସମସ୍ତ ଗ୍ରାମକୁ ଯାଇ ସଚେତନ କରାଇବା ନେଇ ନିଷ୍ପତ୍ତି ହୋଇଛି। କୋଟିଆ ମାଟି ଓଡ଼ିଶାରେ ରହିଛି ଏବଂ ରହିବ ମଧ୍ୟ ବୋଲି ବିଧାୟକ ରଘୁରାମ ମାଛ କହିଛନ୍ତି। ଆନ୍ଧ୍ର ନିର୍ବାଚନରେ ଭୋଟ କରାଇଦେବୁ ନାହିଁ ବୋଲି ସେ ରୋକଠୋକ ଶୁଣାଇଛନ୍ତି। ଭୋଟ ଗ୍ରହଣ ଆସନ୍ତା ମାସ ୫ ତାରିଖରେ ଅନୁଷ୍ଠିତ ହେବ। କୋରାପୁଟ ବିଧାୟକ ଗୋଟିଏ ହେଲେବି ଭୋଟ ଯେପରି ପଡ଼ିବ ନାହିଁ ସେ ଦିଗରେ ଆହ୍ୱାନ ଦେଇଛନ୍ତି। କୋରାପୁଟ ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲିଙ୍କ ସହ ଅନ୍ୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ଓଡ଼ିଶା ଭୋଟରଙ୍କୁ ଜଗିବେ ତିନି ପ୍ରମୁଖ ଦଳର ନେତା ଓ କର୍ମୀ

ବଜ୍ରପାତରେ ମା' ଓ ଶିଶୁ ପୁତ୍ର ମୃତ

ନନ୍ଦପୁର,୩୧।୧୦ (ସମିସ) : କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ କସନ୍ଦୀ ପଞ୍ଚାୟତର ରେଡ଼ାପୁଟ ଗ୍ରାମରେ ଶନିବାର ଅଘଟଣ ଘଟିଛି। ନିଜ ଘରେ ପୁଅକୁ ଧରି ଖେଳାଉ ଥିବାବେଳେ ବଜ୍ରପାତ ହେବାର ମା ତୁଳାବତି ଗୁଞ୍ଜିଆ (୨୬) ଓ ୮ ମାସିଆ ପୁଅ ଧୀରଜ ଅଚେତ୍ ହୋଇ ପଡ଼ିଥିଲେ। ଖବର ପାଇ ସ୍ୱାମୀ ରେଲି କଟିଆ ତୁରନ୍ତ ଦୁହିଁଙ୍କୁ ଚିକିତ୍ସା ନିମନ୍ତେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଉପସ୍ଥିତ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ମହିଳା ଜଣକ ନନ୍ଦପୁର ବ୍ଲକ ମିଶନଶକ୍ତି ବିଭାଗରେ ସିଆରପି ଭାବେ କାର୍ଯ୍ୟରତ ଥିଲେ। ଖବର ଶୁଣି ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ଭାରପ୍ରାପ୍ତ ସିଡିପିଓ ହରପ୍ରିୟା ବେହେରା, ମିଶନ ଶକ୍ତି ବିଏଲସି ବିଚିତ୍ର ରାଉତ, ଶ୍ରୀଧର ଜାନି ପ୍ରମୁଖ ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ଉପସ୍ଥିତ ଡାକ୍ତରଙ୍କ ଏମଏଲସି ଓ ସ୍ୱାମୀଙ୍କ ଏତଲା ପ୍ରକାରେ ନନ୍ଦପୁର ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ୨ ମୃତଦେହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ସୁରକ୍ଷିତ ରଖାଯାଇଛି। ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

କଲେଜ ଛାତ୍ରୀଙ୍କୁ ହତ୍ୟା ଅଭିଯୋଗ

ମହାକାଳପଡ଼ା,୩୧।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ଦୁଇଟି ହତ୍ୟା ଅଭିଯୋଗ ଓ ମୃତଦେହ ଉଦ୍ଧାର ଘଟଣା ସମଗ୍ର ଜିଲ୍ଲାକୁ ସ୍ତବ୍ଧ କରିଦେଇଛି। ଗୋଟିଏ ପଟେ କୁଦାନଗରୀ ଥାନା ଅଞ୍ଚଳରୁ ମୁଣ୍ଡବିହୀନ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାର ଚର୍ଚ୍ଚା ଥମି ନ ଥିବାବେଳେ ଅନ୍ୟପଟେ ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର ପଞ୍ଚାୟତର ଖସାଡ଼ି ଗ୍ରାମରେ ଜଣେ ମେଧାବୀ ଛାତ୍ରୀଙ୍କୁ ହତ୍ୟା ଅଭିଯୋଗ ଘଟଣା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ପୁଲିସ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଛି।

ସୂଚନା ମୁତାବକ, ମହାକାଳପଡ଼ା ବ୍ଲକ ଖସାଡ଼ି ଗ୍ରାମର ସୁଶାନ୍ତ ବେହେରାଙ୍କ କନ୍ୟା ସସ୍ମିତା ବେହେରା ଓରଫ ରୁବିନା ମାର୍ଶାଘାଇ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ସେ ଜଣେ ମେଧାବୀ ଓ ମିଷ୍ଟଭାଷୀ ଛାତ୍ରୀ ଭାବେ ପରିଚିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଅନେକ ଟ୍ରଫି ଓ ମାନପତ୍ର ହାସଲ କରିବା ସହ ପରିବାର ପାଇଁ ଗୌରବ ଆଣିଥିଲେ। ଘଟଣା ଦିନ ସୁଶାନ୍ତ ବ୍ୟବସାୟ କାମରେ ଘରେ ନ ଥିଲେ। ବଡ଼ପୁଅ ରାଜ୍ୟ ବାହାରେ କାମ କରୁଥିବାବେଳେ ସାନପୁଅ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ରାତି ପ୍ରାୟ ୯ଟା ସମୟରେ ମାଆ ଡଲିପ୍ରିୟା ଘରେ ଟେଲିଭିଜନ ଦେଖୁଥିବାବେଳେ ସସ୍ମିତା ଖାଦ୍ୟ ଗରମ କରିବାକୁ ପାଖ ରୋଷେଇ ଘରକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଝିଅ ନ ଫେରିବାରୁ ରାତି ପ୍ରାୟ ୧୦ଟାରେ ମାଆ ଖୋଜାଖୋଜି ଆରମ୍ଭ କରିଥିଲେ। ପଡ଼ୋଶୀଙ୍କ ଘରେ ଖୋଜିବା ପରେ ରୋଷେଇ ଘର ସମ୍ମୁଖ ଓ ଘରର ବାରିପଟେ ରକ୍ତ ଦାଗ ଦେଖିବାକୁ ମିଳିଥିଲା। ଏହାକୁ ନେଇ ପରିବାର ଓ ପଡ଼ୋଶୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତୁରନ୍ତ ମାର୍ଶାଘାଇ ଥାନାରେ ଖବର ଦିଆଯିବା ସହ ରାତିସାରା ଖୋଜାଖୋଜି ଜାରି ରହିଥିଲା। ମାତ୍ର ସସ୍ମିତାଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ଆଜି ସକାଳେ ଘରଠାରୁ ପ୍ରାୟ ୩୦୦ ମିଟର ଦୂରରେ ଥିବା ଏକ ଦଳପୂର୍ଣ୍ଣ ପୋଖରୀରେ ସସ୍ମିତାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଠାବ କରାଯାଇଥିଲା। ଏହାପରେ ଗ୍ରାମରେ ଉତ୍ତେଜନାର ପରିବେଶ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଏକତରଫା ପ୍ରେମ ଓ ବିବାହ ପାଇଁ ଚାପକୁ ନେଇ ମୃତା ଛାତ୍ରୀଙ୍କ ପରିବାର ପକ୍ଷରୁ ଗୁରୁତର ଅଭିଯୋଗ ଆସିଛି।



ମୃତାଙ୍କ ମାଆଙ୍କ କହିବା ଅନୁଯାୟୀ, ମାର୍ଶାଘାଇ ଅଞ୍ଚଳର ଜଣେ ଯୁବକ ଅଜିତ ମହାନ୍ତି ପୂର୍ବରୁ ସସ୍ମିତାଙ୍କୁ ଏକତରଫା ପ୍ରେମ କରିବା ସହ ହଇରାଣ କରୁଥିଲେ। ବିବାହ ପାଇଁ ଚାପ ପକାଉଥିଲେ। ସସ୍ମିତା ଏଥିରେ ରାଜି ନ ହେବାରୁ ଉକ୍ତ ଯୁବକ ଘରକୁ ଆସି କ୍ଷମା ମାଗିଥିବା ମଧ୍ୟ ସେ କହିଛନ୍ତି। ଝିଅର ମୃତ୍ୟୁ ପଛରେ ଉକ୍ତ ଯୁବକଙ୍କ ସମ୍ପୃକ୍ତି ଥିବା ପରିବାର ଓ ସମ୍ପର୍କୀୟ ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଅଭିଯୋଗର ସତ୍ୟତା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ଘଟଣାକୁ ନେଇ ମାର୍ଶାଘାଇ ଥାନାରେ ହତ୍ୟା ସନ୍ଦେହରେ ମାମଲା ରୁଜୁ ହୋଇଛି। ବୈଜ୍ଞାନିକ ଦଳ ଓ ସନ୍ଧାନୀ କୁକୁରର ସହାୟତାରେ ପୁଲିସ ତଦନ୍ତକୁ ଜୋରଦାର କରିଛି। ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼ଙ୍କ ଉପସ୍ଥିତିରେ ଥାନାଧିକାରୀ ତପନ ନାୟକଙ୍କ ତତ୍ତ୍ୱାବଧାନରେ ତଦନ୍ତକାରୀ ଅଧିକାରୀ ଏସ୍ଆଇ ଧରିତ୍ରୀ ଜେନା ଓ ଏସ୍ଆଇ ପ୍ରବୀଣ କାନ୍ଦୁଆଲା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି ଓ ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ କହିଛନ୍ତି। ଅନ୍ୟପକ୍ଷରେ ଗତକାଲି କୁଦାନଗରୀ ଥାନା ଅନ୍ତର୍ଗତ ଆଇତିପୁର ପଞ୍ଚାୟତର ମହାରକୁଳ ଅଞ୍ଚଳର ଲୁଣା ନଦୀବନ୍ଧ ରାସ୍ତାକଡ଼ରୁ ଜଣେ ଅଜଣା ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ହୋଇଥିଲା। ଏହି ଦୁଇଟି ଘଟଣା ଜିଲ୍ଲାରେ ମହିଳାଙ୍କ ସୁରକ୍ଷାକୁ ନେଇ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି।

ସକାଳ
THE SAKALA
www.sakalaepaper.com

ସାକ୍ଷାତକାର

"ଚିତ୍ର ହିଁ ମୋତେ ଅଭିନୟ ଜଗତକୁ ଟାଣି ଆଣିଛି"

ଡା. ଚିନ୍ତାମଣି ବିଶ୍ୱାଳ, ଅଭିନେତା

ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ଅଭିନେତା ହେଲେ ଡା.ଚିନ୍ତାମଣି ବିଶ୍ୱାଳ । ଚିତ୍ରଶିଳ୍ପୀ ଓ ଅଭିନୟ କ୍ଷେତ୍ରରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । 'କୁଆଁରୀ କନ୍ୟା, 'ବନ୍ଧନ ଏ ଜନ୍ମ ଜନ୍ମର' ଆଦି ଅନେକ ଧାରାବାହିକରେ ହୃଦୟସ୍ପର୍ଶୀ ଅଭିନୟ କରିଛନ୍ତି । ସେଭଳି 'ଏ ମନ ମାନେନା', 'ମୁନ୍ନା', 'ହାତ ଧରି ଚାଲୁଥା', 'ଶମ୍ଭୁ', 'ବାଳୀ', 'ଲାଗେ ପ୍ରେମ ନଜର' ଆଦି ଚଳଚ୍ଚିତ୍ରରେ ଚମତ୍କାର ଅଭିନୟ କରି ଦର୍ଶକୀୟ ପ୍ରଶଂସା ସାଉଁଟିଛନ୍ତି । ଏବେ 'ତୁ ମୋ କେଦାର ମୁଁ ତୋ ଗୌରୀ' ଧାରାବାହିକରେ ଅଭିନୟ କରୁଛନ୍ତି । ଅନେକ ଧାରାବାହିକ ଓ ସିନେମାରେ ନିଜ ଅଭିନୟର ଯାଦୁ ଦେଖାଇଥିବା ଚିନ୍ତାମଣିଙ୍କ ସହିତ ଆମର ଏହି ସ୍ୱତନ୍ତ୍ର ଆଲୋଚନା ।



ଆପଣ ଚିତ୍ରଶିଳ୍ପୀ ଓ ଅଭିନେତା ଭାବେ ପରିଚିତ । ଏ ଦୁଇଟି ମଧ୍ୟରୁ କେଉଁ ପରିଚୟରୁ ଆତ୍ମସନ୍ତୋଷ ଅଧିକ ମିଳେ?

● ଆତ୍ମସନ୍ତୋଷ ଉଭୟ ଚିତ୍ର ଓ ଅଭିନୟରେ ମିଳେ । ଅଭିନୟରେ ଟିକେ ଅଧିକ ମିଳେ । କାରଣ ଚିତ୍ର ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିବିଶେଷଙ୍କ ପାଖରେ ମୋତେ ପରିଚିତ କରିଛି । ଚିତ୍ରକୁ ଭଲପାଉଥିବା ଏବଂ ଚିତ୍ରକରଙ୍କୁ ଖୋଜୁଥିବା ମଣିଷ ପାଖରେ ପହଞ୍ଚାଇ ପାରିଛି । ହେଲେ ଅଭିନୟ ଦ୍ୱାରା ସାଧାରଣ ମଣିଷ ପାଖରେ ମୁଁ ପହଞ୍ଚିପାରିଛି ଏବଂ ପରିଚୟ ପାଇଛି । ସେହିପରି ମୋର ଅଭିନୟ ଚିତ୍ରରୁ ଅନୁପ୍ରାଣିତ ଓ ଚିତ୍ର ମଧ୍ୟ ଅଭିନୟଠାରୁ ଅନୁପ୍ରାଣିତ । ଏକଥା ଏଥିପାଇଁ କହୁଛି ଚିତ୍ରରେ ହେଉ କି ଅଭିନୟରେ ରଙ୍ଗବିନ୍ୟାସ ବଡ଼ କଥା ଏବଂ ଏହାର ମୂଳତତ୍ତ୍ୱ ହେଉଛି ଭାବ । ଭାବକୁ ପରିପ୍ରକାଶ କରିବାର ଅନ୍ୟ ନାଁ କଳା । ତେଣୁ ଭିଜୁଆଲ୍ ଆର୍ଟ ଏବଂ ଫର୍ମିଙ୍ଗ ଆର୍ଟରେ ମୁଁ କିଛି ଫରକ୍ ଅନୁଭବ କରେନି ।

ଚିତ୍ରକଳା ଓ ଅଭିନୟ ମଧ୍ୟରୁ ଗୋଟିଏକୁ ବାଛିବାକୁ ହେଲେ କାହାକୁ ବାଛିବେ?

● ଚିତ୍ରକୁ ବାଛିବି । କାରଣ ଚିତ୍ର ହିଁ ମୋର ସର୍ବସ୍ୱ । ଚିତ୍ର ବିହୁନେ ବଞ୍ଚିବା କଷ୍ଟ । ଚିତ୍ର ହିଁ ମୋତେ ଅଭିନୟ ଜଗତକୁ ଟାଣି ଆଣିଛି । ଚିତ୍ର ହିଁ ମୋର ମାଆ ।

କମେଡି ଓ ଖଳ ଚରିତ୍ର ମଧ୍ୟରୁ କେଉଁ ଚରିତ୍ରକୁ ଗୁରୁତ୍ୱ ଦେବେ?

● ଖଳ ଚରିତ୍ରରେ ଅଭିନୟ କରିବାକୁ ପସନ୍ଦ କରିବି । କମେଡି ଚରିତ୍ରରେ ଅଭିନୟ କରିବା ସବୁଠୁ କଷ୍ଟ । ଖଳ ଚରିତ୍ର ସହଜ ଲାଗେ ମୋତେ । ଦାଢ଼ି, ସିନ୍ଦୁର ନାଇଥିବା ଲୋକଟା ଯେ ଖଳ ସେମିତି ଭାବିବା ଭୁଲ । ଖଳ ଚରିତ୍ର ସମାଜରେ ଲୁଚି ଲୁଚି ବଞ୍ଚେ ଏବଂ ଲୁଚି ଲୁଚି ଭଲ ଲୋକଙ୍କୁ ପ୍ରତି ମୁହୂର୍ତ୍ତରେ ହଇରାଣ କରେ । ସେହିଭଳି କିଛି ଚରିତ୍ରକୁ ସଚେତନ କରିବାକୁ ମୁଁ ଖଳ ଚରିତ୍ରରେ ଅଭିନୟ କରିବାକୁ ଭଲପାଏ ।

ପୂର୍ବ ତୁଳନାରେ ବର୍ତ୍ତମାନ ଧାରାବାହିକରେ କ'ଣ ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି?

● ନୂଆପଣ ବହୁତ ଆସିଛି । ଭିଜିଏମ୍, ପରିପାଟୀ, କମ୍ପୋଜିସନ, ଅଭିନୟରେ ଆସିଛି । କିନ୍ତୁ ଏହାରି ଭିତରେ ମୌଳିକତା କୋଉଠି ନା କୋଉଠି ହରାଉଛି । ପରମ୍ପରା, ସଂସ୍କୃତି, ଚାଲିଚଳଣି କୋଉଠି ନା କୋଉଠି ପଥଭ୍ରଷ୍ଟ ହେଉଥିବା ମୁଁ ଦୃଢ଼ତାର ସହ କହିବି । ଆଉ ଗୋଟିଏ କଥା ହେଉଛି ଅନେକ ଲୋକଙ୍କୁ ଧାରାବାହିକ ଏକପ୍ରକାର ସଚେତନ ବି କରୁଛି ।

ସିନେମା ଓ ଧାରାବାହିକ ମଧ୍ୟରୁ କାହାକୁ ପ୍ରାଥମିକତା ଦେବେ?

● କାହାଣୀ ଓ ଚରିତ୍ର ଭଲ ଥିଲେ ସିନେମାକୁ ପ୍ରଥମେ ବାଛିବି ।

ଅଭିନୟ ପାଇଁ ଉଚିତ ପାରିଶ୍ରମିକ ମିଳୁଛି କି?

● ନିଶ୍ଚିତ । ଅଭିନୟ ପାଇଁ ଭଲ ପାରିଶ୍ରମିକ ମିଳୁଛି ।

ଆଗାମୀ ଯୋଜନା କ'ଣ?

● କଳାକୁ ନେଇ 'କଳ୍ପତରୁ ଆର୍ଟ ଆଣ୍ଡ କ୍ରାଫ୍ଟ' ନାମକ ଅନୁଷ୍ଠାନ ଗଢ଼ିଛୁ । ସେହି ଅନୁଷ୍ଠାନରେ ଅନେକ ବର୍ଗର ପିଲାମାନେ କଳା ଶିକ୍ଷା ପ୍ରାପ୍ତ କରୁଛନ୍ତି । କିଛି ପିଲା ମାଗଣାରେ ଚିତ୍ରକଳା, ମୂର୍ତ୍ତିକଳା ଶିଖୁଛନ୍ତି । ଭବିଷ୍ୟତରେ ଆର୍ଥିକ ସ୍ୱଚ୍ଛଳ ମନେ କଲେ କଳାଶ୍ରମ ପ୍ରତିଷ୍ଠା କରି ଅଭାବବୋଧ ମନେ କରୁଥିବା କଳାକାରଙ୍କୁ ଏକତ୍ରିତ କରି ସେମାନଙ୍କ ସେବା ଶୁଶ୍ରୂଷା କରିବା ଲକ୍ଷ୍ୟ ଅଛି । ତା'ସହ ନୂଆପିଢ଼ିଙ୍କୁ ନୂତନ କଳାର ଶୈଳୀ ଏବଂ ନୂତନ କଳାର ବାଣିଜ୍ୟିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଉଭୟ ପତି ପତ୍ନୀ ଶପଥ ନେଇଛୁ ।■



ଆଜି 'ଜୀ ସାର୍ଥକ ସଂସାର ଆୱାର୍ଡ'

ଭାରତର ଗଣପର୍ବ ଦୀପାବଳିକୁ ଆହୁରି ମନୋରଞ୍ଜକ କରିବା ପାଇଁ 'ଜୀ ସାର୍ଥକ' ପରିବାରର ବଡ଼ ଉତ୍ସବ ପ୍ରସ୍ତୁତ କରିଛି । ଆଜି ସନ୍ଧ୍ୟା ୬ଟା ୩୦ରେ 'ଜୀ ସାର୍ଥକ ସଂସାର ଆୱାର୍ଡ-୨୦୨୬' ଜୀ ସାର୍ଥକରେ ଏହା ପ୍ରସାରିତ ହେବ । ଏହି ଉତ୍ସବରେ ସାର୍ଥକ ସଂସାରର ସମସ୍ତ ମେଗା ଧାରାବାହିକ ଓ ଅନ୍ୟାନ୍ୟ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମର ପ୍ରିୟ କଳାକାରମାନେ ଯୋଗ ଦେଇ ନିଜର ଚିତ୍ତାକର୍ଷକ ପ୍ରଦର୍ଶନ କରିବେ । ଏହି ଆୱାର୍ଡ ଶୋ'କୁ ଆହୁରି ଝଲସାଇବା ପାଇଁ ଓଲିଉଡ୍‌ର ନାମୀଦାମୀ କଳାକାରମାନଙ୍କର ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିବ । ଅର୍ଜିତା, ସ୍ୱରାଜ, ସୁପ୍ରିୟା ଓ ଶୈଳେନ୍ଦ୍ରଙ୍କ ଭଳି ତାରକା ଏଥିରେ ସାମିଲ ହେବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଲିଉଡ୍‌ର ଲୋକପ୍ରିୟ ତାରକା ଏଲିନା ସାମନ୍ତରାୟ ଓ ସବ୍ୟସାଚୀ ମିଶ୍ର ଯୋଗ ଦେବେ ।■

୬ ବର୍ଷର ପ୍ରିୟାଂଶୀଙ୍କ କଣ୍ଠରେ 'ଆ...ନିଦ ମାଉସୀ'



୨ ବର୍ଷ ବୟସରେ ତୃପ୍ତି ଦାସ 'ଅଦିନ ମେଘ' ଚଳଚ୍ଚିତ୍ରରେ ଗାଇଥିଲେ 'ବୋଉଲୋ କି'କହିବି ନୂଆ ଭାଉଜଙ୍କ କଥା' ଗୀତ । ସେହିପରି ୧୩ ବର୍ଷ ବୟସରେ ଅନନ୍ୟା ନନ୍ଦ ଚଳଚ୍ଚିତ୍ର 'ଅଗସ୍ତ୍ୟା' ଓ 'ବେବି' ଚଳଚ୍ଚିତ୍ର ପାଇଁ ଗୀତ ଗାଇଥିଲେ । ପରେ ପରେ ଭୂମିକା ଦାସ ମଧ୍ୟ ସେହି ବୟସରେ ଚଳଚ୍ଚିତ୍ରର ସଂଗୀତ ଜଗତରେ ପାଦ ଦେଇଥିଲେ । କିନ୍ତୁ ଏବେ ସମସ୍ତଙ୍କୁ ବିସ୍ମିତ କରି ମାତ୍ର ଛଅ ବର୍ଷର କୁନି ଝିଅ ପ୍ରିୟାଂଶୀ ମିଶ୍ର 'ମୋ ଭାଇ ଜଗନ୍ନାଥ ଚଳଚ୍ଚିତ୍ର'ରେ 'ଆ... ନିଦ ମାଉସୀ' ଗୀତ ଗାଇଛନ୍ତି । ଏହା ମଧ୍ୟରେ ମନ୍ମଥ ମିଶ୍ରଙ୍କ ଷ୍ଟୁଡିଓରେ ଗୀତଟିର ରେକର୍ଡିଂ ସରିଛି । ଯେଉଁଥିରେ ଶ୍ରୀଚରଣ ମହାନ୍ତି, ଶଶାଙ୍କ ଶେଖର, ମାନସୀ ପାତ୍ର, ରାମକୃଷ୍ଣ, ସତ୍ୟଜିତ୍, ଇପସିତା ଓ ମନ୍ମଥ ମିଶ୍ରଙ୍କ ସହ ଗୀତ ଗାଇଛନ୍ତି ପ୍ରିୟାଂଶୀ । ଏହାର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିପିନ୍ ବାରିକ୍ ଓ ପ୍ରିତମ ମିଶ୍ର । ହରିଆଣାରେ ରହୁଥିବା ପୁରା ମାଟିର ଝିଅ ହେଉଛନ୍ତି ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ୟାମାପ୍ରସାଦ ମିଶ୍ରଙ୍କ ସୃଷ୍ଟି । ସେ ହେଉଛନ୍ତି ଗୀତିକାର ଡକ୍ଟର ବଦ୍ରି ମିଶ୍ରଙ୍କ ନାତୁଣୀ ତଥା ସଂଗୀତ ନିର୍ଦ୍ଦେଶକ ପ୍ରିତମଙ୍କ ଝିଅ । ପ୍ରିୟାଂଶୀଙ୍କ ସ୍ୱର ଓଡ଼ିଆ ଶ୍ରୋତା ଦର୍ଶକଙ୍କୁ ମୁଗ୍ଧ କରିବ ବୋଲି ଆଶା କରାଯାଉଛି ।■

୧୫ ହଜାର ଟଙ୍କାରେ ତିଆରି ପ୍ରଥମ 'ରାମାୟଣ' ଫିଲ୍ମ

ପରଜା ପଛର କାହାଣୀ





ବଲିଉଡ୍ ଅଭିନେତା ରଣବୀର କପୁର୍ ଅଭିନୀତ ଫିଲ୍ମ 'ରାମାୟଣ'କୁ ନେଇ ସବୁଠି ଚର୍ଚ୍ଚା । ଏହି ବିଗ୍ ବଜେଟ୍‌ର ଫିଲ୍ମ ୪୦୦୦ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଛି । ତେବେ ହିନ୍ଦୀ ସିନେମା ଇତିହାସରେ ପ୍ରଥମ 'ରାମାୟଣ' ଆଧାରିତ ଫିଲ୍ମ ଥିଲା 'ଲଙ୍କା ଦହନ' । ଏହା ୧୯୧୭ ମସିହାରେ ମୁକ୍ତିଲାଭ କରିଥିଲା । ଏହି ଫିଲ୍ମ ଭାରତୀୟ ସିନେମାର ଜନକ ଦାଦା ସାହେବ ଫାଲ୍‌କେଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା । ୧୦୯ ବର୍ଷ ପୂର୍ବରୁ ମୁକ୍ତିଲାଭ କରିଥିବା ଏହି ପୌରାଣିକ ଫିଲ୍ମ ୧୫୦୦୦ ଟଙ୍କା ବଜେଟ୍‌ରେ ନିର୍ମିତ ହୋଇଥିଲା । ଏହି ଫିଲ୍ମରେ ପ୍ରଥମ କରି 'ରାମାୟଣ' ପୌରାଣିକ କାହାଣୀକୁ ପରଦାରେ ଚିତ୍ରଣ କରାଯାଇଥିଲା । ଏହା ଶବ୍ଦ ବିହୀନ ଏକ ଫିଲ୍ମ ଥିଲା । ବିନା ସଂଳାପରେ ନିର୍ମିତ ଏହି ଫିଲ୍ମରେ 'ରାମାୟଣ'ର ସମ୍ପୂର୍ଣ୍ଣ କାହାଣୀ ପ୍ରଦର୍ଶିତ ଯାଇଥିଲା । କମ୍ ଟଙ୍କାରେ ଏହି ଆଇକନିକ୍ ଫିଲ୍ମ ନିର୍ମାଣ ହୋଇଥିଲା । ଆଶ୍ଚର୍ଯ୍ୟଜନକ କଥା ହେଉଛି ସେହି ସମୟରେ, 'ଲଙ୍କା ଦହନ' ବେଶ୍ ବ୍ୟବସାୟିକ ସଫଳତା ପାଇଥିଲା । ରିପୋର୍ଟ ଅନୁଯାୟୀ ଏହା ୩୫,୦୦୦ ଟଙ୍କାରୁ ଅଧିକ ଆୟ କରିଥିଲା । ଏହି ଫିଲ୍ମ ରାମାୟଣ ଆଧାରିତ ପ୍ରଥମ ସଫଳ ଚଳଚ୍ଚିତ୍ର ଥିଲା । 'ଲଙ୍କା ଦହନ' ଫିଲ୍ମକୁ ନେଇ ଅନେକ କାହାଣୀ ଚଳଚ୍ଚିତ୍ର ଜଗତରେ ପ୍ରଚଳିତ । ଏଥିରେ ଆନ୍ନା ସାଲୁଙ୍କେ ଭଗବାନ ରାମ ଏବଂ ମାତା ସୀତା ଭୂମିକାରେ ଅଭିନୟ କରିଥିଲେ । ତାଙ୍କର ଏହି କୃତିତ୍ୱ ଏବେ ବି ବଲିଉଡ୍ ଇତିହାସରେ ସ୍ମରଣୀୟ ହୋଇରହିଛି ।■

'ଇଠା'ର ଟ୍ରେଲର ରିଲିଜ୍

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁରଙ୍କ ଆଗାମୀ ସିନେମା 'ଇଠା'ର ଟ୍ରେଲର ଇତିମଧ୍ୟରେ ରିଲିଜ୍ ହୋଇଯାଇଛି । ତା'ସହ ଏହାର ଟ୍ରେଲରକୁ ଦର୍ଶକେ ପସନ୍ଦ ମଧ୍ୟ କରିଛନ୍ତି । ଫିଲ୍ମରେ ଶ୍ରଦ୍ଧା ସମ୍ପୂର୍ଣ୍ଣ ଅଲଗା ଓ ଦମଦାର ଅବତାରରେ ନଜର ଆସିବେ । ସିନେମାଟି ମହାରାଷ୍ଟ୍ରର ପ୍ରସିଦ୍ଧ ଲାବଣୀ ସାମ୍ରାଜ୍ଞୀ ବିଠାବାଇ ନାରାୟଣଗାଓ଼ରଙ୍କ ଜୀବନ ଉପରେ ଆଧାରିତ । ଏଥିରେ ଶ୍ରଦ୍ଧା ବିଠାବାଇ ଭୂମିକାରେ ଅଭିନୟ କରିବେ । ସେହିପରି ଏଥିରେ ରଣଦୀପ ହୁଡ୍ଡା ଏବଂ ମହମ୍ମଦ ଜୀଶାନ ଅୟୁବ ବି ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ସିନେମାର ଟ୍ରେଲରରେ ଲୋକକଳା, ସଂଘର୍ଷ ଏବଂ ଜଣେ କଳାକାର ଜୀବନର ଅନେକ ରଙ୍ଗ ଦେଖିବାକୁ ମିଳିଛି । ୩ ମିନିଟ୍ ୨ ସେକେଣ୍ଡର ଏହି ଟ୍ରେଲରର ଆରମ୍ଭ ଏକ ଦମଦାର ସଂଳାପରୁ ହୋଇଛି । ଏହାପରେ ବିଠାବାଇଙ୍କ ଜୀବନର ସଂଘର୍ଷ ଦେଖିବାକୁ ମିଳିଛି । ସିନେମାର ନିର୍ଦ୍ଦେଶନା ଲକ୍ଷ୍ମଣ ଉତେକର ଦେଇଛନ୍ତି । ସିନେମାର କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି କ୍ଷାତିଜ ପଟବର୍ଦ୍ଧନ । ଅନ୍ୟପଟେ ସିନେମାଟି ଡିସମ୍ବର ୪ରେ ପ୍ରେକ୍ଷାଳୟକୁ ଆସିବ ।■

ମୁହଁ ଖୋଲିଲେ ରକୁଲ

ଚଳିତବର୍ଷର ବହୁ ପ୍ରତୀକ୍ଷିତ ସିନେମା ହେଉଛି 'ରାମାୟଣ ପାର୍ଟ୧ ।' ନୀତେଶ ତିୱାରିଙ୍କ ଏହି ସିନେମାକୁ ନେଇ ରାତିମତ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଛି । ସିନେମାରେ ରାମ ଭୂମିକାରେ ରଣବୀର କପୁର, ସୀତା ଚରିତ୍ରରେ ସାଇ ପଲ୍ଲବୀ, ଲକ୍ଷ୍ମଣ ଚରିତ୍ରରେ ରବି ଦୁବେ, ରାବଣ ଚରିତ୍ରରେ ୟଶ, ହନୁମାନ ଚରିତ୍ରରେ ସନ୍ନି ଦେଓ୍ୱଲ ଏବଂ ଶୂର୍ପଣଖା ଭୂମିକାରେ ନଜର ଆସିବେ ରକୁଲ ପ୍ରୀତ ସିଂହ । ତେବେ ରକୁଲ ତାଙ୍କର ଏହି ଚରିତ୍ରରେ ଅଭିନୟ କରିବାକୁ ନେଇ ମୁହଁ ଖୋଲିଛନ୍ତି । ସେ ଏକ ସାକ୍ଷାତକାରରେ ଶୂର୍ପଣଖା ଚରିତ୍ରରେ ଅଭିନୟ କରିବାର ଉତ୍ସାହ ସମ୍ପର୍କରେ କହିଛନ୍ତି । ସେହିପରି ଶୂର୍ପଣଖା ଚରିତ୍ରକୁ ନେଇ ଥିବା ଲୋକଙ୍କ ଭୁଲ ଚିନ୍ତାଧାରା ବାବଦରେ ବି କହିଛନ୍ତି । ତାଙ୍କ ମତରେ ଶୂର୍ପଣଖା ଯୋଗୁଁ ହିଁ ଯୁଦ୍ଧ ଆରମ୍ଭ ହୋଇଥିଲା । ତେଣୁ ଏଭଳି ଚରିତ୍ରରେ ଅଭିନୟ କରିବା ନିହାତି ଭାବେ ରୋମାଞ୍ଚିକ ବୋଲି ରକୁଲ କହନ୍ତି । ସେହିପରି ସାମାଜିକ ଗଣମାଧ୍ୟମରେ ରକୁଲ କହିଛନ୍ତି, ଶୂର୍ପଣଖା ଚରିତ୍ରରେ ଅଭିନୟ କରିବା ଅତ୍ୟନ୍ତ ଜଟିଳ । ଇତିହାସରେ କେବଳ ତାଙ୍କୁ ଏକ ଘଟଣା ପାଇଁ ମନେ ପକାଯାଏ । ହେଲେ ତାଙ୍କ କାହାଣୀରେ ଆହୁରି ଅନେକ କିଛି ଅଛି । ସେ ଆଶା କରୁଛନ୍ତି ଯେ, ରାମାୟଣ ରିଲିଜ୍ ହେଲେ ଦର୍ଶକେ ଖୋଲା ମସ୍ତିଷ୍କରେ ଏହି ଚରିତ୍ରକୁ ବୁଝିବେ । ଏହା ସହିତ ସେ ନମସ୍କାର ଇମୋଜି ସେୟାର୍ କରିଛନ୍ତି ।■

ଆଉ ଏକ ଐତିହାସିକ ଫିଲ୍ମରେ ଅରୁଣ ଓ ଦୀପିକା

ରାମାନନ୍ଦ ସାଗରଙ୍କ ଲୋକପ୍ରିୟ ପୌରାଣିକ ଧାରାବାହିକ 'ରାମାୟଣ'ରେ ଅରୁଣ ଗ୍ରୋଭିଲ ଏବଂ ଦୀପିକା ଚିଖଲିୟାଙ୍କ ଯୋଡ଼ିକୁ ଆଜି ବି ଲୋକେ ପସନ୍ଦ କରନ୍ତି । ଏହି ପୌରାଣିକ ଟିଭି ଧାରାବାହିକରେ ଦୁହେଁ ଭଗବାନ ଶ୍ରୀରାମ ଏବଂ ମାତା ସୀତା ଚରିତ୍ରରେ ଅଭିନୟ କରିଥିଲେ । ତେବେ ଏବେ ୩୯ ବର୍ଷ ପରେ ଦୁହିଁଙ୍କୁ ପୁଣି ଏକାଠି ଦେଖିବାକୁ ମିଳିବ । ତାହା ପୁଣି ବଡ଼ ପରଦାରେ । ନିର୍ମାତା ଆଦିତ୍ୟ ରଘୁବଂଶୀଙ୍କ ଫିଲ୍ମ 'ନୋଟିସ୍'ରେ ଦୀପିକା ଓ ଅରୁଣ ପ୍ରଥମଥର ପାଇଁ ଫିଲ୍ମରେ ଏକାଠି ନଜର ଆସିବେ । ଏହି ସିନେମାରେ ଦୁହେଁ ରାମ ଓ ସୀତାଙ୍କ ଆଧୁନିକ ରୂପରେ ନଜର ଆସିବା କୁହାଯାଉଛି । ତେବେ ସିନେମାଟି ଓଟିଟିରେ ଦେଖିବାକୁ ମିଳିବ ।■



ଭାରତ-ନ୍ୟୁଜିଲାଣ୍ଡ ଶେଷ ଟି-୨୦ ମୁକାବିଲା ଆଜି

ହାମିଲଟନ୍,୩୧।୧୦(ଏଜେନ୍ସି)



ଭ୍ରମଣକାରୀ ଭାରତ ଓ ଆୟୋଜକ ନ୍ୟୁଜିଲାଣ୍ଡ ମଧ୍ୟରେ ଆସନ୍ତାକାଲି ୫ମ ତଥା ଶେଷ ଟି-୨୦ ମୁକାବିଲା ସ୍ଥାନୀୟ ସେଡନ ପାର୍କରେ ଖେଳାଯିବ। ଏହି ସିରିଜ୍‌ର ଚତୁର୍ଥ ମୁକାବିଲାକୁ ଛାଡିଦେଲେ ଅନ୍ୟ ୩ଟି ଯାକ ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି। ଭାରତ ଏହି ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ଆଗୁଆ ସିରିଜ୍ କବ୍‌ଜା କରିଥିଲା। କିନ୍ତୁ ସିରିଜ୍ ହାରିବା ପରେ ଚତୁର୍ଥ ମୁକାବିଲାରେ ନ୍ୟୁଜିଲାଣ୍ଡ ଯେପରି ପ୍ରଦର୍ଶନ କରି ମ୍ୟାଚ୍ ଜିତିନେଲା, ସେଥିରେ ଯେ କେବଳ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ନୁହେଁ, ବରଂ ଦର୍ଶକଙ୍କ ହୋସ୍ ଉଡିଯାଇଛି। ଏହି ମ୍ୟାଚ୍‌ରେ ଜଣେ ହେଲେ ବ୍ୟାଟର କିମ୍ବା ବୋଲର ସଫଳତା ପାଇଲେ ନାହିଁ। ଯାହା ଫଳରେ ମ୍ୟାଚଟି ଏକତରଫା ହେଲା ଓ ନ୍ୟୁଜିଲାଣ୍ଡ ସହଜରେ ବିଜୟୀ ହୋଇଥିଲା। ଏହା ପରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍‌ରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ବିଶ୍ରାମ ଦିଆଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦଳର ଦୟନୀୟ ପରାଜୟ ପରେ ଏହାକୁ ପୁନରାବୃତ୍ତି କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କେବେ ବି ଆଶା କରିବ ନାହିଁ।

ଭାରତ ପ୍ରଥମେ ଯେଉଁ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲା, ତାହା କେବଳ ବ୍ୟାଟରଙ୍କ ଯୋଗୁଁ ସମ୍ଭବ ହୋଇଥିଲା। ଚତୁର୍ଥ ମ୍ୟାଚ୍‌ରେ ସେହି ବ୍ୟାଟର ଖେଳିଥିଲେ, କିନ୍ତୁ ଏହି ପଡ଼ିଆରେ କେହି ଖାପଖୁଆଇ ପାରି ନ ଥିଲେ। ଅବଶ୍ୟ ୫ମ ଟି-୨୦ ଖେଳାଯିବାକୁ ଥିବା ସେଡନ ପାର୍କରେ ଏଭଳି ଅସାମଞ୍ଜସ୍ୟ ପଡ଼ିଆ ନାହିଁ। କିନ୍ତୁ ଭାରତୀୟ ଦଳ କିପରି ପ୍ରଦର୍ଶନ କରିବ ତାହା ଖେଳ ପରେ ଜଣାପଡ଼ିବ।

ଏହି ସିରିଜ୍‌ରେ ବୋଲରମାନେ ନିର୍ମମ ପ୍ରହାର ଖାଇଛନ୍ତି। ଯାହା ଲାଗି ବ୍ୟାଟରମାନେ ମ୍ୟାଚ୍‌ର ହାରଜିତ ନିୟନ୍ତ୍ରଣ କରୁଛନ୍ତି। ଭାରତର ଟପ୍ ଅର୍ଡରରେ ଜଣେ ହେଲେ ପ୍ରଥମ ୩ଟି ମ୍ୟାଚ୍‌ରେ କ୍ଲିକ୍ କରିଛନ୍ତି। ଦିନିକିଆ ସିରିଜ୍ ଲାଗି ଯଦି ଦଳ ଖେଳାଳିଙ୍କୁ ବିଶ୍ରାମ ଦେବାକୁ ଚିନ୍ତା କରେ, ତେବେ ଅଧିନାୟକ ଶ୍ରେୟସ ଆୟର, ଇଶାନ କିଶାନ, ଅକ୍ଷର ପଟେଲ, ନମନ ଧୀର, କୁଲଦୀପ ଯାଦବ ଓ ଅର୍ଶଦୀପ ସିଂହ ପ୍ରମୁଖ ୬ଜଣ ଖେଳାଳି ସ୍ଥାନ ପାଇଛନ୍ତି। କୁଲଦୀପ ଏଯାଏ ଗୋଟିଏ ହେଲେ ମ୍ୟାଚ୍ ଖେଳି ନାହାନ୍ତି, କିମ୍ବା ଖେଳିବାର ସମ୍ଭାବନା ମଧ୍ୟ ନାହିଁ। ଏମାନଙ୍କ ମଧ୍ୟରୁ ନୀତିଶ, ଇଶାନ ଓ ଅର୍ଶଦୀପଙ୍କୁ ବିଶ୍ରାମ ଦିଆଯିବାର ସମ୍ଭାବନାକୁ ଏଡ଼ାଇଦେଇ ହେବ ନାହିଁ। ଭୁବନେଶ୍ୱର କୁମାର, ଶିବମ ଦୁବେ ଓ ବୈଭବ ସୂର୍ଯ୍ୟବଂଶୀଙ୍କୁ ଶେଷ ସୁଯୋଗ ମିଳିବାର ସମ୍ଭାବନା ରହିଛି।

ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡର ବୋଲିଂ ଦୁର୍ବଳ ଥିଲେ ମଧ୍ୟ ଭାରତୀୟ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି। ଦଳର ବ୍ୟାଟିଂ ଗ୍ଲେନ୍ ଫିଲିପ୍ସଙ୍କୁ ନେଇ କେନ୍ଦ୍ରୀଭୂତ ହୋଇଛି। ଏହି ସିରିଜ୍‌ରେ ସେ ଗୋଟିଏ ଶତକ, ଦୁଇଟି ଅର୍ଦ୍ଧଶତକ ସହ ଉଭୟ ଦଳ ପକ୍ଷରୁ ସର୍ବାଧିକ ୨୭୬ ରନ୍ ସଂଗ୍ରହ କରିଛନ୍ତି। ସେ ହିଁ ଭାରତୀୟ ବୋଲରଙ୍କ ଲାଗି କଣ୍ଟା ସାଜିଛନ୍ତି। ତାଙ୍କୁ ଟାର୍ଗେଟ କରି ଭାରତ ଶେଷ ମୁକାବିଲାରେ ଅବତୀର୍ଣ୍ଣ ହେବ। ଫିନ୍ ଆଲେନ କିଛି ଭଲ ପ୍ରଦର୍ଶନ କରିଛନ୍ତି। ଦଳରେ ସ୍ଥାନ ପାଇଥିବା ବ୍ୟାଟରମାନେ ଏକାକୀ ମ୍ୟାଚ୍ ଜିତାଇବାର ଦକ୍ଷତା ରଖିଛନ୍ତି। ଅଧିନାୟକ ମିଚେଲ ସାଣ୍ଟନର ଏକମାତ୍ର ବୋଲର ଭାବେ ଭାରତୀୟ ବ୍ୟାଟରଙ୍କ ଉପରେ କିଛିଟା ପ୍ରଭାବ ବିସ୍ତାର କରିଛନ୍ତି ଓ ସଫଳତା ପାଇଛନ୍ତି ମଧ୍ୟ। ଫର୍ମକୁ ଫେରିଥିବା ଜ୍ୟାକବ ଡଫିଙ୍କ ସହ ଶେଷ ମ୍ୟାଚ୍‌ରେ ତାଙ୍କ ବୋଲିଂର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ନିଶ୍ଚୟ। ତେବେ ଗତ ୪ଟି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୭ଟି କ୍ୟାଚ୍ ଡ୍ରପ୍ କରିଛି। ଏଥିରେ ଉନ୍ନତି ଆଣିବାକୁ ଘରୋଇ ଦଳ ଚେଷ୍ଟା କରିବ।

ପଞ୍ଚମ ଟି-୨୦
ଭେନ୍ୟୁ: ସେଡନ ପାର୍କ, ହାମିଲଟନ
ଖେଳ ଆରମ୍ଭ: ଅପରାହ୍ଣ ୧୨.୩୦
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ: ସୋନି ଲିଭ୍


ବିପର୍ଯ୍ୟୟରୁ ରକ୍ଷାକଲେ ଜୁରେଲ

ଖ୍ରୀଷ୍ଟଚର୍ଚ୍ଚ,୩୧।୧୦(ଏଜେନ୍ସି): ଅଧିନାୟକ ଧ୍ରୁବ ଜୁରେଲ ଓ ଫର୍ମରେ ଥିବା ଦେବଦତ୍ତ ପାଡିକଲଙ୍କ ଉପଯୋଗୀ ଅର୍ଦ୍ଧଶତକ ଯୋଗୁଁ ଏଠାରେ ଆଜି ଆରମ୍ଭ ହୋଇଥିବା ନ୍ୟୁଜିଲାଣ୍ଡ-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ' ବ୍ୟାଟିଂ ବିପର୍ଯ୍ୟୟରୁ ରକ୍ଷା ପାଇଯାଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ' ପ୍ରଥମ ଓଭରରେ ଯଶସ୍ୱୀ ଜୟସ୍ୱାଲ(୦)ଙ୍କ ୱିକେଟ ହରାଇଥିଲା। ଏହା ପରେ ସାଇ ସୁଦର୍ଶନ ଓ ଦେବଦତ୍ତ ପାଡିକଲ ଦ୍ୱିତୀୟ ୱିକେଟ ଯୋଡିରେ ୯୧ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। ସାଇ ସୁଦର୍ଶନ ୬୩ ବଲ୍‌ରେ ୪୧ ଓ ପାଡିକଲ ୧୪୦ ବଲ୍‌ରେ ୮୦ ରନ୍ କରି ଆଉଟ ହୋଇଥିଲେ। ଏମାନଙ୍କ ଆଉଟ ହେବା ଫଳରେ ଦଳ ୧୩୭ ରନ୍‌ରେ ୫ଟି ଓ ୧୭୦ ରନ୍‌ରେ ଷଷ୍ଠ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଜୁରେଲ ଲଢୁଆ ବ୍ୟାଟିଂ କରି ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳୀୟ ସ୍କୋରକୁ ୭ ୱିକେଟରେ ୨୯୧ ରନ୍‌ରେ ପହଞ୍ଚାଇଥିଲେ। ଏହି ସମୟରେ ଜୁରେଲ ୯୯ ଓ ଆକାଶ ଦୀପ ୨୫ ରନ୍‌ରେ ବ୍ୟାଟିଂ କରୁଥିଲେ। ମାନବ ସୁତାରଙ୍କ ଉପଯୋଗୀ ୨୨ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ-ଏ' ପକ୍ଷରୁ ଫାଷ୍ଟ ବୋଲର ଫ୍ରେଜର ଶିଟ୍ ୪ଟି ୱିକେଟ ନେଇ ସଫଳତା ପାଇଥିଲେ।

ପ୍ରଥମ ଟେଷ୍ଟ ଜିତିଲା ୱେଷ୍ଟଇଣ୍ଡିଜ୍

ଢାକା,୩୧।୧୦(ଏଜେନ୍ସି): ଦୁଇ ସ୍ପିନର ବାମହାତୀ ଜୋମେଲ ୱାରିକାନ (୯ୱିକେଟ) ଏବଂ ଅଫ୍ ସ୍ପିନର ରୋଷ୍ଟୋନ ଚେଜ୍ (୫ ୱିକେଟ)ଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଶେଷ ହୋଇଥିବା ପ୍ରଥମ ଟେଷ୍ଟକୁ ୱେଷ୍ଟଇଣ୍ଡିଜ୍ ୮ ୱିକେଟରେ ଜିତିନେଇଛି। ୱାରିକାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ବିଜୟ ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭ୍ରମଣକାରୀ ଦଳ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ତଥା ଶେଷ ଟେଷ୍ଟ ମ୍ୟାଚ୍ ସିଲହଟ୍‌ରେ ନଭେମ୍ବର ୫ରୁ ୯ ଯାଏ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପ୍ରଥମ ଇନିଂସରେ ୨୭୨ ଓ ଦ୍ୱିତୀୟ ଇନିଂସରେ ୧୪୨ ରନ୍ କରିଥିଲା। ଜବାବରେ ପ୍ରଥମ ଇନିଂସରେ ୨୪୫ ରନ୍ କରିଥିବା ୱେଷ୍ଟଇଣ୍ଡିଜ୍ ଆଗରେ ୧୭୦ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଭ୍ରମଣକାରୀ ଦଳ ବ୍ରାଣ୍ଡନ କିଙ୍ଗ୍‌ଙ୍କ ଅପରାଜିତ ୮୧ ରନ୍ ସହାୟତାରେ ମାତ୍ର ୨ ୱିକେଟ ହରାଇ ଏହି ଲକ୍ଷ୍ୟକୁ ହାସଲ କରିନେଇଥିଲା।

ଆୟର୍ଲାଣ୍ଡକୁ ଜିତାଇଲେ ଜୟ ମୁଦ୍ରା



ୱିଣ୍ଡୋଏକ୍,୩୧।୧୦(ଏଜେନ୍ସି): ଭାରତୀୟ ବାମହାତୀ ଫାଷ୍ଟ ବୋଲର ଜୟ ମୁଦ୍ରା ଘାତକ ବୋଲିଂ କରି ୨୭ ରନ୍‌ରେ ୬ ୱିକେଟ ନେବା ଫଳରେ ଏଠାରେ ଶନିବାର ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ ଆୟର୍ଲାଣ୍ଡ ୧୩୦ ରନ୍‌ର ବିଶାଳ ବ୍ୟବଧାନରେ ନାମିବ୍ୟାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ୫୦ ଓଭରରେ ୮ ୱିକେଟ ହରାଇ ୨୯୮ ରନ୍ କରିଥିଲା। ଜବାବରେ ନାମିବ୍ୟା ଜୟଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୪୧ ଓଭରରେ ୧୬୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜୟ ମୁଦ୍ରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

■ ଟେଷ୍ଟ କ୍ରିକେଟରେ ନଂ-୧ ଟିମ୍

ସିରିଜ୍ କବ୍‌ଜା କଲା ଦକ୍ଷିଣ ଆଫ୍ରିକା

କେପ୍‌ଟାଉନ୍,୩୧।୧୦(ଏଜେନ୍ସି): ଫାଷ୍ଟ ବୋଲର କାଗିସୋ ରାବାଡା ଓ ବାମହାତୀ ସ୍ପିନର ସାଇମନ ହାର୍ମରଙ୍କ ଚମକପ୍ରଦ ବୋଲିଂ ବଳରେ ଏଠାରେ ରବିବାର ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ୟ ତଥା ନିର୍ଣ୍ଣାୟକ ଟେଷ୍ଟକୁ ଘରୋଇ ଦକ୍ଷିଣ ଆଫ୍ରିକା ୧୭୬ ରନ୍‌ରେ ଜିତିନେଇଛି। ଏହା ଫଳରେ ଘରୋଇ ଦଳ ୨-୧ ବ୍ୟବଧାନରେ ଏହି ଟେଷ୍ଟ ସିରିଜ୍‌କୁ କବ୍‌ଜା କରିଛି। ଏହା ଫଳରେ ଆଇସିସି ଟେଷ୍ଟ ମାନ୍ୟତାରେ ଦକ୍ଷିଣ ଆଫ୍ରିକା ନୂଆ ନଂ-୧ ଟିମ୍ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୩୨୯ ଓ ଦ୍ୱିତୀୟ ଇନିଂସରେ ୩୮୭ ରନ୍ କରିଥିଲା। ଜବାବରେ ପ୍ରଥମ ଇନିଂସରେ ୪୨୯ ରନ୍ କରିଥିବା ଅଷ୍ଟ୍ରେଲିଆ ଆଗରେ ମ୍ୟାଚ୍ ଜିତିବାକୁ ୨୮୮ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୧୧ରନ୍ କରି ଅଲଆଉଟ ହୋଇଯାଇଥିଲା। ଘରୋଇ ଦଳ ପକ୍ଷରୁ ହାର୍ମର ସର୍ବାଧିକ ତଥା ଶେଷ ୬ଟି ଓ ରାବାଡା ପ୍ରଥମ ୩ଟି ୱିକେଟ ପାଇଥିଲେ। ବିଜୟୀ ଦଳ ପକ୍ଷରୁ ଏଠାରେ ୧୦ଟି ୱିକେଟ ନେଇଥିବା ହାର୍ମରଙ୍କୁ ମ୍ୟାଚ୍‌ର ଓ ମୋଟ ୧୪୬ ରନ୍ ସହ ୧୦ଟି ୱିକେଟ ନେଇଥିବା ମାର୍କୋ ଜାନସେନ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଦିନିକିଆ ସିରିଜ୍ ୪ରୁ; କ୍ରିଷ୍ଣାଙ୍କ ସ୍ଥାନରେ ନବି


ଦିନିକିଆ ସିରିଜ୍ ଲାଗି ନ୍ୟୁଜିଲାଣ୍ଡରେ ପହଞ୍ଚିବା ପରେ ବିରାଟ କୋହଲି ଓ ରୋହିତ ଶର୍ମା

ଅକ୍‌ଲାଣ୍ଡ,୩୧।୧୦(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆସନ୍ତା ୪ରୁ ଆରମ୍ଭ ହେବ। ଏହି ସିରିଜ୍ ଲାଗି ପୂର୍ବରୁ ଘୋଷଣା କରାଯାଇଥିବା ଭାରତୀୟ ଦଳରେ ଖେଳାଳି ପରିବର୍ତ୍ତନ କରାଯାଇଛି। ଆହତ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଫିଟ୍ ହୋଇ ନ ପାରିବାରୁ ତାଙ୍କୁ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଜମ୍ମୁ-କଶ୍ମୀରର ଫାଷ୍ଟ ବୋଲର ଆକ୍ୱିବ ନବିଙ୍କୁ ସାମିଲ କରାଯାଇଛି। ପ୍ରଥମ ଦିନିକିଆ ଲାଗି ମନୋନୀତ ନୀତୀଶ ରେଡ୍ଡୀଙ୍କୁ ବାଦ୍ ଦେଲେ ପ୍ରଥମ ୩ଟି ଯାକ ମ୍ୟାଚ୍‌ରେ ସମାନ ଖେଳାଳି ସ୍ଥାନ ପାଇଛନ୍ତି। ଏହା ପରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତି ସକାଶେ ଅଧିନାୟକ ଶୁବମନ ଗିଲ୍‌ଙ୍କ ସମେତ ଲୋକେଶ ରାହୁଲ ଓ ଅଂଶୁଲ କାମ୍ବୋଜ୍‌ଙ୍କୁ ଶେଷ ଦୁଇଟି ଦିନିକିଆରୁ ବାଦ୍ ଦିଆଯାଇଛି। ଗିଲ୍‌ଙ୍କ ସ୍ଥାନରେ ଉପଅଧିନାୟକ ଶ୍ରେୟସ ଆୟର ଶେଷ ଦୁଇଟି ଦିନିକିଆରେ ଦଳର ନେତୃତ୍ୱ ନେବେ। ସେହିପରି ତିଲକ ବର୍ମା, ଯଶ ଠାକୁର ଓ କୁମାର କୁଶାଗ୍ର ଶେଷ ଦୁଇଟି ମ୍ୟାଚ୍ ଲାଗି ମନୋନୀତ କରାଯାଇଛି। ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡିକ ଯଥାକ୍ରମେ ଅକ୍‌ଲାଣ୍ଡରେ ନଭେମ୍ବର ୪, ୱେଲିଂଟନରେ ୭, ହାମିଲଟନ୍‌ରେ ୧୦, ବେ' ଓଭାଲରେ ୧୩ ଓ ୧୫ ତାରିଖରେ ଖେଳାଯିବ।

ପ୍ରଥମ ୩ଟି ଦିନିକିଆ : ଶୁବମନ ଗିଲ୍ (ଅଧିନାୟକ), ଶ୍ରେୟସ ଆୟର (ଉପଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ ଓ ଇଶାନ କିଶାନ (ଉଭୟ ୱିକେଟରକ୍ଷକ), ଋତୁରାଜ ଗାଏକ୍ୱାଡ଼, ନୀତୀଶ କୁମାର ରେଡ୍ଡୀ (କେବଳ ପ୍ରଥମ ଦିନିକିଆ ପାଇଁ), ଅକ୍ଷର ପଟେଲ, ନମନ ଧୀର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ଗୁରନୁର ବ୍ରାର, ଆକ୍ୱିବ ନବି ଓ ଅଂଶୁଲ କାମ୍ବୋଜ।

ଚତୁର୍ଥ ଓ ପଞ୍ଚମ ଦିନିକିଆ : ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା, ରୋହିତ ଶର୍ମା, ବିରାଟ କୋହଲି, ଇଶାନ କିଶାନ ଓ କୁମାର କୁଶାଗ୍ର (ଉଭୟ ୱିକେଟରକ୍ଷକ), ଋତୁରାଜ ଗାଏକ୍ୱାଡ଼, ଯଶ ରାଠୋଡ, ଅକ୍ଷର ପଟେଲ, ନମନ ଧୀର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ଗୁରନୁର ବ୍ରାର, ଆକ୍ୱିବ ନବି।

ଶ୍ରୀଲଙ୍କାକୁ ହରାଇ ପାକିସ୍ତାନ ଜିତିଲା ତ୍ରିରାଷ୍ଟ୍ରୀୟ ଦିନିକିଆ ସିରିଜ୍



ଲାହୋର,୩୧।୧୦(ଏଜେନ୍ସି): ଓପନର ଫକର ଜମାନ ଓ ଅଲରାଉଣ୍ଡର ଆରାଫତ୍ ମିନ୍‌ହାସଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଦିନିକିଆ ସିରିଜ୍‌ରେ ଶ୍ରୀଲଙ୍କାକୁ ୩ ୱିକେଟରେ ହରାଇ ପାକିସ୍ତାନ ଚାମ୍ପିଅନ ହୋଇଛି। ଏହି ମ୍ୟାଚ୍‌ରେ କାମିନ୍ଦୁ ମେଣ୍ଡିସ ୧୩୧ (୧୨୮ଟି ବଲ୍‌ରୁ ୧୨ ଚୌକା ଓ ୨ଛକା) ଓ ପବନ ରତନାୟକେ ୭୭ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୮ ୱିକେଟରେ ୩୨୫ ରନ୍ କରିଥିଲା। ଜବାବରେ ଜମାନ ୯୯ବଲ୍‌ରେ ୧୧ଚୌକା ଓ ଛକା ସହ ୧୨୭, ମିନ୍‌ହାସ ୩୧ବଲ୍‌ରେ ୩ଚୌକା ଓ ୪ଛକା ସହ ୬୧ ଏବଂ ସାଦ୍ ବେଗ୍‌ଙ୍କ ୭୫ ବଲ୍‌ରେ ୭୪ ରନ୍ ସହାୟତାରେ ପାକିସ୍ତାନ ୪୮.୩ ଓଭରରେ ୭ ୱିକେଟ ହରାଇ ୩୩୧ ରନ୍ କରିବା ସହ ଟାଇଟଲ ଜିତିନେଇଥିଲା। ଶ୍ରୀଲଙ୍କା ପକ୍ଷରୁ ଦିଲସାନ ମଦୁଶଙ୍କା ୩ଟି ଓ ଅସିଥା ଫର୍ଣ୍ଣାଣ୍ଡୋ ୨ଟି ୱିକେଟ ପାଇଥିଲେ। ପାକିସ୍ତାନ ପକ୍ଷରୁ ବୋଲିଂରେ ଅଧିନାୟକ ସାହିନ ଆଫ୍ରିଦୀ, ନସୀମ ଶାହ, ସଲମାନ ଆଘା ଓ ହାରିସ ରୌଫ ୨ଟି ଲେଖାଏଁ ୱିକେଟ ପାଇଛନ୍ତି। ଚାମ୍ପିଅନ ପାକିସ୍ତାନର ଜମାନଙ୍କୁ ଫାଇନାଲର ଏବଂ ମିନ୍‌ହାସଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍‌ରେ ଇଂଲଣ୍ଡ ତୃତୀୟ ଟିମ୍ ଭାବେ ଅଂଶଗ୍ରହଣ କରିଥିଲା। ଏହା ପରେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ନଭେମ୍ବର ୯ରୁ ଖେଳାଯିବ।

ଜ୍ୱେରେଭ୍ ନୂଆ ନଂ-୧

ଭିଏନା,୩୧।୧୦(ଏଜେନ୍ସି): ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ ବିଶ୍ୱ ପୁରୁଷ ଟେନିସରେ ନୂଆ ନଂ-୧ ଖେଳାଳି ହୋଇଛନ୍ତି। ଭିଏନାରେ ଚାଲିଥିବା ଓପନ ଟେନିସ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ସହ ଜ୍ୱେରେଭ ଇଟାଲୀର ଜାନିକ ସିନ୍ନରଙ୍କୁ ହଟାଇ ନଂ-୧ ଖେଳାଳି ହୋଇଛନ୍ତି।

■ ୧୯ ବର୍ଷରୁ କମ୍ ମହିଳା ଚ୍ୟାଲେଞ୍ଜର

ଟିମ୍-ସି'ରେ ଶ୍ରେୟା



ଭୁବନେଶ୍ୱର,୩୧।୧୦(ସମିସ): ଓଡ଼ିଶାର ଉଦୀୟମାନ କ୍ରିକେଟର ଶ୍ରେୟା ପ୍ରିୟଦର୍ଶିନୀ ବିସିସିଆଇ ଦ୍ୱାରା ଆୟୋଜିତ ହେବାକୁ ଥିବା ୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟୁର୍ଣ୍ଣାମେଣ୍ଟ ଲାଗି ଟିମ୍-ସି'ରେ ମନୋନୀତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ହିମାଚଳ ପ୍ରଦେଶର ବିଳାସପୁରଠାରେ ଅକ୍ଟୋବର ୩୦ରୁ ନଭେମ୍ବର ୫ ଯାଏ ଚାଲିବ। ଶ୍ରେୟାଙ୍କ ଚୟନ ସମ୍ପର୍କରେ ବିସିସିଆଇ ବିଳମ୍ବରେ ସୂଚନା ପ୍ରଦାନ କରିଛି।

■ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଭଲିବଲ

କିଟ୍ ଚାମ୍ପିଅନ, ଉତ୍କଳ ଚତୁର୍ଥ



ଭୁବନେଶ୍ୱର,୩୧।୧୦(ସମିସ): ପଶ୍ଚିମବଙ୍ଗର ଆଦାମ୍‌ସ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ ଚାମ୍ପିଅନସିପ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିଅନ ହୋଇଥିଲାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନରେ ରହିଛି। କିନ୍ତୁ ଉଭୟ ଦଳ ସର୍ବଭାରତୀୟ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେମିଫାଇନାଲ ମୁକାବିଲା ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯାଇଥିଲା। ଏଥିରେ ଉତ୍କଳ, ଆୟୋଜକ ଆଦାମ୍ସ ଓ ମିଥିଳା ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ୨ଟି ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। କିଟ୍ ସବୁଠାରୁ କମ୍ ସେଟ୍‌ରେ ହାରିଥିବାରୁ ପ୍ରଥମ, ଆଦାମ୍ସ ଦ୍ୱିତୀୟ, ମିଥିଳା ତୃତୀୟ ଓ ସମସ୍ତ ଲିଗ୍ ମ୍ୟାଚ୍ ହାରିଥିବା ଉତ୍କଳ ଚତୁର୍ଥ ସ୍ଥାନରେ ରହିଥିଲା। କିଟ୍ ଟାଇଟଲ ବଜାୟ ରଖିଥିବାରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପୁରୁଷ ଭଲିବଲ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

ରାଜ୍ୟ ସିନିଅର ର୍‍ୟାଙ୍କିଙ୍ଗ୍ ବିଲିଆର୍ଡସ

ସୁବ୍ରତଙ୍କୁ ହରାଇ ଆଶୁତୋଷ ଚାମ୍ପିଅନ

ଭୁବନେଶ୍ୱର,୩୧।୧୦(ସମିସ)




ରାଜ୍ୟର ନମ୍ବର ୧ ଖେଳାଳି ଆଶୁତୋଷ ପାଢ଼ୀ ରାଜ୍ୟ ସିନିଅର ର୍‍ୟାଙ୍କିଙ୍ଗ୍ ବିଲିଆର୍ଡସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କଟକର ସିଡିଏସ୍ଥିତ ଜିକେ ସ୍ନୁକର କ୍ଲବ୍ ପରିସରରେ ରବିବାର ଅନୁଷ୍ଠିତ ଏକତରଫା ଫାଇନାଲରେ ଆଶୁତୋଷ ୪-୦ ଫ୍ରେମ୍‌ରେ ସିନିଅର ଖେଳାଳି ତଥା ଗୁରୁ ସୁବ୍ରତ ଦାସଙ୍କୁ ପରାସ୍ତ କରି ଶିଷ୍ୟ ଆଶୁତୋଷ ଟାଇଟଲ ବଜାୟ ରଖିଛନ୍ତି। ଏହି ମୁକାବିଲାକୁ ଆଶୁତୋଷ ୧୫୦-୧୨୬, ୧୫୨-୯୪, ୧୫୦-୪୭, ୧୫୦-୯୯ ପଏଣ୍ଟରେ ପରାସ୍ତ କରିଥିଲେ। ତୃତୀୟ ଫ୍ରେମ୍‌ରେ ଆଶୁତୋଷ ୧୦୭ ବ୍ରେକ୍‌ପଏଣ୍ଟ ପାଇଥିଲେ। ସୁବ୍ରତ ଲଢୁଆ ଖେଳିଥିଲେ ମଧ୍ୟ ଆଶୁତୋଷ ଏପରି ପ୍ରାଧାନ୍ୟ ବିସ୍ତାର କରିଥିଲେ ଯେ, ତାଙ୍କୁ ସମଗ୍ର ମ୍ୟାଚ୍‌ରେ କୌଣସି ସୁଯୋଗ ଦେଇ ନ ଥିଲେ। ସିନିଅର ବିଲିଆର୍ଡ୍ସ ଟୁର୍ଣ୍ଣାମେଣ୍ଟରେ ଆଶୁତୋଷଙ୍କର ଏହା ୭ମ ଟାଇଟଲ। ଗତକାଲି ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ସୁବ୍ରତ ୩-୦ରେ ବିଶେଷ ସିଂହାଲଙ୍କୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ଆଶୁତୋଷ ମଧ୍ୟ ୩-୦ ଫ୍ରେମ୍‌ରେ ଚିରଞ୍ଜୀବ ସିଂଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

ବିଲିଆର୍ଡସ ଟୁର୍ଣ୍ଣାମେଣ୍ଟ ଆଜି ଶେଷ ହୋଇଥିଲାବେଳେ ସ୍ନୁକର ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଆଜିର ମୁକାବିଲାରେ ବରୁଣ ନାଏକ ଜବରଦସ୍ତ ଖେଳି ଚନ୍ଦ୍ରପ୍ରକାଶ ମହାନ୍ତିଙ୍କୁ ୩-୨ ଫ୍ରେମ୍‌ରେ ପରାସ୍ତ କରିଥିଲେ। ବରୁଣଙ୍କ ଖେଳ ଉଚ୍ଚକୋଟୀର ହୋଇଥିଲା। ଅନ୍ୟ ମୁକାବିଲାରେ ଜ୍ଞାନରଞ୍ଜନ ବେହେରାଙ୍କୁ ୩-୦ରେ ହରାଇ ଜ୍ଞାନରଞ୍ଜନ ଶତପଥୀ, ରାହୁଲ ଗୁପ୍ତାଙ୍କୁ ୩-୦ରେ ହରାଇ ଆକାଶ ମହାପାତ୍ର ଏବଂ ଅନୁଜ ପଣ୍ଡାଙ୍କ ବିପକ୍ଷରେ ୱାକ୍‌ଓଭର ପାଇ ସମୀର ଅଲି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୨୯ରୁ ଆରମ୍ଭ ହୋଇଥିଲାବେଳେ ନଭେମ୍ବର ୧୧ରେ ଶେଷ ହେବ। କେବଳ ଦୀପାବଳୀର ପୂର୍ବ ଓ ପରଦିନକୁ ମିଶାଇ ମୋଟ ୩ ଦିନ ଖେଳ ବନ୍ଦ ରହିବ। ସ୍ନୁକର ଟୁର୍ଣ୍ଣାମେଣ୍ଟ ଶେଷରେ ପୁରସ୍କାର ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ପ୍ରକାଶ କରିଛନ୍ତି।

■ ଜାତୀୟ ସିନିଅର ମହିଳା ଟି-୨୦

କ୍ରମାଗତ ଚତୁର୍ଥ ମ୍ୟାଚ୍ ହାରିଲା ଓଡ଼ିଶା

ଭୁବନେଶ୍ୱର,୩୧।୧୦(ସମିସ): ମୋହାଲିଠାରେ ଚାଲିଥିବା ଜାତୀୟ ସିନିଅର ମହିଳା ଟି-୨୦ କ୍ରିକେଟରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ବରୋଦା ନିକଟରୁ ଓଡ଼ିଶା ୭ ୱିକେଟରେ ପରାଜିତ ହୋଇଛି। ଏହା ଫଳରେ ଦଳ ୪ଟି ମ୍ୟାଚ୍ ଖେଳି ୪ଟିଯାକରେ ପରାଜିତ ହୋଇଛି। ଆଜିର ମୁକାବିଲାରେ ସୁଶ୍ରୀ ଦିବ୍ୟଦର୍ଶିନୀ ୨୦ବଲ୍‌ରେ ୪୧ ଓ ମାଧୁରୀ ମେହେଟା ୩୯ ବଲ୍‌ରେ ୩୫ ରନ୍ କରିବା ପରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୮ ୱିକେଟରେ ୧୨୫ ରନ୍ କରିଥିଲା। ଜବାବରେ ବରୋଦା ୧୮.୧ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅମ୍ରିତା ଯୋଶେଫ ୪୪ ଓ ଅରୁନ୍ଧତି ୪୦ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ଜ୍ୟୋତି ପ୍ରସାଦ ୨ଟି ଓ ସୁଶ୍ରୀ ଗୋଟିଏ ୱିକେଟ ପାଇଥିଲେ।

ସିବିଏସ୍‌ଇ ଜାତୀୟ ଜିମ୍ନାଷ୍ଟିକ୍ସରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ସଫଳତା

ଦିବ୍ୟାଂଶଙ୍କୁ ତିନି, ଦିବ୍ୟାଞ୍ଜଳିଙ୍କୁ ଦୁଇ ପଦକ



ଭୁବନେଶ୍ୱର, ୩୧।୧୦(ସମିସ): ପୁଣେର ଲୋଣାଭାଲାଠାରେ ଅନୁଷ୍ଠିତ ସିବିଏସ୍‌ଇ ଜାତୀୟ ଜିମ୍ନାଷ୍ଟିକ୍ ଚାମ୍ପିଅନ୍‌ସିପ୍-୨୦୨୬ରେ ଭୁବନେଶ୍ୱର ସମେଇଗଡ଼ିଆସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ପ୍ରତିଯୋଗୀମାନେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଏକାଡେମୀର ଦିବ୍ୟାଂଶ ପାଣିଗ୍ରାହୀ ତିନିଟି ଏବଂ ଦିବ୍ୟାଞ୍ଜଳି ମହନ୍ତ ଦୁଇଟି ପଦକ ଜିତିଛନ୍ତି। ଅକ୍ଟୋବର ୨୬ରୁ ୩୧ ଯାଏଁ ଏସ୍‌ଏନ୍‌ବିପି ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଏକାଡେମୀର ପାଞ୍ଚଜଣ ଜିମ୍ନାଷ୍ଟ ଭାଗ ନେଇଥିଲେ। ପୁରୁଷ ବିଭାଗରେ ଦିବ୍ୟାଂଶ ଓ ଯଶରାଜ ମହାନ୍ତି ଏବଂ ମହିଳା ବିଭାଗରେ ଦିବ୍ୟାଞ୍ଜଳି, ସନନ୍ଦା ପ୍ରଧାନ ଓ ସରନ୍ୟା ମିଶ୍ର ଅଂଶଗ୍ରହଣ କରିଥିଲେ। ଦିବ୍ୟାଂଶ ଭଲ୍ଟିଂ ଟେବୁଲ୍‌ରେ ୯.୯୦ ପଏଣ୍ଟ ସହ ରୌପ୍ୟ, ପୋମେଲ୍ ହର୍ସରେ ୯.୧୦ ପଏଣ୍ଟ ସହ କାଂସ୍ୟ ଏବଂ ଅଲ୍‌ରାଉଣ୍ଡରେ ୩୭.୫୦ ପଏଣ୍ଟ ସହ କାଂସ୍ୟ ପଦକ ଜିତିଛନ୍ତି। ସେହିପରି ଦିବ୍ୟାଞ୍ଜଳି ଫ୍ଲୋର୍ ଏକ୍ସରସାଇଜ୍‌ରେ ୧୦.୨୦ ପଏଣ୍ଟ ସହ ରୌପ୍ୟ ଏବଂ ଅଲ୍‌ରାଉଣ୍ଡରେ ୩୪.୭୫ ପଏଣ୍ଟ ସହ କାଂସ୍ୟ ପଦକ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦିବ୍ୟାଂଶ ୨୦୨୫ରେ ମଧ୍ୟ ପୋମେଲ୍ ହର୍ସରେ କାଂସ୍ୟ ପଦକ ଜିତିଥିଲେ। ଏକାଡେମୀର ଅଧ୍ୟକ୍ଷା ମୀରା ରାଣୀ ଦାସ କୃତୀ ଜିମ୍ନାଷ୍ଟ, ପ୍ରଶିକ୍ଷକ ଅନିଲ ପରିଡ଼ା ଓ ଶତ୍ରୁଘ୍ନ ସ୍ୱାଇଁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY